
ତୃଷ୍ଣା-15

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ଦ୍ୱିତୀୟ ମହକ ❊ ଚତୁର୍ଥ ପୁଷ୍ପ ❊ ଦ୍ୱିତୀୟ ପାଖୁଡ଼ା ❊ ପଞ୍ଚଦଶ ସଂଖ୍ୟା ❊


ସଂପାଦକ : କେଶବଦାସ

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।

ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❊ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❊

❀ କେଶବାବ୍ଦ : ପଞ୍ଚଚତ୍ୱାରିଂଶତ୍ ❀ ଅଗ୍ନ୍ୟୁତ୍ସବ ମାସ ❀ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ❀

# ପ୍ରବେଶ ପରିଚିତି

❀ ଚତୁର୍ଥ ପୁଷ୍ପ ❀
ଦ୍ୱିତୀୟ ପାଖୁଡ଼ା
ପଞ୍ଚଦଶ ସଂଖ୍ୟା

ପୁନଃମୁଦ୍ରଣ-୨୦୧୧

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ବିଷୟ ପୃଷ୍ଠାଙ୍କ

**ଅରୁଣ ସ୍ତମ୍ଭ**
ମଙ୍ଗଳାଚରଣ ୧
ଶ୍ରୀପାଦୁକା ସ୍ତୁତି ୧
**ସିଂହଦ୍ୱାର**
ଅଥଶ୍ରୀ ଗୁରୁଦେବାଷ୍ଟକମ୍ ୨
ସଂଗୀତଟିଏ ଭାବଭକ୍ତିର ୩
**ମୁଖଶାଳା**
ସଂପାଦକୀୟ ୪
**ଶ୍ରୀମନ୍ଦିର**
ଆମର ଲକ୍ଷ୍ୟ : ଚରମପ୍ରାପ୍ତି ୫
ସାଷ୍ଟାଙ୍ଗ ପ୍ରଣାମ ସମ୍ପର୍କରେ
ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ ୭
ମାଳିକାରୁ ଉଦ୍ଧୃତାଂଶ (ଭ୍ରମର ସଂହିତା-୨୭ ଅଧ୍ୟାୟରୁ)
ପୁରାଣ ପୃଷ୍ଠାରୁ (ଗଳ୍ପାଂଶ)
ଶ୍ରୀକୃଷ୍ଣଙ୍କ ଦ୍ୱାରା କିରାତସେନ ର ଶିରଚ୍ଛେଦନ
ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନାରୁ : ମୋହ
ନିତ୍ୟ ସାତ୍ତ୍ୱିକ ଓ ଅନିତ୍ୟ ସାତ୍ତ୍ୱିକ ମୋହ ୧୧
**ଗରୁଡ ସ୍ତମ୍ଭ**
ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ୧୪
ନାରୀ ନରକର ଦ୍ୱାର (?)
ବାଲ୍ୟକାଳୁ ଧର୍ମଧନ ସଞ୍ଚୟ କରି ୧୬
ପ୍ରଭୁ ମୋର ବଡ ଦୟାଳୁ
ଉତ୍ତିଷ୍ଠିତଃ ! ଜାଗ୍ରତଃ !! ୧୮
ଭାବ ଡୋରିରେ ବନ୍ଧା ଭାବଗ୍ରାହୀ
ଜିଜ୍ଞାସା : ଜିଜ୍ଞାସୁ : ୨୨
(ଦଶ ମୋଦକରୁ) ଶିକ୍ଷାଗତ ଯୋଗ୍ୟତା ନ ମାପିବା - ରତ୍ନବେଦୀ
ସମ୍ଭବାମି ଯୁଗେ ଯୁଗେ ୨୫
ଜନନୀ ଜଠର ଜରାୟୁ
କଲ୍ୟାଣ ହେଲି ତୋତେ ୨୮
କେଶବ କୈବଲ୍ୟ କଣିକା ୩୧
ମାଳିକାରୁ ଉଦ୍ଧୃତାଂଶର ବ୍ୟାଖ୍ୟା ୩୩
ପୁରାଣରୁ ଗଳ୍ପାଂଶର ମୀମାଂସା ଖଣ୍ଡ ୩୫
**ନୀଳଚକ୍ର**
'ଚରମ'ର ସଂକେତ ୩୯
ସଂଘ ସମ୍ବାଦ ଓ ଶାଖା ପରିଚିତି ୪୧
ଆଶ୍ରମ ସନ୍ଦେଶ ୪୫

## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



| | |
|---|---|
| ମୂଳାଧାର କର୍ଣ୍ଣଧାର | ସ୍ୱାଧୀଷ୍ଠାନେ ସ୍ୱାଧୀନ । |
| ମଣିପୁର ପୁରୋହିତ | ଅନାହତ ପ୍ରବୀଣ ।। |
| ବିଶୁଦ୍ଧରେ ଶୁଦ୍ଧଚିତ | ଆଜ୍ଞାଚକ୍ର ଅନୁଜ୍ଞା । |
| ସହସ୍ରାର ସାର ଏକା | ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।। |

# ଅରୁଣ ସ୍ତମ୍ଭ



## ମଙ୍ଗଳାଚରଣ

ଧ୍ୟାୟନ୍ତି ଯଂ ସୁରଗଣାଃ ହୃଦୟେ ତୁ ଭକ୍ତ୍ୟା,
ରାତ୍ରିନ୍ଦିବଂ ଭଜାମହେ ବୟମତ୍ର ନିତ୍ୟମ୍ ।
ତତ୍ ପାଦପଙ୍କଜଦ୍ୱୟଂ ହରତୁ ନଃ ପାପମ୍,
ରକ୍ଷାଂକରେତୁ ଜଗତଃ ସଚରାଚରସ୍ୟ ॥

## ଶ୍ରୀ ପଦ ପାଦୁକା ସ୍ତୁତି

ଜୟ ଶ୍ରୀପଦପାଦୁକା ଜୟ ଗୁରୁସ୍ୱାମୀ ।
ଜୟ ପ୍ରଭୁପାଦ ଦେବ ଜୟ ଅନ୍ତର୍ଯ୍ୟାମୀ ॥୧॥
ଜୟ ଶ୍ରୀପଦପାଦୁକା ଜୟ ନାରାୟଣ ।
ଜୟ ଅଗତିର ଗତି ଭକ୍ତ ପରାୟଣ ॥୨॥
ଜୟ ଶ୍ରୀପଦପାଦୁକା ଭକ୍ତଜନ ନାବ ।
ଜୟ ସଂସାର ତାରଣ ପାଦେ ଦିଅ ଠାବ ॥୩॥
ଜୟ୍ ଶ୍ରୀପଦପାଦୁକା ଅନାଥର ନାଥ ।
ଜୟ ଅନାଦି ଅନନ୍ତ ଅଜାତର ଜାତ ॥୪॥
ଜୟ ଶ୍ରୀପଦପାଦୁକା ଭକ୍ତ ଚିନ୍ତାମଣି
ଜୟ ପରମ ଈଶ୍ୱର ସର୍ବଗୁଣ ଖଣି ॥୫॥
ଜୟ ଶ୍ରୀପଦପାଦୁକା ବିପଦ ଭଞ୍ଜନ ।
ଜୟ ବିପତ୍ତିତାରଣ ଗରବଗଞ୍ଜନ ॥୬॥
ଜୟ ଶ୍ରୀପଦପାଦୁକା ସେବା କର୍ମମୂଳ
ଜୟ ଭକ୍ତ ଉଦ୍ଧାରଣ ବିଭୂତିର ଠୁଳ ॥୭॥
ଜୟ ଶ୍ରୀପଦପାଦୁକା ଧ୍ୟାନର ଧାରଣା ।
ଜୟ ଧେୟ ଲୟ ପ୍ରଭୁ ପାବନର ବାନା ॥୮॥
ଜୟ ଶ୍ରୀପଦପାଦୁକା ପତିତପାବନ ।
ଜୟ ମୁକ୍ତି ମୋକ୍ଷପ୍ରଦ ଚରମ ନିର୍ବାଣ ॥୯॥
ଜୟ ଶ୍ରୀପଦପାଦୁକା ନରନାରାୟଣ ।
ଜୟ ଆପଦ ତାରଣ ବିପଦ ବାରଣ ॥୧୦॥
ଜୟ ଶ୍ରୀପଦପାଦୁକା ହୃଦୟଦେବତା ।
ଜୟ ଅରକ୍ଷ ରକ୍ଷକ ଉଦ୍ଧାର କରତା ॥୧୧॥
ଜୟ ଶ୍ରୀପଦପାଦୁକା ଆନନ୍ଦ ସାଗର ।
ଜୟ ଶରଣଦ ପ୍ରଭୁ ଅଭୟ ଆକର ॥୧୨॥
ଜୟ ଶ୍ରୀପଦପାଦୁକା ସର୍ବଜ୍ଞାନ ଦାତା ।
ଜୟ ଭକ୍ତିପ୍ରଦ ଦେବ ବ୍ରହ୍ମାଣ୍ଡ ଦେବତା ॥୧୩॥
ଜୟ ଶ୍ରୀପଦପାଦୁକା କରୁଣାର ସିନ୍ଧୁ ।
ଜୟ କୃପା ପାରାବାର ଭକ୍ତଜନ ବନ୍ଧୁ ॥୧୪॥
ଜୟ ଶ୍ରୀପଦପାଦୁକା ସୃଷ୍ଟି ସ୍ଥିତି ଲୟ ।
ଜୟ ତ୍ରିଗୁଣରହିତ ଅଜର ଅଭୟ ॥୧୫॥
ଜୟ ଶ୍ରୀପଦପାଦୁକା ସର୍ବସିଦ୍ଧି ଦାତା ।
ଜୟ ବିଭୂତି ଭୂଷଣ ମୁକତି କରତା ॥୧୬॥
ଜୟ ଶ୍ରୀପଦପାଦୁକା ଶରଣ ରକ୍ଷଣ ।
ଜୟ ଅଭୟଦପ୍ରଭୁ ଚରଣେ ଶରଣ ॥୧୭॥
ଜୟ ଶ୍ରୀପଦପାଦୁକା ସୁକାନ୍ତି ତନୟ ।
ଜୟ ଶ୍ରୀ ଯଦୁନନ୍ଦନ ଦୂରକର ଭୟ ॥୧୮॥
ଜୟ ଶ୍ରୀପଦପାଦୁକା ସତ୍‌ସଙ୍ଗ ସଖା ।
ଜୟ ଭକତ ବତ୍ସଳ କର କୂଳ ରକ୍ଷା ॥୧୯॥
ଜୟ ଶ୍ରୀପଦପାଦୁକା କୃତାଞ୍ଜଳି ପ୍ରିୟ ।
ଜୟ ତ୍ରିତାପବାରଣ ଜୟ ପ୍ରଭୁ ଜୟ ॥୨୦॥
ଜୟ ଶ୍ରୀପଦପାଦୁକା ସ୍ୱର୍ଣ୍ଣକ୍ଷେତ୍ରାଧୀଶ ।
ଜୟ ସର୍ବଜନାଦୃତ 'କଅ' 'ଅବ' 'ଇଶ' ॥୨୧॥
ଜୟ ଶ୍ରୀପଦପଦୁକା ଶ୍ରୀପାଦୁକା ଜୟ ।
ଜୟ ଶ୍ରୀପଙ୍କଜପଦ ପ୍ରଭୁପାଦ ଜୟ ॥୨୨॥




## ଅଥ ଶ୍ରୀ ଗୁରୁ ଦେବାଷ୍ଟକମ୍ !!

ଅସୀମ ଭବସାଗର ତାରଣ ହେ,
ଅଜ୍ଞାନ ଘୋର ତିମିର ବାରଣ ହେ ।
ଅନନ୍ତ ମହିମା ତବ ବେଦ ଭଣେ,
ଗୁରୁ ପରଂ ବ୍ରହ୍ମ ଦୟାକର ଦୀନେ ॥୧॥

ଅନାଥର ନାଥ ତୁମେ ଚଉବାହା,
ଅବ୍ୟକ୍ତ ମଣ୍ଡଳେ ତୁମେ ଏକା ସାହା ।
ଅଚ୍ୟୁତ ବ୍ରହ୍ମ ଶଙ୍କର ଭବ ଭଣେ,
ଗୁରୁ ପରଂ ବ୍ରହ୍ମ ଦୟାକର ଦୀନେ ॥୨॥

ଅଖିଳ ଲୋକ ନୟନମଣ୍ଡନ ହେ,
ଅବାରିତ ଯମଦଣ୍ଡ ଖଣ୍ଡନ ହେ ।
ଅହରହ ଜ୍ୟୋତିଃ ରୂପେ ଜାଗ ପ୍ରାଣେ,
ଗୁରୁ ପରଂବ୍ରହ୍ମ ଦୟାକର ଦୀନେ ॥୩॥

ଅଦ୍ଭୁତ କୁଣ୍ଡଳିନୀ ନିଦ୍ରାତେଜି,
ଅହରହ ଜାଗେ ମମ ପ୍ରାଣେ ଆଜି ।
ଅବାଡ ଛାୟାରେ ତବ ରୂପ ଧ୍ୟାନେ,
ଗୁରୁ ପରଂବ୍ରହ୍ମ ଦୟାକର ଦୀନେ ॥୪॥

ଅଣିମା ମହିମା ତବ ସାର୍ଥକ ହେ,
ଅଶେଷ ରୋଗବିକାର ନାଶକ ହେ ।
ଅବଳ ପତିତାଧମ ମନୁଗଣେ,
ଗୁରୁ ପରଂବ୍ରହ୍ମ ଦୟାକର ଦୀନେ ॥୫॥

ଅହମିକା ପ୍ରଭାବ ବିମର୍ଦ୍ଦକ ହେ,
ଅଭିମାନ କାମନା ନିବାରକ ହେ ।
ଅହିଂସା ଶାନ୍ତିଦାୟକ ପୂଣ୍ୟ ଜନେ,
ଗୁରୁ ପରଂବ୍ରହ୍ମ ଦୟାକର ଦୀନେ ॥୬॥

ଅଶେଷ ବାସନା ମମ କର ଦୂର,
ଅଭିଳାଷ ତବପଦେ ପରାପୂର ।
ଅନୁସରି କର୍ମଯୋଗ ଶୁଦ୍ଧମନେ,
ଗୁରୁ ପରଂବ୍ରହ୍ମ ଦୟାକର ଦୀନେ ॥୭॥

---

ପ୍ରକାଶ ଥାଉକି ଏହି 'ଶ୍ରୀ ଗୁରୁଦେବାଷ୍ଟକମ୍' ପ୍ରତ୍ୟେକ ଶାଖାରେ ସତ୍ ସଙ୍ଗ ବୈଠକରେ ଗାନ କରିବା ନିମନ୍ତେ ପ୍ରଭୁପାଦ ଗୁରୁସ୍ୱାମୀ ଅନୁମତି ପ୍ରଦାନ କରିଅଛନ୍ତି ॥

## ସଂଗୀତଟିଏ : ଭାବଭକ୍ତିର -

ସ୍ୱର୍ଣ୍ଣକ୍ଷେତ୍ରରେ ଭିଡ ଲାଗିଛି ଭକ୍ତ ଶିଷ୍ୟଙ୍କର । ଅଗଣିତ ଅନୁଗତ ପ୍ରତିଦିନ ପ୍ରାତଃରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଠାକୁରଙ୍କର ପଦ୍ମପାଦ ଦର୍ଶନ କରି ପ୍ରଣାମଟିଏ ଜଣାଇବା ପାଇଁ ବ୍ୟାକୁଳ । ପ୍ରତୀକ୍ଷାର ଅନ୍ତ ନାହିଁ, ଦର୍ଶନ ମଧ୍ୟ ମିଳିଯାଉଛି ଭାବଗ୍ରାହୀଙ୍କର । ଶିଷ୍ୟତ୍ୱ ଏଯାବତ୍ ଗ୍ରହଣ ନ କରିଥିବା ଜଣେ ଅନୁଗତ ଦିବ୍ୟାତ୍ମାଙ୍କର ପ୍ରଥମ ଦର୍ଶନରେ ହିଁ ଭକ୍ତବତ୍ସଳ ଠାକୁର ତାଙ୍କୁ ଧରା ଦିଅନ୍ତି । ଅନୁଗତ ଦିବ୍ୟାତ୍ମା ଜଣକ ଏହି ଭାବଭକ୍ତିର ସଂଗୀତରେ ଧରି ରଖନ୍ତି ପରମ ପ୍ରେମମୟ ଠାକୁରଙ୍କୁ । ସଂଗୀତଟିର ପଦ୍‌କ୍ତିରେ ଅନୁରଣିତ ଭାବଭକ୍ତିର ରସଘନ ମୂର୍ଚ୍ଛନା । ପାଠକ/ଗ୍ରାହକ ମାନଙ୍କର ଭକ୍ତିପୂତ ହୃଦୟରେ ପ୍ରୀତି ପାରିଜାତର ମହକ ଭରିଦେଉ ଏହି ସଂଗୀତଟି ।।

---ସଂପାଦକ---

ତୁମେ ଶାନ୍ତ ସରଳ ଶିଶୁଟିଏ
ତୁମେ ଦୁଃଖୀ ଦୁଃଖ ହରା ହସୁଟିଏ,
ତୁମେ ପୁଣ୍ୟଫଳର ରସୁଟିଏ
ତୁମେ ସବୁଭାବନାର ଶେଷୁଟିଏ ।।୦।।

ତୁମେ ସାଧନାର ସିଦ୍ଧ ସାଧୁଟିଏ
ତୁମେ ଦରଦୀମନର ବନ୍ଧୁଟିଏ,
ତୁମେ ଅନନ୍ତ ଅସୀମ ସିନ୍ଧୁଟିଏ
ତୁମେ ଭକତର କୃପା ବିନ୍ଦୁଟିଏ ।।୧।।

ତୁମେ ଯାମିନୀର ପୂର୍ଣ୍ଣ ଇନ୍ଦୁଟିଏ
ତୁମେ କାମିନୀର ସାର ବିନ୍ଦୁଟିଏ,
ତୁମେ କ୍ଲାନ୍ତର ସୁଖ ନିଦୁଟିଏ
ତୁମେ ସୁଧାଝରା କଥା ପଦୁଟିଏ ।।୨।।

ତୁମେ ମନ ବଡଦାଣ୍ଡ ରଥୁଟିଏ
ତୁମେ ଅନାଥଲୋକର ନାଥୁଟିଏ,
ତୁମେ ଜୀବନର ଶୁଭ ପଥୁଟିଏ
ତୁମେ ଭକତି ଭାବର ଗୀତୁଟିଏ ।।୩।।

ତୁମେ ଜଗତ ଯାକର ଜଣୁଟିଏ
ତୁମେ ମୁକ୍ତିର ତୁଳସୀ ବଣୁଟିଏ,
ତୁମେ ସତ୍ୟଶାନ୍ତି କ୍ଷମା ଗୁଣୁଟିଏ
ତୁମ ଇଚ୍ଛାର ମୁଁ ମାତ୍ର ଅଣୁଟିଏ ।।୪।।

---

ଆଡଦୀର୍ଘ ବେନି ସମାନ କରି,
ସାତରେ ଗୁଣି ପାଞ୍ଚରେ ହରି,
ଫଳ ଯାହା ରହେ ଅବଶେଷ,
ସେତିକି ଖୋଳ -
ସେଠାରେ ଯାହା ଅଛି ଜାଣେ ନନ୍ଦ ଶିଷ୍ୟ ।।

# ମୁଖଶାଳା

## ସମ୍ପାଦକୀୟ

''ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।
ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟ ସ୍ତଥା ।।'' (ଗୀତା ୭ମ ଅ: ୬ଷ୍ଠ ଶ୍ଳୋକ)

ମୋର ଏହି ଦୁଇ ପ୍ରକୃତିରୁ ଜଡ଼ ଓ ଚେତନ ସମସ୍ତ ଭୂତ (ସ୍ଥାବର ଜଙ୍ଗମାତ୍ମକ ସକଳ ଜଗତ୍) ଉତ୍ପନ୍ନ ହୋଇଛି ଏହା ଧାରଣା କର । ମୁଁ ମଧ୍ୟ ନିଖିଳ ଜଗତର ଉତ୍ପତ୍ତି ଓ ଲୟର କାରଣ - ଅର୍ଥାତ୍ ଉକ୍ତ ପ୍ରକୃତି ଦ୍ୱୟର ସାହାଯ୍ୟରେ ମୁଁ ଜଗତର ଏହି କାରଣ ସ୍ୱରୂପ ।। ମୋର ଏହି ପ୍ରକୃତି ଦ୍ୱୟ (ପରା ପ୍ରକୃତି ଓ ଅପରା ପ୍ରକୃତି) ମୋ ଠାରୁ ଉତ୍ପନ୍ନ । ଅତଏବ୍ ମୁଁ ହିଁ ପ୍ରକୃତି ସହିତ ସମସ୍ତ ଜଗତର ପ୍ରଭବ । ପ୍ରଭବ ଶବ୍ଦର ଅର୍ଥ : ଯାହାଠାରୁ ପ୍ରକୃଷ୍ଟ ରୂପେ ଉତ୍ପନ୍ନ ହୁଏ । ଅର୍ଥାତ୍ ପରମ କାରଣ ମୁଁ ପ୍ରଳୟ ସଂହାର କର୍ତ୍ତା । ଋଗ୍ ବେଦାନ୍ତର୍ଗତ ପୁରୁଷ ସୂକ୍ତମ୍‌ରେ ଅଛି :

''ଏତାବାନସ୍ୟ ମହିମାତୋ ଜ୍ୟାୟାଂଶ୍ଚ ପୁରୁଷ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ।।''

ଅର୍ଥାତ୍ : ଏ ସମସ୍ତହିଁ ତାଙ୍କର ମହିମା ମାତ୍ର, ବାସ୍ତବତଃ ବସ୍ତୁତଃ ସେହି ପୁରୁଷ ଏହି ମହିମାଠାରୁ ମଧ୍ୟ ଅତିଶୟ ଶ୍ରେଷ୍ଠ, କାଳତ୍ରୟବର୍ତ୍ତୀ ସମସ୍ତଜୀବ ଓ ଜଗତ ତାଙ୍କର ଏକପାଦ (ଏକ ଚତୁର୍ଥାଂଶ) ମାତ୍ର ଏବଂ ତାଙ୍କର ଅବଶିଷ୍ଟ ତ୍ରିପାଦ ଅବିନାଶୀ ସ୍ୱପ୍ରକାଶ ରୂପରେ ଅବସ୍ଥିତ ରହିଅଛି ।

''ଏତଦାଲମ୍ବନଂ ଶ୍ରେଷ୍ଠମେତଦାଲମ୍ବନଂ ପରମ୍ । ତଦାଲମ୍ବନଂ ଜ୍ଞାତ୍ୱା ବ୍ରହ୍ମଲୋକେ ମହୀୟତେ ।।'' କଠ ଉପନିଷଦ୍ : ୧।୨।୧୭।। ସେହିଁ ଓଁ କାର ରୂପେ ମହତ୍ତମ ଅବଲମ୍ବନ, ସେହି ପରମବ୍ରହ୍ମ ଓ ଅପରବ୍ରହ୍ମ ଏହି ଉଭୟସ୍ୱରୂପ । ଏହି ବ୍ରହ୍ମ ରୂପକ ଅବଲମ୍ବନକୁ ଜାଣି ସାଧକ ବ୍ରହ୍ମ ଲୋକରେ ମହୀୟାନ ହୁଅନ୍ତି ।।

''ଏକତଃ ପୂର୍ଣ୍ଣପରଂବ୍ରହ୍ମଙ୍କୁ ସଂପୂର୍ଣ୍ଣ ଅବଲମ୍ବନକାରୀ ସାଧକ, ଭକ୍ତ, ଶିଷ୍ୟ ବହୁଲୋକଙ୍କର ବହୁଳ ଗୋଳ ଦ୍ୱନ୍ଦ୍ୱ ମଧ୍ୟରେ ପଦ୍ମପାଦକୁ ଏକାଗ୍ର ଲୟ ରଖି ନୀରବ ରହେ, ଦୂରେଇ ରହେ । ଦ୍ୱିତୀୟତଃ ଅହଂକାରୀ, ଦର୍ପୀ, ଗର୍ବୀ, ଅସ୍ମିତାସର୍ବସ୍ୱ ଲୋକ ପଦ୍ମପାଦରେ ଲୟ ରଖି ନପାରି ନାନାଦୀ ଉଚ୍ଚ ପଦ ପଦବୀ ପ୍ରତି ସ୍ଥୂଳତଃ ଆକୃଷ୍ଟ ହୋଇ ହିଂସା, ପ୍ରତିହିଂସା, ପ୍ରତିଶୋଧ ପରାୟଣ ହୁଏ । ଫଳତଃ ଆପଣାର କୁତ୍ସିତଇଚ୍ଛା ପୂରଣ କରିବା ଅଭିପ୍ରାୟରେ ନାନା ଛନ୍ଦ, କପଟ, ଛଳନାଦିର ଆଶ୍ରୟ ନେଇଥାଏ । ତା'ର ମନସ୍ଥ ଭାବ କ୍ରମେ କଦର୍ଯ୍ୟ ଭାଷାରେ ପ୍ରକାଶ ପାଏ । ଆଚରଣ ନ ଥାଇ ବହୁ ଉଚ୍ଚ ସ୍ୱରରେଆପଣାର କୁଭାବ ସମୂହକୁ କୁଭାଷାରେ ଉଚ୍ଚାରଣ କରି ଆପଣାର ଅହଂକାର ସେବିତ ଦର୍ପ ଓ ଗର୍ବକୁ ରାବଣ, ଦୁର୍ଯ୍ୟୋଧନ ଭଳି ବାହାସ୍ଫୋଟ ମାରି ଭୀମ ଘୋର ଗର୍ଜନରେ ରୂପାନ୍ତରିତ କରି ଆତ୍ମପ୍ରସାଦ ଲାଭ କରେ । ସଦାଚାରୀ ଭଳି ଛଳ ଭେକ ଧରି ସରଳ ବିଶ୍ୱାସୀ ଧର୍ମ ଜିଜ୍ଞାସୁ ମାନଙ୍କଠାରୁ ସମ୍ମାନ ଦାବୀ କରେ । ଶାସ୍ତ୍ରାନୁମୋଦିତ କର୍ମ ପନ୍ଥା ଗ୍ରହଣ କରିବାକୁ ବିମୁଖ ହୋଇ ପ୍ରତିପତ୍ତି ଦେଖାଇବାଭଳି କାର୍ଯ୍ୟ ପନ୍ଥା ପ୍ରତି ଉନ୍ମୁଖ ହୁଏ । ଅଶାନ୍ତ ଆତ୍ମା ଭଳି ରଣଭଣ ହୋଇ ଅଶାନ୍ତିକର ପରିବେଶ ଓ ବିଷାକ୍ତ ବାୟୁମଣ୍ଡଳ ସୃଷ୍ଟି କରି ଶାନ୍ତିର ମାର୍ଗ ଧାରଣ ନିମନ୍ତେ ଉଦ୍‌ଯୋଗ କରେ ।

ଓଷ୍ଠଣ ଭାଷା ଓ ବ୍ୟବହାର କୌଣସି ଅଧ୍ୟାତ୍ମବାଦୀ ଠାରୁ ଆଶା କରାଯାଏ ନାହିଁ । ଓଜିଆ ଓଜିର ଆଳ ଦେଖାଇ ଶ୍ରୀ ଗୁରୁଙ୍କର ଈପ୍‌ସିତ କାର୍ଯ୍ୟରେ ବାଧା ସୃଷ୍ଟିକାରୀଙ୍କୁ କଦାପି ଅଧ୍ୟାତ୍ମବାଦୀ ବୋଲି କୁହାଯାଏ ନାହିଁ । ଓଲମ୍ ବିଲମ୍‌ରେ ମୂଳ ସମସ୍ୟାର ସମାଧାନ ସମ୍ଭବ ନୁହେଁ । ଓଟରା ଓଟରୀରେ ମଧ୍ୟ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠା ସମ୍ପୂର୍ଣ୍ଣ ଅସମ୍ଭବ । ଓଜରିଆ କେବେ ବି ଓଜସ୍ୱଳ ହୋଇପାରିନାହିଁ ।

ଔପୃତ୍ତିକ ତ୍ୟାଗକରି ଔପ୍ରାନ୍ତିକ କର୍ମ ପ୍ରବାହ, କୁବାକ୍ୟ ଓ କଦାଚରଣରେ ବା କି ପ୍ରୟୋଜନ ! ଔତ୍ସୁକ୍ୟରେ ଔଦାସୀନତା ହିଁ ଔଦ୍ଧତ୍ୟର ଧାରକ, ପାଳକ, ପୋଷକ । ଔପରିକ ମତାଦିକୁ ଔରସ୍ତ୍ର ହିଁ ଖଣ୍ଡନ କରେ, କରିପାରେ । ଔଷରପ୍ରିୟ ଠାରେ ପୀୟୂଷ ହୁଏ ଈପ୍‌ସୀତ ହୋଇ ନପାରେ ।

ଅଳମତି ବିସ୍ତରେଣ !
ବିନୀତ,
କେଶବଦାସ ବୃନ୍ଦାବନ ।
ସଂପାଦକ, 'ଚରମ' ।।

# ଶ୍ରୀମନ୍ଦିର

## ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ପ୍ରଭୁପାଦ ଗୁରୁସ୍ୱାମୀ ଠାକୁରେ ଆମର ଚିର ମଙ୍ଗଳମୟ । ତାଙ୍କରି ମଙ୍ଗଳମୟ ଇଚ୍ଛାରୁ ଆମ୍ଭେମାନେ ପୂର୍ବ ପ୍ରାରବ୍ଧ ବଳରୁ ଟାଣି ହୋଇ ଆସୁଛୁ ତାଙ୍କର ମଙ୍ଗଳମୟ ପବିତ୍ର ପଦ୍ମପାଦ ପାଠକୁ । ସ୍ୱଇଚ୍ଛାରେ ସ୍ୱତଃ ପ୍ରବୃତ୍ତ ହୋଇ ତାଙ୍କୁ ଗୁରୁ ରୂପେ ବରଣ କରି ଶିଷ୍ୟତ୍ୱ ଗ୍ରହଣ କରିଛୁ । ଶିଷ୍ୟ ଶବ୍ଦର ମୂଳଧାତୁ 'ଶାସ୍', ଅର୍ଥାତ୍ ଶାସନର ଯୋଗ୍ୟ ଏବଂ ଯେ ଗୁରୁଙ୍କର ଅନୁଶାସନ ନିର୍ବିଚାରରେ ଗ୍ରହଣ କରିନିଏ ସେହିଁ ପ୍ରକୃତରେ ଶିଷ୍ୟ ପଦବାଚ୍ୟ ।*

*ଶିଷ୍ୟତ୍ୱ ବରଣ କରିଆମ୍ଭେମାନେ ତାଙ୍କଠାରୁ ମନ୍ତ୍ର ଗ୍ରହଣ କରିଛୁ, ଗ୍ରହଣ କରିଛୁ ଦୀକ୍ଷା । ଏହି ଗୃହୀତ ଦୀକ୍ଷାହିଁ ଆମ୍ଭର ସମାଧାନର ଧାରା । ସନ୍ଦେଶ ପତ୍ରର ଶପଥ ଅନୁସାରେ ଆମ୍ଭମାନଙ୍କୁ ପ୍ରତ୍ୟହ ଏହି ଧର୍ମଧାରା ଓ ଅଭ୍ୟାସ ଯୋଗ ନୀତି ନିଷ୍ଠାର ସହିତ ସଞ୍ଜ ସକାଳେ ଅଭ୍ୟାସ କରିବାକୁ ହିଁ ହେବ । ଏହି ଧାରାର ଗୋଟିଏ ଅଙ୍ଗ ସାଷ୍ଟାଙ୍ଗ ପ୍ରଣାମ ।*

*ଖାଲି ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରିଦେଲେ ତ ହୋଇଯାଏ ନାହିଁ । ବୁଝିବାକୁ ହୁଏ ଏହାର ଅନ୍ତର୍ନିହିତ ତତ୍ତ୍ୱ ଓ ମହାତ୍ମ୍ୟ । ଅଗଣିତ ସନ୍ଦେଶ ପତ୍ର ଧାରୀ ଭାଇ ଭଉଣୀ ଏବଂ ଆଗ୍ରହୀ ଅନୁସନ୍ଧିତ୍ସୁ ଅନୁଗତ ମାନଙ୍କର ସନ୍ଦେହ ମୋଚନ କରି ତତ୍ତ୍ୱ ଜ୍ଞାନର ସ୍ଫୁରଣ ନିମନ୍ତେ 'ଚରମ'ର ଅଧିକାଂଶ ସଂଖ୍ୟାରେ ସାଷ୍ଟାଙ୍ଗ ପ୍ରଣାମର ତତ୍ତ୍ୱ ଓ ମହାତ୍ମ୍ୟ ସମ୍ପର୍କୀୟ ଲେଖା 'ଚରମ'ର ପୃଷ୍ଠା ମଣ୍ଡନ କରି ଆସୁଛି ॥*

## ଚତୁର୍ଦ୍ଦଶ ସଂଖ୍ୟା ପୂର୍ବାନୁସ୍ମୃତିରୁ - ଯୁଗୋପଯୋଗୀ ସାଧନା ଓ ସାଷ୍ଟାଙ୍ଗ ପ୍ରଣାମର ମହାତ୍ମ୍ୟ :

''ଚୈତନ୍ୟ ଚେତନା ଦୁଆରେ ଉଭା । କୁଣ୍ଡଳିନୀ ଜାଗେ ଭାଙ୍ଗଇ ସଭା ॥

ଚୈତନ୍ୟ : ଯାହାଙ୍କର ପ୍ରତିଭାର ପ୍ରକାଶରେ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ଆଲୋକିତ ହୋଇ ବିକଶିତ ହୁଅନ୍ତି ତାହାକୁ ଏଠାରେ ଚୈତନ୍ୟ ବା ଚୈତନ୍ୟ ପୁରୁଷ ବୋଲି କୁହାଯାଉଛି ।

ଏହି ଚୈତନ୍ୟ ପୁରୁଷଙ୍କ ପ୍ରତିଭା ଜୀବ ଭିତରକୁ ପ୍ରବେଶ କରି ଚିତ୍ତହ୍ରଦର ଏକ କେନ୍ଦ୍ରକୁ ପ୍ରତିଫଳିତ ହୁଏ । ଏହି ଚିତ୍ତହ୍ରଦର ଉକ୍ତ କେନ୍ଦ୍ରକୁ ଚେତନା ଦୁଆର ବୋଲି ଏଠରେ କୁହଯାଉଛି । ଏହି ଚିତ୍ତ ହ୍ରଦର ଯେଉଁ କେନ୍ଦ୍ରକୁ ଚୈତନ୍ୟ ପୁରୁଷଙ୍କ ପ୍ରତିଭା ପ୍ରତିବିମ୍ବିତ ହୋଇ ଜୀବର ସମସ୍ତ କେନ୍ଦ୍ରକୁ ପ୍ରତିଭା ଯୋଗାଇଥାଏ ସେହି କେନ୍ଦ୍ରକୁ ତ୍ରିକୂଟ, ତ୍ରିବେଣୀ ବା ଜାଗତିକ କେନ୍ଦ୍ର ମଧ କୁହାଯାଏ । ଏହିଠାରେ ଜୀବ ତାହାର ଶରୀରସ୍ଥିତ ସମସ୍ତ ଅଙ୍ଗ ଅବୟବର ବିଷୟ ଗୁଡ଼ିକ ଅନୁଭବ କରି ଅନୁଭୂତିକୁ ଆଣିଥାଏ । ଏହାକୁ ମଧ୍ୟ ଅନୁଭୂତି କେନ୍ଦ୍ର କୁହାଯାଏ ।

ଏହି ଚେତନା ଦ୍ୱାରରେ ଚୈତନ୍ୟ ପୁରୁଷଙ୍କର ପ୍ରତିଭା ଉଦୟ ହୋଇ ଜୀବକୁ ସମସ୍ତ ବିଷୟର ଚେତନା ଯୋଗାଇଥାଏ । କିନ୍ତୁ ଶରୀରସ୍ଥିତ ପ୍ରକୃତିର ବିଷୟ ଭୋଗର ପ୍ରଭାବରେ ଚିତ୍ତହ୍ରଦ ପ୍ରଭାବିତ ହୋଇ ତରଙ୍ଗାୟିତ ହୋଇଥାଏ । ଏଣୁ ଚୈତନ୍ୟ ପୁରୁଷଙ୍କର ପ୍ରତଭା ଚିତ୍ତରେ ପ୍ରତିଫଳିତ ହେଲେ ମଧ ଚିତ୍ତର ତରଙ୍ଗାୟିତ ପ୍ରଭାବରେ ତାହା ତରଙ୍ଗାୟିତ ହୋଇ ସ୍ଥିର ଚେତନା ପ୍ରାପ୍ତ ହୋଇପାରେ ନାହିଁ । ଏଣୁ ଅଖଣ୍ଡ ଚୈତନ୍ୟ ଚିତ୍ତର ବିଷୟ ତରଙ୍ଗରେ ଖଣ୍ଡ ଖଣ୍ଡ ବିଦ୍ୟୁତ୍ ଝଲକ୍ ସୃଷ୍ଟି କରେ । ଏହି ଝଲକ୍‌ର ପ୍ରଭାବରେ ଜୀବ ଜକକା ହୋଇଯାଏ । ଯେପରି ଜକକା ଲୋକକୁ ଆଲୋକ ଥିଲେ ମଧ୍ୟ କିଛି ଦିଶେ ନାହିଁ । ଠିକ୍ ସେହିପରି ଚୈତନ୍ୟ ଚିତ୍ତରେ ପ୍ରକାଶ ହୋଇ ଶରୀରସ୍ଥିତ ସମସ୍ତ ଜାଗତିକ କେନ୍ଦ୍ରମାନଙ୍କୁ ଚେତନା ଯୋଗାଇଲେ ମଧ୍ୟ ମୂଳକେନ୍ଦ୍ର ଯଥା ଚିତ୍ତର ଚାଞ୍ଚଲ୍ୟ ଥିବାରୁ ସମସ୍ତ ଜାଗତିକ କେନ୍ଦ୍ରର ଚେତନା ଆଇ ମଧ୍ୟ କେନ୍ଦ୍ର ଗୁଡ଼ିକ ଅଚେତନ ହୋଇଯାଆନ୍ତି ।

ଏଣୁ ମଣିଷ ଭିତରେ ଦିବ୍ୟ ଚୈତନ୍ୟ ଥିଲେ ମଧ ଚୈତନ୍ୟ ପ୍ରଭାବରେ ପ୍ରକୃତି ମାନଙ୍କର ବିଷୟ ସହ ସଂଯୋଗ ହେତୁ ଚିତ୍ତ ପ୍ରଭାବିତ ହୋଇ ତରଙ୍ଗାୟିତ ହୋଇଥାଏ । ଯେପରି ପୂର୍ଣ୍ଣ ଚନ୍ଦ୍ରଲୋକର ପ୍ରଭାବରେ ସମୁଦ୍ରରେ

କୁଆର ଉଠି ସମୁଦ୍ରକୁ ତରଙ୍ଗାୟିତ କରିଥାଏ । ବିଷୟ ପ୍ରଭାବରେ ସମୁଦ୍ରରେ କୁଆର ଉଠି ସମୁଦ୍ରକୁ ଦରଙ୍ଗାୟିତ କରିଥାଏ । ବିଷୟ ପ୍ରଭାବରେ ଚିତ୍ତ ତରଙ୍ଗାୟିତ ହୋଇ ପୂର୍ଣ୍ଣ ଚୈତନ୍ୟଙ୍କର ପ୍ରତିଭାରୂପି ଆଲୋକ ଥିଲେ ମଧ୍ୟ ଜୀବ ଅନ୍ଧାରରେ ଅଣ୍ଡାଳି ହେଉଥାଏ । କୌଣସି ଉପାୟରେ ଯଦି ଚିତ୍ତ ବୃତ୍ତି ଗୁଡ଼ିକର ବିଷୟାକାର ତରଙ୍ଗ ଗୁଡ଼ିକୁ ନିୟନ୍ତ୍ରଣ କରାଯାଇପାରିବ ତାହାହେଲେ ଚିତ୍ତ ହ୍ରଦ ଆପେ ସ୍ଥିର ହୋଇଯିବ । ଚିତ୍ତ ସ୍ଥିର ହେଲେ ଚୈତନ୍ୟ ଚେତନା ଦ୍ୱାରରେ ଆପେ ସ୍ଥିର ହୋଇ ସମସ୍ତ ବିଷୟରେ ଚୈତନ୍ୟ ଉଦୟ ହେବ ।

ବର୍ତ୍ତମାନ ଚିତ୍ତବୃତ୍ତି ସକଳକୁ ନିୟନ୍ତ୍ରଣ କରିବାର ଉପାୟ କ'ଣ ? ଚୈତନ୍ୟଙ୍କୁ ଚେତନା ଦୁଆରରେ ଉଭା କରାଇବାକୁ ହେଲେ ''କୁଣ୍ଡଳିନୀ ଜାଗେ ଭାଙ୍ଗଇ ସତ୍ତା'' ଅର୍ଥାତ୍‌·କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଇପାରିଲେ ପ୍ରକୃତି ମାନଙ୍କର ବିଷୟାକାର ବୃତ୍ତିସକଳକୁ ତାର ନିଜସ୍ୱ ଦିବ୍ୟ ଶକ୍ତି କୁ ନିରୋଧ କରିଥାଏ ।

ଚୈତନ୍ୟ ଚିତ୍ତରେ ପ୍ରତିବିମ୍ବିତ ହୋଇ ଯେଉଁ କେନ୍ଦ୍ର ସୃଷ୍ଟି କରେ, ସେହି କେନ୍ଦ୍ରସ୍ଥିତ ଚୈତନ୍ୟଙ୍କର ଦୁଇଗୋଟି ପ୍ରକୋଷ୍ଠ ବା ଦ୍ୱାର ଅଛି । ଗୋଟିଏ ପ୍ରକୋଷ୍ଠକୁ ଯୁକ୍ତ ତ୍ରିବେଣୀ ଓ ଅନ୍ୟଟିକୁ ବିଯୁକ୍ତ ତ୍ରିବେଣୀ ବା କୁଣ୍ଡଳିନୀ ବୋଲି କୁହାଯାଏ ।

ଯୁକ୍ତ ତ୍ରିବେଣୀ : ଯୁକ୍ତ ତ୍ରିବେଣୀ ମଣିଷର ଜନ୍ମ ହେବାମାତ୍ରେ ଜାଗ୍ରତ ଓ କ୍ରିୟାଶୀଳ ହୋଇ ମନୁଷ୍ୟକୁ ଭୌତିକ ଓ ଜାଗତିକ ସମସ୍ତ ଦୁଃଖ ସୁଖକୁ ଅନୁଭବ କରାଇ ଅନୁଭୂତିକୁ ଆଣିଥାଏ ।

ବିଯୁକ୍ତ ତ୍ରିବେଣୀ : ମନୁଷ୍ୟ ଭିତରେ ବିଯୁକ୍ତ ତ୍ରିବେଣୀ ପ୍ରକୋଷ୍ଠଟି ଜନ୍ମରୁ ମୁଦ୍ରିତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ଶରୀରରେ ଥିଲେ ମଧ୍ୟ ବିନା ସାଧନାରେ ଜାଗ୍ରତ ବା ବିକଶିତ ହୋଇ ପାରେ ନାହିଁ । ଉକ୍ତ ବିଯୁକ୍ତ ତ୍ରିବେଣୀ ପ୍ରକୋଷ୍ଠରେ ଭୌତିକ ଜଗତର ସମସ୍ତ ଜାଗତିକ ଦୁଃଖ ସୁଖର ବିପରୀତ ଶାନ୍ତି ସନ୍ତୋଷ ରୂପି ମହାକୈବଲ୍ୟ ମନ ରହିଅଛି । ଯେଉଁ ମହାକୈବଲ୍ୟକୁ ପ୍ରାପ୍ତ ହେଲେ ମନୁଷ୍ୟ ଏହି ଭୌତିକ ଜଗତର ସମସ୍ତ ଜାଗତିକ ଦୁଃଖ ସୁଖକୁ ଭୁଲି ଯାଇ ନିତ୍ୟ ଶାଶ୍ୱତ ସତ୍ୟ ସନାତନ ବିଭୁଙ୍କର ଶାନ୍ତି ସନ୍ତୋଷ ରୂପି ମହାପ୍ରସାଦ ମାନ ଦାନ କରିଥାଏ ।

ବିଯୁକ୍ତ ତ୍ରିବେଣୀକୁ ସାଧନା ମାଧ୍ୟମରେ ଚୈତନ୍ୟ ଯୁକ୍ତ କରାଇ ଯୁକ୍ତ ତ୍ରିବଣୀକୁ ବିଯୁକ୍ତ କରିପାରିଲେ ମନୁଷ୍ୟ ଦିବ୍ୟ ଚୈତନ୍ୟ, ଦିବ୍ୟଶକ୍ତି, ଦିବ୍ୟଜ୍ଞାନ ଓ ମହା କୈବଲ୍ୟ ପ୍ରାପ୍ତ ହୋଇଥାଏ । ତଦ୍ ସଙ୍ଗେ ସଙ୍ଗେ ଜାଗତିକ ଗୃହରେ କ୍ରିୟାଶୀଳ ଥିବା ରିପୁ ସକଳଗୁଣ ଯୁକ୍ତ ପ୍ରକୃତି ଓ ଇନ୍ଦ୍ରିୟମାନେ ଭୌତିକ ବିଷୟାକାର ବହିର୍ମୁଖୀ ନିବୃତ୍ତ ହୋଇଥାଆନ୍ତି ।

ବର୍ତ୍ତମାନ ବିଯୁକ୍ତ ତ୍ରବେଣୀକୁ ଯୁକ୍ତ କରି ଯୁକ୍ତ ତ୍ରିବେଣୀକୁ ବିଯୁକ୍ତ କରିବାର ଉପାୟ କଣ ? ଏହି ଉପାୟକୁ ସିଦ୍ଧାନ୍ତ କରିଛନ୍ତି ଆମର ସିଦ୍ଧ ସାଧକ ଓ ଗୁରୁଅଙ୍ଗମାନେ ଏବଂ ନାନା ପ୍ରକାର ଉପାୟ ବାହାର କରିଛନ୍ତି ମଧ୍ୟ। କେହି କେହି ଯାଗ, ଯଜ୍ଞ, ତପ, ବ୍ରତ, ଉପାସନା, ପୂଜା, ପ୍ରାଣାୟାମ, ଧ୍ୟାନ ଧାରଣାର ସୂତ୍ର ମାନ ପର୍ଯ୍ୟାୟ କ୍ରମେ ଓ ଯୁଗାନୁବାଦରେ ଦେଇ ଯାଇଅଛନ୍ତି । ନିଜ ସାମର୍ଥ୍ୟକୁ ମାପି ସିଦ୍ଧଗୁରୁଙ୍କଠାରୁ ଯେ କୌଣସି ସୂତ୍ରକୁ ଧରିଲେ ଆମ୍ଭେ ଯୁକ୍ତ ତ୍ରିବେଣୀକୁ ବିଯୁକ୍ତ କରାଇ କୁଣ୍ଡଳିନୀକୁ ଜାଗ୍ରତ କରିପାରିବା ।

ବର୍ତ୍ତମାନ ଯୁଗର ପରିବେଶ ଓ ପରିସ୍ଥିତି ଏବଂ ମନୁଷ୍ୟର ପ୍ରାଣ ଶକ୍ତି ଓ ସାମର୍ଥ୍ୟର ବିଚାରକୁ ନେଇ ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀ ନିଷ୍ପତ୍ତି ଦେଉଛନ୍ତି କି ସାଷ୍ଟାଙ୍ଗ ପ୍ରଣାମ ସୂତ୍ର ମାଧ୍ୟମରେ ଯୁକ୍ତ ତ୍ରିବେଣୀକୁ ବିଯୁକ୍ତ ଓ ବିଯୁକ୍ତ ତ୍ରିବେଣୀକୁ ଯୁକ୍ତ କରି କୁଣ୍ଡଳିନୀକୁ ଜାଗ୍ରତ କରିପାରିବା । ଏହା ସାଷ୍ଟାଙ୍ଗ ପ୍ରଣାମ ମାଧ୍ୟମରେ କିପରି ହେଉଛି ?

ସାଷ୍ଟାଙ୍ଗ ପ୍ରଣାମ ସୂତ୍ରରେ,

''ଦ୍ୱାଦଶ ଆଙ୍ଗୁଳି ଭୂମିରୁ ନାଭି ।     ପ୍ରାଣାୟାମ ସୂତ୍ରେ ଶ୍ରୀଗୁରୁ ଭାବି ॥
ବ୍ରହ୍ମରନ୍ଧ୍ରେ ପ୍ରାଣ ପଶିବ ଯାଇ ।     ଚରମ ସ୍ଥାନକୁ ବାଟ ଫିଟଇ ॥''

ଏହିପରି ଆଙ୍ଗିକ ସାଧନ ସୂତ୍ର ଥିବାରୁ ସାଧନ ସମୟରେ ମେରୁଦଣ୍ଡକୁ ଭୂମି ଉପରେ ସମାନ୍ତରାଳ ଭାବରେ ସଳଖ ରଖି ଏବଂ ପ୍ରାଣାୟାମର କୁମ୍ଭକ ସୂତ୍ରରେ ଭୂମିଠାରୁ ଦ୍ୱାଦଶ ଆଙ୍ଗୁଳ ନାଭିକୁ ଟେକି ରଖିବା ଦ୍ୱାରା ମେରୁଦଣ୍ଡସ୍ଥିତ କୁଞ୍ଚୁ କୁଞ୍ଚିଆ ସୁଷୁମ୍ନା ନାଡି ଟାଣି ହୋଇ ସଳଖ ହୋଇଯାଏ । ଏବଂ କୁମ୍ଭକ ସୂତ୍ରରେ ବାୟୁର ଚାପ ମେରୁଦଣ୍ଡ ସ୍ଥିତ ଆଜ୍ଞାଚକ୍ର ଓ ମୂଳାଧାରସ୍ଥିତର କୁଣ୍ଡଳିନୀ ଉପରେ ପଡି ସଳଖ ହୋଇଥିବା ସୁଷୁମ୍ନା କାଣ୍ଡରେ କୁଣ୍ଡଳିନୀ ଶକ୍ତି ପ୍ରବାହିତ ହୋଇ ପ୍ରାଣକୁ ବ୍ରହ୍ମ ରନ୍ଧ୍ର ଦେଇ ସହସ୍ରାଧାରକୁ ନିକ୍ଷେପ କରିଥାଏ । ଯାହାକୁ ଆମେ ପିଣ୍ଡର ଚରମ ସ୍ଥାନ ବୋଲି

# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

**ଅଚ୍ୟୁତ ଉବାଚ :**

''ଶୁଣି କହନ୍ତି ନିରାକାର । ଶୁଣ ଅଚ୍ୟୁତ ଭକ୍ତବର ।।
ଭଲାଯେ ଗଣ୍ଠି କଥା ମାନ । ମୋତେ ପଚାରୁଅଛ ପୁଣ ।।
ସ୍ୱରୂପ କଥା ଦେଖାଇବି । ହେତୁରେ ହୁଏ ଅନୁଭବି ।।
ପଣ୍ଡିତେ ଜାଣିବେ ଏ ଭାବ । ମୂର୍ଖଙ୍କୁ କେବେ ନ କହିବ ।।
ଯେବେ କହିବୁ ମୂର୍ଖ ପାଶ । ମୋର ଅମୃତେ ଦେବୁ ବିଷ ।।''

'ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍'ର ଆଠଗୋଟି ସଂଗଠନ ମଧ୍ୟରୁ 'ସାହିତ୍ୟ ସଂସଦ୍ ଅନ୍ୟତମ ଅଙ୍ଗ । ଏହାର ବହୁମୁଖୀ ଆଭିମୁଖ୍ୟ ମଧ୍ୟରୁ ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ଅମର ରଚନା 'ମାଳିକା' ସମେତ ପଞ୍ଚସଖାମାନଙ୍କର ରଚନାରୁ ନିର୍ଭୁଲ ସଂକଳନ ଏବଂ ତାତ୍ତ୍ୱିକ ବ୍ୟାଖ୍ୟା ପ୍ରଚାର ପ୍ରସାର କରିବା ଅନ୍ୟତମ । ଏହି ଉଦ୍ଦେଶ୍ୟରେ ''ଚରମ''ର ପ୍ରତ୍ୟେକ ସଂଖ୍ୟାରେ ଏହି ସ୍ତମ୍ଭରେ ନିୟମିତ ଧାରାବାହିକ ଭାବରେ 'ମାଳିକା'ର ଉଦ୍ଧୃତାଂଶ ପତ୍ରସ୍ଥ ହୋଇଆସୁଅଛି । ପତ୍ରସ୍ଥ ହୋଇଆସୁଅଛି 'ମାଳିକା' ଉଦ୍ଧୃତାଂଶର ତାତ୍ତ୍ୱିକ ବ୍ୟାଖ୍ୟା । ଯୋଗିପ୍ରସୁ ମାନଙ୍କର ଯୋଗମାର୍ଗ ନିର୍ଦ୍ଧାରଣ ଏବଂ ଯୌଗିକ ପ୍ରକ୍ରିୟାରେ ଉଦୟ ହେଉଥିବା ବହୁ ସନ୍ଦେହ ମୋଚନରେ ପିଣ୍ଡତତ୍ତ୍ୱମତରେ 'ମାଳିକା' ଉଦ୍ଧୃତାଂଶର ସରଳ ବ୍ୟାଖ୍ୟାର ଉପଯୋଗିତା ଅନସ୍ୱୀକାର୍ଯ୍ୟ ।।

**କୁମର ସଂହିତା : ସପ୍ତବିଂଶ ଅଧ୍ୟାୟରୁ ଉଦ୍ଧୃତାଂଶ :**

ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ ।
ଅମର ପଦମାନ ଯେ କହିବା ବୁଝାଇ ।।୧।।
ପୃଥିବୀ ଆପତେଜବାୟୁ ଆବର ଆକାଶ ।
ପଞ୍ଚଭୂତ ଘେନିକରି ଏ ଦେହ ପ୍ରକାଶ ।।୨।।
ସମୀର ଯେ ପ୍ରାଣ ପାନ ସମାନ ଉଦାନ ।
ବ୍ୟାନକୁ ଘେନିଣ ପୁଣି ଏ ପଞ୍ଚପବନ ।।୩।।
ଆତ୍ମା ବୋଲି ଜ୍ଞାନ ଆତ୍ମା ଧ୍ୟାନ ଆତ୍ମା ଦୁଇ ।
ଜୀବ ଆତ୍ମା ପରମାତ୍ମା ତତ୍ତ୍ୱ ଆତ୍ମା କହି ।।୪।।
ମନ ଯେହୁ ସୁମନ ଯେ କୁମନ ବିମନ ।
ଅମନକୁ ଘେନିକରି ଏହୁ ପାଞ୍ଚ ମନ ।।୫।।
ତତ୍ତ୍ୱ ବୋଲି ଯାକୁ କହି ବୁଦ୍ଧି ଯେ ବିବେକ ।
ଆଶ୍ରୟକୁ ଘେନିକରି ଏ ପାଞ୍ଚ ଯେ ଏକ ।।୬।।
ବୀଜ ବୋଲି ରାମବୀଜ କାମବୀଜ କହି ।
ଧାମ ଯେ ପରମ ବୀଜ ପାଞ୍ଚବୀଜ ସେହି ।।୭।।
ସ୍ୱରଯେ ଏହାରି ବାବୁ ଏକାର ଓକାର ।
ଇକାର ଆକାର ଯେ ଉକାର ପଞ୍ଚସ୍ୱର ।।୮।।
ଏମନ୍ତ ଭେଦ ଏ ବାବୁ ଅଣାକାର ଛାନ୍ଦ ।
ଛାନ୍ଦକୁ ବୁଝିଲେ ନାଥ ତୁଟିଯିବ ଧନ୍ଦ ।।୯।।

ଉଦ୍ଧୃତାଂଶର ବ୍ୟାଖ୍ୟା ରତ୍ନବେଦୀର --୩୦, ୩୧-- ପୃଷ୍ଠାରେ ଦେଖନ୍ତୁ ।। -ସଂପାଦନା, 'ଚରମ'




# ଗଳ୍ପାଂଶ

*ଯାସ୍କ ନିରୁକ୍ତରେ ଲିପିବଦ୍ଧ ହୋଇଛି : ପୁରା ନବଂ ଭବତି - ଅର୍ଥାତ୍, ପୁରାଣ ଏକାଧାରରେ ପୁରାତନ ଏବଂ ନବୀନ ମଧ୍ୟ । ପ୍ରାଚୀନ ଭିତରୁ ଆତ୍ମାଟିର ଅନ୍ୱେଷଣ ହୋଇଥିଲେ ମଧ୍ୟ ନୂତନ ସେ, ଚିର ନୂତନ । ନୂଆ ଯୁଗର ଆହ୍ୱାନ ଶୁଣାଏ ଏହି ପୁରାଣ । ପୂର୍ବକାଳର ଘଟଣା ହେଲେ ମଧ୍ୟ, ପୁରାଣ ସର୍ବକାଳର, ପ୍ରାଚୀନ ଜ୍ଞାନ ଓ ବିଦ୍ୟା ପରମ୍ପରା କ୍ରମେ ପୁରାଣ ପୃଷ୍ଠାରେ ସୁରକ୍ଷିତ ରହି ଆସିଛି, ଆସୁଥିବ । ପ୍ରାଚୀନ କାଳରୁ ଏହାର ପ୍ରଚଳନ । ଏହା ଦେବ ଓ ବ୍ରାହ୍ମଣ କର୍ତ୍ତୃକ କଥିତ । ବେଦରୁ ଏହା ନିଃସରଣ, ତେଣୁ ଏହା ସର୍ବପାପକ୍ଷୟକାରକ । ପୁରାଣର ସବୁସ୍ଥଳରେ 'ପୁରାତନ' ଅର୍ଥଟି ମୁଖ୍ୟ ଅବଲମ୍ବନ ହୋଇଛି । ପୁରାଣର ପୃଷ୍ଠାରେ ଧର୍ମର ଅଭିବ୍ୟକ୍ତି ମଧ୍ୟ ଘଟିଛି । ଘଟିଛି ପରମାର୍ଥ ଓ ଅଧ୍ୟାତ୍ମ ଶିକ୍ଷାର ଅନ୍ତଃସ୍ରବଣ । ଯୋଗ ଦର୍ଶନର ଅନ୍ତଃସଲୀଳା ଧାରାପ୍ରବାହ ରହିଛି ପୁରାଣ ପୃଷ୍ଠାରେ । ପୁରାଣ ପୃଷ୍ଠାରୁ ଗଳ୍ପାଂଶ ସହିତ ମୀମାଂସା ତତ୍ତ୍ୱର ଯୁଗ ପତ୍ ପ୍ରଚାର କରିବା 'ତରମ'ର ଅନ୍ୟତମ ଆଭିମୁଖ୍ୟ ।*

*ସାରଳା ମହାଭାରତର ଭୀଷ୍ମପର୍ବରୁ ଗୃହୀତ :*

## ଶ୍ରୀକୃଷ୍ଣଙ୍କ ଦ୍ୱାରା କିରାତସେନର ଶିରଚ୍ଛେଦ ।।

ବିଲଙ୍କାଧିପତି ଅଗସ୍ତି ମୁନିଙ୍କ ପାଦରେ ପ୍ରଣତି ଜଣାଇ ପଚାରିଲେ : ହେ ସୁବିଜ୍ଞ ତପସ୍ୱୀବର ଅନୁଗ୍ରହ ପୂର୍ବକ ଏହାପରେ ଯାହା ହେଲା ତାହା ଦୟା କରିମୋତେ କୁହନ୍ତୁ । ଭୀଷ୍ମଙ୍କ କଥା ଶୁଣି କୁରୁପତି ଦୁର୍ଯ୍ୟୋଧନ ଆନନ୍ଦିତ ହୋଇ ଯୁଦ୍ଧକ୍ଷେତ୍ରରେ କଣ କଲା । ପ୍ରକୃତରେ କୌରବ ପାଣ୍ଡବଙ୍କ ମଧ୍ୟରେ ଯୁଦ୍ଧ ଲାଗିଲା କିମ୍ବା ସନ୍ଧି ସ୍ଥାପନ ହେଲା ବା ଆଉ କଣ ହେଲା ତାହା ସ୍ପଷ୍ଟ ଭାବରେ ମୋତେ କହି ମୋ ମନରୁ ସଂଶୟ ଦୂର କରନ୍ତୁ ।

ଅଗସ୍ତି ତହୁଁ କହିଲେ : ହେ ମନୁ ନରପତି, ମୁଁ ଯାହା କହୁଛି ମନ ଦେଇ ଶୁଣ । ଶୁଣିଲେ ତୁମ ମନରୁ ସନ୍ଦେହ ଦୂର ହୋଇଯିବ । ଭୀଷ୍ମଙ୍କ କଥା ଶୁଣି ମାନଚକ୍ରବର୍ତ୍ତୀ ଦୁର୍ଯ୍ୟୋଧନ ବୋଧ ହେଲା । ଯୁଦ୍ଧ ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ଉଭୟ ପକ୍ଷର ସୈନ୍ୟ ଓ ସେନାପତି ଏକ ସ୍ଥାନରେ ଠାବ କରିଥିବା ଅବସ୍ଥାରେ କିରାତ ନୃପତି କିରାତସେନ ସେ ସମୟରେ ସେଠାରେ ପ୍ରବେଶ କଲା । କିରାତସେନଙ୍କ ସହିତ ତା'ର ଅପାର କିରାତ ସୈନ୍ୟ ମଧ୍ୟ ଆସିଥାଆନ୍ତି ।

କିରାତସେନ ଆପଣାର ସୈନ୍ୟସହ ସେଠାରେ ପ୍ରବେଶ କରି କୁରୁପତି ଦୁର୍ଯ୍ୟୋଧନକୁ କହିଲା : ହେ ଦୁର୍ଯ୍ୟୋଧନ, ତୁମେ ମୋତେ ତୁମ ପକ୍ଷରୁ ସେନାପତି ରୂପେ ବରଣ କର । ବିଶ୍ୱାସ କର, ଗୋଟିଏ ମାତ୍ର ଶର ନିକ୍ଷେପ କରି ମୁଁ ମୁହୂର୍ତ୍ତକ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଓ ଅର୍ଜୁନଙ୍କୁ ଜିଣି ଯିବି । କିରାତ ରାଜାର ଏପରି ଆସ୍ଫାଳନ ବାକ୍ୟର ଉତ୍ତର ଦେଇ କୁରୁରାଜ ଦୁର୍ଯ୍ୟୋଧନ କହିଲା : ରେ କିରାତ, ତୁ ତ ରାଜେଶ୍ୱର ନୋହୁ । ସାମାନ୍ୟ କିରାତଟିଏ ହୋଇ କାହିଁକି ଏପରି ବୃଥା କଥା କହି ସମୟ ନଷ୍ଟ କରୁଛୁ ? ମୁଁ ଦେଖିବାକୁ ପାଉଛି ଯେ ତୋ ହାତରେ ଜାମଣାକାଠ ନିର୍ମିତ ଧନୁ, ଫିରିକିର ଶର ତୋ ତୂଣୀରରେ ରହିଛି । ଏପରି ନିକୃଷ୍ଟ ଅସ୍ତ୍ର ଶସ୍ତ୍ର ଧରି ଏତେ ବଡ଼ ପ୍ରତିଜ୍ଞା ତୁ କରୁଛୁ କିପରି ? ଦୁର୍ଯ୍ୟୋଧନର ହେୟବାକ୍ୟ ଶୁଣି କିରାତ ଉତ୍ତରରେ କହିଲା : ମନେରଖ ଦୁର୍ଯ୍ୟୋଧନ, ଏହି ଜାମଣା କାଠର ଧନୁ ଏବଂ ଫିରିକି କାଠର ଶର ଧରି ମୁଁ ଯୁଦ୍ଧ ଆରମ୍ଭ କଲେ, କ୍ଷଣ ମଧ୍ୟରେ ମୁଁ ଏକାକୀ ତ୍ରିଲୋକକୁ ଜିଣିଯାଇପାରିବି । ଦେଖ, ମୋ ପାଖରେ ମାତ୍ର ତିନିଗୋଟି ଶରଅଛି । ଏହି ତିନୋଟି ଶରରେ ମୁଁ ସ୍ୱର୍ଗର ଦେବତାମାନଙ୍କୁ ପାତାଳର ନାଗମାନଙ୍କୁ ଏବଂ ମର୍ତ୍ତ୍ୟଧାମର ମାନବଦାନବ ମାନଙ୍କୁ ଧ୍ୱଂସ କରିଦେଇପାରିବି । ସେ ସାମର୍ଥ୍ୟ ମୋର ଅଛି ।

ଦୁର୍ଯ୍ୟୋଧନ କିରାତ ରାଜାର ଏପରି ବାକ୍ୟଶୁଣି କଟୁବାକ୍ୟ ପ୍ରୟୋଗ କରି କହିଲା : ରେ କିରାତ, ତୁ କ୍ଷତ୍ରିୟ ଯୋଗ୍ୟ ନୋହୁ, ତେଣୁ ତୋତେ ସେନାପତି କରିବାର ପ୍ରଶ୍ନ ଉଠୁନାହିଁ । ମନେରଖ ମୁଁ ଯେବେ ପାଣ୍ଡବ ମାନଙ୍କୁ ଯୁଦ୍ଧରେ ଜିଣିପାରିବି ନାହିଁ, ତେବେ ତୋ ଶିରରେ ମୁକୁଟ ବାନ୍ଧିଦେବି । ମୋ ଜାଣିବାରେ ଅନିବାର ବିଷ, ଅବରଣୀୟ ମଧ୍ୟସ୍ଥ, ଅର୍ଥହୀନ କ୍ଷତ୍ରିୟ, ଶଠ ମିତ୍ର, ଅସତୀ ଭାର୍ଯ୍ୟା, ବିବାଦୀ ଭାଇଙ୍କୁ ବିଶ୍ୱାସ କରିବା ଅନୁଚିତ । ତୁ ମଧ୍ୟ ପିଙ୍ଗଳ ଏବଂ ମୂଢ଼ ଜାତି ଅଟୁ । ଏପରି ନୀଚ ଲୋକ ସହିତରେ ଆମ୍ଭେ ପ୍ରୀତି କରୁନାହିଁ । ଦୁର୍ଯ୍ୟୋଧନ ମୁହଁରୁ ଏପରି କଟୁ ବାକ୍ୟ ଶୁଣି ଫେରିଯାଉ ଯାଉ ପୁଣି କହିଲା : ଶୁଣ କୁରୁମଣି, ତୁମେ ଯେବେମୋତେ ସେନାପତି କରିଥାଆନ୍ତ, ମୁଁ ମୁହୂର୍ତ୍ତକ ମାତ୍ରେ ପାଣ୍ଡବ ମାନଙ୍କୁ ବଧ କରିଥାଆନ୍ତି । ବୋଧହୁଏ, ତୋର ଭାଗ୍ୟ/କର୍ମ ମନ୍ଦ ଅଟେ । ତେଣୁ ତୁମ୍ଭେ ମୋତେ ହତାଦର କରି ବାହୁଡାଇ ଦେଇ । ଏତକ କହି କିରାତ ରାଜା ସେଠାରୁ ପ୍ରସ୍ଥାନ କଲା ।

କିରାତ ରାଜା କ'ଣ ପାଇଁ ପାଣ୍ଡବଙ୍କ ସହିତ ଶତ୍ରୁତା କାମନା କରୁଥିଲା ବୋଲି ବୈବସ୍ୱତ ମନୁ ଅଗସ୍ତି ମୁନିଙ୍କୁ ପ୍ରଶ୍ନ କରିବାରୁ, ତପୀବର ଅଗସ୍ତି ଉତ୍ତର ଦେଇକହିଲେ : ହେ ମନୁରାଜ, ମନ ଦେଇ ତ୍ରେତୟା ଯୁଗର କଥା ଶୁଣ । ତ୍ରେତୟାଯୁଗରେ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀ ରାମଚନ୍ଦ୍ର ମହାବଳୀ ବାଳୀକୁ ବଧ କଲେ । ଏବେ ଦ୍ୱାପର ଯୁଗରେ ସେ ବାଳୀ ମର୍ତ୍ତ୍ୟପୁରରେ ଜନ୍ମହୋଇ କିରାତସେନ ନାମରେ ଖ୍ୟାତ ହେଲା । ପୂର୍ବ ଜନ୍ମର ବିବାଦ ହେତୁ ସେ ପାଣ୍ଡବ ମାନଙ୍କ ସହିତ ଶତ୍ରୁତା ଆଚରଣ କରୁଥିଲା । ଶ୍ରୀକୃଷ୍ଣ ଅର୍ଜୁନ ଇତ୍ୟାଦିଙ୍କୁ ବଧ କରି ପୂର୍ବ ଜନ୍ମର ବିବାଦ ହେତୁ ପ୍ରତିଶୋଧ ନେବାର କାମନା ପୋଷଣ କରି କୌରବ ପକ୍ଷରେ ଯୋଗଦେବାକୁ ମନ ବଳାଉଥିଲା । ତ୍ରେତାର ଅଙ୍ଗଦ ଦ୍ୱାପରରେ କିରାତସେନର ପୁତ୍ର ରୂପେ ଜରା ନାମରେ ଭୂମିଷ୍ଠ ହୋଇଛି । ଏହି ଜରା ଶବର ହାତରେଯଦୁନାଥ ବଧ ହେବେ ହିଁ ହେବେ । ପୂର୍ବ ଜନ୍ମର ପିତୃ ହନ୍ତାର ନିଧନ କରି ଜରା ଉପଯୁକ୍ତ ପ୍ରତିଶୋଧ ନେବେ ।

ମାନଚକ୍ରବର୍ତ୍ତୀ ଦୁର୍ଯ୍ୟୋଧନ କିରାତସେନଙ୍କୁ ସସୈନ୍ୟ ନିଜ ବାହିନୀରେ ଗ୍ରହଣ ନକରିବାରୁ ଏବଂ କିରାତରାଜାଙ୍କୁ ସେନାପତି ପଦରେ ବରଣ ନ କରି କଟୁବାକ୍ୟ କହି ବାହୁଡାଇ ଦେବାରୁ ପିତାପୁତ୍ର (କିରାତସେନ ଏବଂ ଜରା) କିରାତସେନାବାହିନୀ ସହିତ ପାଣ୍ଡବଙ୍କ ନିକଟକୁ ଗଲେ । ମହାବଳବାନ କିରାତ ନୃପତି ଯୁଧିଷ୍ଠିରଙ୍କୁ ପ୍ରଣାମ ଜଣାଇବା ପରେ ଧର୍ମରାଜ ଯୁଧିଷ୍ଠିର ତାଙ୍କୁ କୁଶଳବାର୍ତ୍ତା ପଚାରି ସମ୍ଭାଷଣ କଲେ ଏବଂ ଯୁଦ୍ଧ କ୍ଷେତ୍ରକୁ ଆସିବାର କାରଣ ପଚାରିଲେ ।

ଧର୍ମରାଜ ଯୁଧିଷ୍ଠିରଙ୍କର ପ୍ରଶ୍ନର ଉତ୍ତର ଦେଇ କିରାତରାଜା କିରାତସେନ କହିଲେ : ହେ ଧର୍ମଦେବ, ବଶୁ ଶବର ଗୋତ୍ରରେମୋର ଜନ୍ମ । ମୁଁ କୌଶିକ ଅରଣ୍ୟର ରାଜା ଅଟେ । ଏ ଯୁବକ ଜରା ମୋର ପୁତ୍ର । ଆମ୍ଭେ ଅରଣ୍ୟରେ ବିହାର କରୁ । ତୁମର ଓ କୌରବଙ୍କର ଯୁଦ୍ଧ କଥା ଶୁଣି ଆମେ ଯୁଦ୍ଧରେ ତୁମ ପକ୍ଷରେ ଯୋଗଦେବାକୁ ଆସିଛୁ । ଆମ୍ଭକୁ ବରଣ କଲେ ଆମ୍ଭେ ତୁମର ମନୋବାଞ୍ଛା ନିଶ୍ଚୟ ପୂର୍ଣ୍ଣ କରିବୁ । ତୁମର ଯେବେ ଧନ ସମ୍ପଦ ଓ ରାଜ୍ୟ ଭୋଗରେ ଇଚ୍ଛା ଅଛି, ତେବେ ମୋ ଶିରରେ ମୁକୁଟ ବାନ୍ଧି ମୋର ଯୁଦ୍ଧ କରିବାର ଇଚ୍ଛାକୁ ପୂରଣ କର । ଆମ୍ଭେ ଦୁଷ୍ଟନିସୂଦନ ଏବଂ ଦର୍ପ ଗଞ୍ଜନ ଅଟୁ । କିରାତରାଜାଙ୍କ ମୁଖରୁ ଏପରି ବାକ୍ୟ ଶୁଣିମହାବଳୀ ଭୀମ ଉପହାସ କରି କହିଲେ : ରେ କିରାତ ତୁମେ ଅଚ୍ଛୁବ, ତୁମେ ମ୍ଳେଚ୍ଛ ଜାତି ଏ ରଣ କ୍ଷେତ୍ରରେ କ୍ଷତ୍ରିୟମାନଙ୍କ ତୁଲେ ତୁମେ କି ରଣ କରିବ ? ଏ ଯୁଦ୍ଧରେ ଯୋଗଦେବା ପାଇଁ ଅଷ୍ଟାଦଶ ବଂଶର କ୍ଷତ୍ରିୟ ବୀର ଯୋଦ୍ଧାମାନେ ବରଣ ପାଇ ଆସିଅଛନ୍ତି । ଏପରି ସ୍ଥଳରେ ତୁମେ ବିନା ବରଣରେ ଏଠାକୁ ଯୁଦ୍ଧ କରିବା ଆଶାରେ ଆସିବାର କଣ ପ୍ରୟୋଜନ ଅଛି ?

ପବନ ପୁତ୍ର ଭୀମଙ୍କର ଏପରି କଥାରେ କିରାତରାଜା ଯୁଧିଷ୍ଠିରଙ୍କୁ କହିଲେ : ହେ ଧର୍ମରାଜ, ମୋ ପାଖରେ ମାତ୍ର ତିନିଗୋଟି ଫିରିକି ଶର ଅଛି । ଗୋଟିକରେ ସ୍ୱର୍ଗର ଇନ୍ଦ୍ରରାଜ ସହିତ ଦେବତାମାନଙ୍କୁ, ଦ୍ୱିତୀୟରେ ପାତାଳର ନାଗଲୋକଙ୍କୁ ଏବଂ ତୃତୀୟଟି ଦ୍ୱାରା ମର୍ତ୍ତ୍ୟମଣ୍ଡଳକୁ ମୁଁ ଅନାୟାସରେ ଜିଣିପାରେ । ଏହି ପରି ତିନୋଟି ଶରରେ ତିନି ଭୁବନକୁ ଜିଣିବାର କ୍ଷମତା ମୋର ଅଛି । ତେଣୁ ତୁମ୍ଭେମୋତେ ତୁମ୍ଭର ସେନାପତି ପଦରେ ବରଣ କର । ଧର୍ମପୁତ୍ର ଯୁଧିଷ୍ଠିର କିରାତସେନଙ୍କର ବାକ୍ୟ ଶୁଣି କହିଲେ : ହେ ମହାତ୍ମା, ତୁମ୍ଭେ ଯାହା ପ୍ରତିଜ୍ଞା କରି କହିଲ, ତାହା ସମ୍ପୂର୍ଣ୍ଣ ସତ୍ୟ ଅଟେ । ତଥାପି ତୁମ୍ଭକୁ ସେନାପତି କରିବା ମୋ ବିଚାରରେ ଉଚିତ ନୁହେଁ । କାରଣ ଯେଉଁ ବୀର ଆପଣାର ବାହୁବଳରେ ଶତ୍ରୁର ବିନାଶ କରେ, ସେ ସକଳ ସ୍ଥାନରେ ପ୍ରଶଂସା ଲାଭ କରେ । କୌରବ ଓ ପାଣ୍ଡବ ଆମ୍ଭେମାନେ ଏକ ସୋଦର ଭାଇ ହୋଇ ଆଜି ପରସ୍ପରର ଶତ୍ରୁ ହୋଇଛୁ । ତେଣୁ, ଏ ଯୁଦ୍ଧରେ ତୁମ୍ଭକୁ ବରଣ କରି କୌରବଙ୍କର ବିନାଶ କରିବାର ପ୍ରୟୋଜନ ନାହିଁ ।

ଧର୍ମନନ୍ଦନ ଯୁଧିଷ୍ଠିରଙ୍କର ନାସ୍ତିବାକ୍ୟ ଶୁଣି ଜରା ଏବଂ କିରାତ ସେନ ଦୁଇଜଣ ବାହୁଡିଗଲେ । ବାଟରେ ଯାଉ ଯାଉ ସେମାନଙ୍କର ହରି (ଶ୍ରୀକୃଷ୍ଣ) ଅର୍ଜୁନଙ୍କ ସହିତ ସାକ୍ଷାତ ହେଲା । ସେମାନଙ୍କୁ ଦେଖି ଗୋବିନ୍ଦ ପଚାରିଲେ : ବାବୁ,

ତୁମ୍ଭର ଘର କେଉଁଠି ? ମର୍ତ୍ତ୍ୟମଣ୍ଡଳରେ ତୁମ୍ଭକୁ କାହିଁ ମୁଁ ଦେଖିନାହିଁ । କିରାତରାଜା କିରାତସେନ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରି ପଦ୍ମପାଦ ପୂଜାକରି ପ୍ରଣାମ କଲେ ଏବଂ କହିଲେ : କୁରୁବଂଶ ନାଶ କରିବା ପାଇଁ ଆମ୍ଭେ ଆସିଥିଲୁ । ମାତ୍ର ଯୁଧିଷ୍ଠିର ମୋ ମଥାରେ ମୁକୁଟ ବାନ୍ଧିଲେ ନାହିଁ କିମ୍ବା ପଦରେ ବରଣ କଲେ ନାହିଁ । ମୁଁ କିନ୍ତୁ ତ୍ରିଲୋକକୁ ଜିଣିବାକୁ ସମର୍ଥ ଅଟେ । ପଣ୍ଡୁପୁତ୍ର ମୋର ସାମର୍ଥ୍ୟ ଜାଣନ୍ତି ନାହିଁ । ମୋର ଇଚ୍ଛା ଥିଲା ମୁଁ ଭାରତ ଯୁଦ୍ଧରେ ନିଜର ଦକ୍ଷତା ଦେଖାଇ ଥାଆନ୍ତି ଏବଂ ମାତ୍ର ଗୋଟିଏ ଶରରେ ସମଗ୍ର ମର୍ତ୍ତ୍ୟ ମଣ୍ଡଳକୁ ଜୟ କରିଥାଆନ୍ତି । ଏକାକୀ ମୁଁ ସପ୍ତ ବ୍ରହ୍ମାଣ୍ଡ ଜିଣିପାରିବି । ଏହି ଜରା କିରାତ ମୋର ପୁତ୍ର ଅଟେ । ମୁଁ ଏକାକୀ ଲକ୍ଷେ ରାଜାଙ୍କୁ ଜିଣିପାରେ । ମାତ୍ର ପାଣ୍ଡବମାନେ ମୋ ଶିରରେ ମୁକୁଟ ବାନ୍ଧିଲେ ନାହିଁ । ନିରାଶ କରି ଫେରାଇ ଦେଲେ ।

କିରାତସେନ ମୁହଁରୁ ଏପରି କଥା ଶୁଣି ପ୍ରଭୁ ଚକ୍ରପାଣି ହୃଦୟରେ ଚିନ୍ତାକରି ପାଣ୍ଡବବୀର ଅର୍ଜ୍ଜୁନଙ୍କ ସହିତ ଏକାନ୍ତରେ ବିଚାର କଲେ । ପାଣ୍ଡବମାନେ କିରାତମାନଙ୍କୁ ସେନାପତି ରୂପେ ବରଣ ନକରିବାରୁ ସେ ବାହୁଡି ଯାଉଥିଲେ । ଶ୍ରୀକୃଷ୍ଣ ଚିନ୍ତା କଲେ, ଯଦି ମାନଗୋବିନ୍ଦ ଦୁର୍ଯ୍ୟୋଧନ ଏହାକୁ ସେନାପତି କରେତେବେ ଭବିଷ୍ୟତରେ ମହା ଅସୁବିଧା ସୃଷ୍ଟି ହେବ । କାରଣ, ମହୀମଣ୍ଡଳରେ ଏହାର ସମକକ୍ଷ ଯୋଦ୍ଧା କେହି ନାହାନ୍ତି । ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ କହିଲେ : ହେ ହରି, ତୁମେ ତ ସର୍ବଜ୍ଞାତା, ଏ ସଂସାର ସାଗରରେ ତୁମେ ହିଁ ଏକମାତ୍ର କର୍ତ୍ତା । ତୁମରି ଆଶ୍ରୟରେ ଆମ୍ଭେମାନେ ବଞ୍ଚିରହିଛୁ । ତେଣୁ ଏହାର ଉପାୟ ତୁମ୍ଭେ ତୁରନ୍ତ କର । ଅର୍ଜ୍ଜୁନଙ୍କ ମୁହଁରୁ ଏକଥା ଶୁଣି ଶ୍ରୀକୃଷ୍ଣ କିରାତରାଜାଙ୍କୁ ପାଖକୁ ଡାକି କହିଲେ : ହେ ଦଣ୍ଡ ଧାରୀ, ଆମ୍ଭେ ତୁମ୍ଭକୁ କିଛି ମାଗିବାକୁ ଚାହୁଁଛୁ । ତୁମ୍ଭେ ସତ୍ୟ କର, ଆମ୍ଭେ ଯାହା ମାଗିବୁ ତାହା ତୁମ୍ଭେ ଦେବ । ତେବେ ଆମେ ତୁମ୍ଭର ମନୋବାଞ୍ଛା ଅବଶ୍ୟ ପୂର୍ଣ୍ଣ କରିବୁ ।

ଭଗବାନ ଶ୍ରୀକୃଷ୍ଣ କେଶବଙ୍କର ଏମନ୍ତ ବାକ୍ୟ ଶୁଣି କିରାତସେନ ତ୍ରିବାର ସତ୍ୟ କରି କହିଲା : ହେ ଚକ୍ରଧର ତୁମ୍ଭେ ଯାହା ମାଗିବ ତାହା ଅବଶ୍ୟ ଦେବାପାଇଁ ମୁଁ ଅଙ୍ଗୀକାର କରୁଅଛି । ଏବେ କାଳ ବିଳମ୍ବ ନ କରି ତୁମ୍ଭର ଇଚ୍ଛା ଯାହା ତାହା ମାଗ । ଶ୍ରୀ ଜଗନ୍ନାଥ କେଶବ ତହୁଁ ଅକୁଣ୍ଠିତ ଚିତ୍ତରେ ମାଗିଲେ : ରେ କିରାତରାଜ, ତୋ ନିଜ ହସ୍ତରେ ତୋ ମଥା ଗୋଟି କାଟି ମୋ ହସ୍ତରେ ଅର୍ପଣ କର । ଏହା କହି ଦକ୍ଷ ହସ୍ତ ହୋଇ ପ୍ରଭୁ ଶ୍ରୀକୃଷ୍ଣ ଦୁଇ ହାତ ଅଞ୍ଜଳି କରି ବଢ଼ାଇଲେ । ତହୁଁ କିରାତ କହିଲା : ପ୍ରଭୁ ତୁମେ ଯାହା ମାଗିଲ, ମୋ ବାଣୀର ସତ୍ୟତା ରକ୍ଷା କରି ମୁଁ ତୁମ୍ଭକୁ ତାହା ଦେବାକୁ ପ୍ରସ୍ତୁତ ଅଛି । ଏତକ କହି କିରାତସେନ ପଦ୍ମାସନରେ ବସି ହୃଦଗତେ ଶ୍ରୀ ନାରାୟଣ ଦେବଙ୍କୁ ଚିନ୍ତା କରି କହିଲା : ଆପଣା ଶ୍ରୀ ହସ୍ତରେ ମୋତେ ହାଣି ପକାଅ । ଦେବହରି ଆପଣା ଶ୍ରୀ ଭୁଜରେ ସୁଦର୍ଶନ ଧରି କିରାତସେନ ରାଜାର ବେକ ହାଣି ପକାଇଲେ । ମୁହୂର୍ତ୍ତକ ମଧ୍ୟରେ କିରାତସେନର ମୁଣ୍ଡ ଗଣ୍ଡି ଦୁଇଖଣ୍ଡ ହୋଇପଡିଲା । ତଥାପି ଶ୍ରୀମତ ନାରାୟଣଙ୍କ ଶ୍ରୀ ମୁଖକୁ ଚାହିଁ ମୁଣ୍ଡ ଉତ୍ତର ଦେଇ କହିଲା : ହେ ସ୍ୱାମୀ, ତୁମ୍ଭେ ତ୍ରେତୟା ଯୁଗରେ ବିଷ୍ଣୁ ଅଂଶରେ ଦଶରଥ ଘରେ ରାମ ଅବତାର ହୋଇ ଜନ୍ମ ହୋଇଥିଲ । ବନବାସ କାଳେ ଲଙ୍କାର ରାଜା ରାବଣ ସୀତାଙ୍କୁ ହରଣ କଲା । ତୁମେ ରାବଣକୁ ସବଂଶେ ବିନାଶ କରି ସୀତାଙ୍କୁ ଉଦ୍ଧାର କଲ । ସେ ଯୁଗରେ ମୁଁ କିଷ୍କିନ୍ଧାର ରାଜା ଥିଲି । ଏହି ଜରା ଶବର ସେତେବେଳେ ମଧ ମୋର ପୁତ୍ର ଅଙ୍ଗଦ ହୋଇ ଜନ୍ମ ହୋଇଥିଲା । ସେ ଜନମରେ ମୁଁ ଥିଲି ମହାବଳୀ ବାଳୀ । ତୁମେ ସେ ଜନ୍ମରେ ସୁଗ୍ରୀବ (ସତ୍ୟ ଯୁଗର ପୁଣ୍ଡରିକ୍ଷ) ସହିତ ମିତ୍ର ହୋଇ ମୋତେ ବଧ କଲ । କିନ୍ତୁ ସେ ଜନ୍ମରେ ତୁମ୍ଭ ଶ୍ରୀ ହସ୍ତରେ ମୁଁ ଚକ୍ର ଦେଖିନଥିଲି । ତୁମେ ବିନା ଯୁଦ୍ଧରେ ବାବଲା ଅସ୍ତ୍ର ଆଘାତରେ ମୋତେ ବଧ କଲ । ହେ ନାଥ, ସୌଭାଗ୍ୟରୁ ଏ ଜନ୍ମରେ ତୁମ୍ଭ ଶ୍ରୀଭୁଜରେ ଚକ୍ର ଦେଖିଲି । ଆଜି ପ୍ରସନ୍ନ ହୋଇ ତୁମ୍ଭେ ଚକ୍ର ଆଘାତରେ ମୋର ମସ୍ତକ ଛେଦନ କଲ । ହେ ପ୍ରଭୁ, ମୁଁ ଗୋଟିଏ କଥା ତୁମ୍ଭଙ୍କୁ ମାଗୁଛି - ଯେପରି ମୋର ଏହି ମସ୍ତକରେ ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଜୀବନ ଥିବ ।

କିରାତରାଜାର ଏହି ବାକ୍ୟ ଶୁଣି ଗୋବିନ୍ଦ ଶ୍ରୀକୃଷ୍ଣ ଆନନ୍ଦିତ ହୋଇ କହିଲେ : ରେ କିରାତ, ତୁ ଧନ୍ୟ । ତୁ ମୂର୍ତ୍ତିମନ୍ତ ହୋଇ ଯୁଗ ଯୁଗ ପାଇଁ ମୋର ଏହି ନନ୍ଦିଘୋଷ ରଥରେ ଆରୋହଣ କରି ରହ । ସମଗ୍ର ଜଗତରେ ସମସ୍ତେ ମୋ ରଥରେ ତୋର ମୂର୍ତ୍ତି ଦେଖନ୍ତୁ । ଯେଉଁ ବ୍ୟକ୍ତି ମୋ ରଥରେ ତୋ ମୁଖ ଦର୍ଶନ କରିବ, ତା'ର ସମସ୍ତ ଆପଦ ବିପଦ, ଦୁଃଖ କ୍ଳେଶ ଆଦି କଟିଯିବ । ସେହି ବ୍ୟକ୍ତି ମହାଆନନ୍ଦରେ ଆଜନ୍ମମରଣ କାଳାତିପାତ କରିବ । କୃଷ୍ଣଙ୍କ ଆଜ୍ଞା ପାଇ ବ୍ୟାଧ କିରାତର ଛିନ୍ନ ଶିର ଗୋଟି ରାହୁର ତେଜ ଧରି ରଥ ଉପରକୁ ଉଠିଗଲା । ପିତାର ନିଧନ ଦେଖି ଜରା ସେ ସ୍ଥାନ ତ୍ୟାଗକରି ନୀରବରେ ବାହୁଡି ଯାଇ ହର ଉଦ୍ୟାନରେ ଅବସ୍ଥାନ କଲା ।

ବି:ଦ୍ର : ପୁରାଣ ପୃଷ୍ଠାରୁ ଗଳ୍ପାଂଶର ମୀମାଂସା ଖଣ୍ଡ ''ରତ୍ନବେଦୀ''ର---(୩୨)---ପୃଷ୍ଠାରେ ପଢ଼ନ୍ତୁ ।
---ସଂପାଦନା---

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*''ଚରମ'' ପୃଷ୍ଠାରେ 'ମୋହ' ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ଆମର ଲକ୍ଷ୍ୟ । 'ମୋହ'ର ତାତ୍ତ୍ୱିକ ଆଲୋଚନା ହିଁ ମୁଖ୍ୟ ପ୍ରସଙ୍ଗ । ମୋହର ତତ୍ତ୍ୱ ଅତ୍ୟନ୍ତ ଗୁଢ଼ ଓ ଗୋପନୀୟ । ଏହାର ଗହନ ତତ୍ତ୍ୱ ଏଠାରେ ବିଭିନ୍ନ ଉଦାହରଣ ଓ ଆଖ୍ୟାୟିକା ମାଧ୍ୟମରେ ସାଧାରଣ ବୋଧଗମ୍ୟ କରିବା ପାଇଁ ପ୍ରୟାସ କରାଯାଇଅଛି । ଜୀବ ସ୍ଥୂଳ ବସ୍ତୁରେ ଓ ବସ୍ତୁର ଉପଭୋଗରେ ଜଡ଼ିତ ହେଲେ, ମୋହ ଜାଗେ । ଏତାଦୃଶ ଜଡ଼ିତ ଭାବରୁ ଜନ୍ମ ନିଏ ଆସକ୍ତି । ତୀବ୍ର ଆସକ୍ତି ହେତୁ ମୋହ ଜାତ ହୁଏ । ବିଭିନ୍ନ ପ୍ରକାରେ ଏହି ଆସକ୍ତ ସୃଷ୍ଟ ମୋହ ଆପଣାର ସ୍ଥିତି ଗ୍ରହଣ କରିଥାଏ । ଏହାହିଁ ସଂକ୍ଷେପରେ ମୋହର ସଂଜ୍ଞା ।*

*ସାଧନ ପଥରେ ସାଧକ ଭକ୍ତ ଗଣଙ୍କୁ ମୋହ ବହୁଭାବରେ ବାଧାଦିଏ । ଏହି ବାଧା ବିପତ୍ତିରୁ ସାଧକମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ 'ଚରମ' ପୃଷ୍ଠାରେ ମୋହ ପ୍ରସଙ୍ଗ ସ୍ଥାନ ପାଇଛି । ଧାରାବାହିକ ଭାବରେ ମୋହ ପ୍ରସଙ୍ଗରେ ତାତ୍ତ୍ୱିକ ଆଲୋଚନା କରାଯାଇଛି ।*

ପୂର୍ବାନୁବୃତ୍ତିରୁ...

## ନିତ୍ୟ ସାତ୍ତ୍ୱିକ ଓ ଅନିତ୍ୟ ସାତ୍ତ୍ୱିକ ମୋହ ।

ନିତ୍ୟ ସାତ୍ତ୍ୱିକ ମୋହର ସ୍ୱରୂପ ବୁଝାଇବାକୁ ଯାଇ ଠାକୁରେ ପୁରାଣ ପୃଷ୍ଠାରୁ **ଋଷ୍ୟଶୃଙ୍ଗ** ମୁନିଙ୍କର ଆଖ୍ୟାୟିକାଟିର ଅବତାରଣା କଲେ । **ବିଭାଣ୍ଡକ** ଋଷିଙ୍କର ପୁତ୍ର ଥିଲେ **ଋଷ୍ୟଶୃଙ୍ଗ** । ଯୁବକ **ଋଷ୍ୟଶୃଙ୍ଗ** ମୁନି ନବଯୌବନୀ ବେଶ୍ୟା **ଜରତାର** ମୋହରେ ପଡ଼ି ଯୋଗଭ୍ରଷ୍ଟ ହେଲେ । ଆପଣାର ସାଧନା ପଥ ନଷ୍ଟ କରି ନିତ୍ୟସାତ୍ତ୍ୱିକ ମୋହରେ ପଡ଼ି ସଂସାରୀ ହୋଇ ରହିଲେ । ସାଧକ ନିତ୍ୟସାତ୍ତ୍ୱିକ ମୋହରେ ମୋହିଗଲେ ସ୍ଥୂଳବାଦୀ ହୋଇ ମୂଢ଼ମତିତୁଲ୍ୟ ସାଧନା ଜଗତରେ ଉନ୍ନତି କରିପାରେ ନାହିଁ । ଯେ ପର୍ଯ୍ୟନ୍ତ ସାଧକର ସ୍ଥୂଳବୀଜ ନଷ୍ଟ ନ ହୋଇଅଛି, ସେ ପର୍ଯ୍ୟନ୍ତ ସେ ସ୍ଥୂଳବାଦୀ ହୋଇ ନିତ୍ୟସାତ୍ତ୍ୱିକ ମୋହରେ ପଡ଼ି ନାନାଦି କଷ୍ଟ ଅବଶ୍ୟ ଭୋଗ କରେ । ଏହାହିଁ ନିତ୍ୟସାତ୍ତ୍ୱିକ ମୋହର ସ୍ୱରୂପ ଅଟେ ।

ମାତ୍ର ଯେଉଁ ପ୍ରାଣୀ ସୂକ୍ଷ୍ମବାଦୀ, ତାକୁ ଏହି ନିତ୍ୟସାତ୍ତ୍ୱିକ ମୋହ ଲାଗେ ନାହିଁ । ବୌଦ୍ଧଜାତକରୁ ଉଦାହରଣ ଦେଇ ଠାକୁର ବୁଝାଇବାକୁ ଯାଇ କହିଲେ: **ସିଦ୍ଧାର୍ଥ ବୁଦ୍ଧଦେବଙ୍କର** ଏହି ପ୍ରସଙ୍ଗ ତୁଳନାତ୍ମକ ଭାବରେ ତଉଲି ଦେଖ । ନିର୍ବୀଜ ସମାଧିର ପୂର୍ବ ଅବସ୍ଥାରେ ଯୁବତୀ ଦେବକନ୍ୟାଗଣ **ବୁଦ୍ଧଙ୍କୁ** କୋଳାଗ୍ରତ କଲେ । ଉଲଗ୍ନ ହୋଇ **ବୁଦ୍ଧଙ୍କୁ** ଆଲିଙ୍ଗନ ଓ ଚୁମ୍ବନ କଲେ; ମାତ୍ର **ବୁଦ୍ଧଦେବ** ସୂକ୍ଷ୍ମବାଦୀ ହୋଇଥିବାରୁ ଏହି ଉଲଗ୍ନ ଯୁବତୀ ଦେବ କନ୍ୟାମାନଙ୍କର ସ୍ଥୂଳ ଶରୀରର ମୋହ ଆକର୍ଷଣରେ ନ ପଡ଼ି ସେମାନଙ୍କୁ ଛାଡ଼ି ଅନ୍ୟତ୍ର ଚାଲିଗଲେ । ମୋହର ବନ୍ଧନକୁ ଅକ୍ଳେଶରେ **ବୁଦ୍ଧଦେବ** ଅତିକ୍ରମ କରି ପରୀକ୍ଷାରେ ସର୍ବ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଗଲେ । ଫଳରେ ସେ ସାଧନା ପଥରେ ନିର୍ବୀଜ ସମାଧି ଅବସ୍ଥାରେ ଅବତୀର୍ଣ୍ଣ ହେଲେ । ଏହାପରେ ସେ **ବୋଧିସତ୍ତ୍ୱ** ନାମରେ ଖ୍ୟାତ ହେଲେ । ସେ ସୂକ୍ଷ୍ମବାଦୀ ଥିବାରୁ ନିତ୍ୟସାତ୍ତ୍ୱିକ ମୋହ ପାଶରୁ ମୁକ୍ତ ହୋଇ ତରିଗଲେ ।

# ଅନିତ୍ୟ ସାତ୍ତ୍ୱିକ ମୋହ

**ଶିଷ୍ୟ ଉବାଚ :**

ଅନିତ୍ୟସାତ୍ତ୍ୱିକ ମୋହଟି । ଶୁଣିବା ଏବେ ଏହି ଗୋଟି ।।
ଭୋ ଦେବ ! ପ୍ରାଞ୍ଜଳେ କହିବ । ମୋଠାରେ ଛଳ ନ କରିବ ।।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଗୁରୁଙ୍କ ସ୍ଥୂଳନୀତି ଧରି । ତା'କୁ ଅବଲମ୍ବନ କରି ।।
ସୂକ୍ଷ୍ମବୀଜକୁ ଅଦୃଷ୍ଟିରେ । ନେଲେ ଅନିତ୍ୟ ମୋହ ଘାରେ ।।
ଅନିତ୍ୟ ସାତ୍ତ୍ୱିକ ମୋହରେ । ପ୍ରାଣୀ ହିଁ ପଶୁ ଯୋନି ଧରେ ।।
ଇହ ଜନମ ନଷ୍ଟ ଯାଏ । ଜୀବନ ସଫଳ ନ ହୁଏ ।।
ପର ଜନମେ ପଶୁ ଯୋନି । ଦେଇଣ ଜନମଇ ପ୍ରାଣୀ ।।

ପ୍ରିୟ ଜିଜ୍ଞାସୁ ଶିଷ୍ୟର ସଂଶୟ ମୋଚନ ନିମନ୍ତେ ଠାକୁରେ ସତ୍ୟଯୁଗର ଏକ କାହାଣୀକୁ ଉଦାହରଣ ଛଳରେ ଅନିତ୍ୟସାତ୍ତ୍ୱିକ ମୋହ ବୁଝାଇବାପାଇଁ ବର୍ଣ୍ଣନା କଲେ । ତାହା ନିମ୍ନରେ ସକଳ ଜିଜ୍ଞାସୁ ଭକ୍ତଙ୍କର ଅବଗତି ନିମନ୍ତେ ପ୍ରଦତ୍ତ ହେଲା ।

ସତ୍ୟଯୁଗରେ **ଜରଦ୍‌ଗବ** ନାମରେ ଜଣେ ଆର୍ଯ୍ୟ ଋଷି ଥିଲେ । ସେ ଗୋଟିଏ ଗୁରୁକୁଳ ଆଶ୍ରମ ପ୍ରତିଷ୍ଠା କରି ରହୁଥିଲେ । ତାଙ୍କ ଆଶ୍ରମରେ ସର୍ବମୋଟ ସତାବନ ଜଣ ଶିଷ୍ୟ ଥିଲେ । **ବିଶୁଳାୟ** ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରି ଶିକ୍ଷା ନିମନ୍ତେ ଆଶ୍ରମରେ ଅବସ୍ଥାନ କରୁଥିଲେ । ପ୍ରତିଦିନ ଅନ୍ୟ ଛପନ ଜଣ ଶିଷ୍ୟଙ୍କ ପରି **ବିଶୁଳାୟ** ଗୁରୁଙ୍କର ଶିକ୍ଷା ଲାଭ କରିବା ନିମନ୍ତେ ଆସିଲେ ମଧ ଗୁରୁଦେବଙ୍କର ଉପଦେଶ ସମୂହକୁ ବାସ୍ତବ କ୍ଷେତ୍ରରେ ଆଚରଣରେ ବା କାର୍ଯ୍ୟରେ ବସ୍ତୁତଃ ପରିଣତ ନ କରି ସବୁ ସ୍ମରଣ ରଖି ଗୁରୁଙ୍କର ସ୍ଥୂଳ ଆଚରଣରେ ମାତି ରହେ । ଅନ୍ତଃସ୍ଥଳରେ କାମ, କ୍ରୋଧ, ଲୋଭ, ମୋହ ଆଦିର ସୂକ୍ଷ୍ମ ବୀଜକୁ ସତର୍କତାର ସହିତ ଗୋପନ ରଖି ବାହ୍ୟ ଆଚରଣରେ କ୍ରୋଧାଦିର ଭାବ ପ୍ରକାଶ କରି ଗୁରୁଙ୍କଠାରୁ ଶିକ୍ଷା କରି ମନେ ରଖିଥିବା ଉପଦେଶ ବାକ୍ୟସକଳକୁ ଅନ୍ୟ ଛପନ ଜଣ ଶିଷ୍ୟଙ୍କୁ କାର୍ଯ୍ୟରେ ପରିଣତ କରିବାକୁ ବାଧ କରି ସବୁବେଳେ ସବୁସ୍ଥାନରେ ଅନ୍ୟଶିଷ୍ୟମାନଙ୍କର ଭୁଲ୍ ତ୍ରୁଟି ଧରିବସେ । କିନ୍ତୁ ନିଜ ଅନ୍ତଃକରଣରୁ ସୂକ୍ଷ୍ମବୀଜକୁ ଦୂରେଇ ନ ପାରି ନିଜେ କେବଳ ସ୍ଥୂଳ ନୀତି (ସ୍ନାନ, ମାର୍ଜନ, ଭେକ, ଚୈତନ୍ୟ, ଚିତା, ଦେଖାଣିଆ ପୂଜା, ଉପାସନା, ଧ୍ୟାନ, ଧାରଣା ଇତ୍ୟାଦି) ଓ ପଦ୍ଧତିକୁ ଧରି ଗୁରୁଙ୍କର ବାକ୍ୟକୁ କହିବୋଲି ଅନ୍ୟ ଶିଷ୍ୟମାନଙ୍କ ଉପରେ ନିଜର କ୍ଷମତା ଜାହିର୍ କରି ସେମାନଙ୍କଠାରୁ ନିଜକୁ ଉତ୍କୃଷ୍ଟ ଶିଷ୍ୟ ବୋଲି ବିବେଚନା କରି ସମ୍ମାନ ଦାବୀ କଲା । ଫଳରେ କ୍ରମଶଃ ଅନ୍ୟ ଛପନ ଜଣ ଶିଷ୍ୟ **ବିଶୁଳାୟର** ଏପରି ଆଚରଣ ଓ ବ୍ୟବହାରରେ ମର୍ମାହତ ହୋଇ ଗୁରୁଜୀଙ୍କ ନିକଟରେ **ବିଶୁଳାୟ** ବିରୁଦ୍ଧରେ ଅଭିଯୋଗ କଲେ । ଦିନକୁ ଦିନ **ବିଶୁଳାୟ** ବିରୁଦ୍ଧରେ ଅଭିଯୋଗ ବଢ଼ିବାକୁ ଲାଗିଲା । ଗୁରୁଦେବ ଅତିଷ୍ଠ ହେଲେ ।

ଦିନେ ଋଷି **ଜରଦ୍‌ଗବ** **ବିଶୁଳାୟକୁ** ନିକଟକୁ ଡାକି ଏକାନ୍ତରେ କହିଲେ, **ବିଶୁଳାୟ**, ଏବେବି ସମୟ ଅଛି, ମୋର ମଧ ଧୈର୍ଯ୍ୟ ଅଛି । ମୋ ଠାରୁ ଶିକ୍ଷା କରିଥିବା ଉପଦେଶଗୁଡ଼ିକୁ କଥାରେ ଅନ୍ୟକୁ ନ କହି ନିଜେ ବାସ୍ତବ କର୍ମ ଓ ଆଚରଣରେ ପରିଣତ କରିବାକୁ ଧୀରେ ଧୀରେ ଚେଷ୍ଟାକର । ଛଳନାକରି ମିଛଟାରେ ଭେକ ଧରି, ଅନ୍ୟକୁ ଉପଦେଶ ଦେଇ, ନିଜେ କିଛି ନ କରି ପୁଣି ଅନ୍ୟମାନଙ୍କଠାରୁ ପ୍ରଣାମ ଓ ସମ୍ମାନ ଦାବୀ କରିବା ତୁମ ପକ୍ଷରେ ଉଚିତ ନୁହେଁ । ଗୁରୁଦ୍ୱାରରେ ନିଜକୁ ଅନ୍ୟମାନଙ୍କଠାରୁ ଶ୍ରେଷ୍ଠ ବୋଲି ଭାବିବା ଅନୁଚିତ । ଅନ୍ୟମାନଙ୍କ ଉପରେ କ୍ଷମତା ଜାହିର୍ କରିବା ତୁମ ପକ୍ଷରେ ଉଚିତ ନୁହେଁ । ଅନ୍ୟମାନଙ୍କର ସହଯୋଗ ଓ ସାହାଯ୍ୟ ନ ନେଇ ନିଜେ ତୁମେ ସବୁ କାମ କରିପକାଇବ ବୋଲି ଭାବିବା ମଧ ଭୁଲ୍ । ଅନ୍ୟମାନଙ୍କୁ ହେୟଜ୍ଞାନ କରିବା ଏବଂ ଅବିଶ୍ୱାସ କରିବା ଜଣେ ପ୍ରକୃତ ଶିଷ୍ୟ ପକ୍ଷରେ ଶୋଭନୀୟ ନୁହେଁ । ମନେରଖ, ଏଠାରେ ଅନ୍ୟ ସମସ୍ତ ଶିଷ୍ୟଙ୍କ ପରି ତୁମେ ମଧ ଜଣେ ସାଧାରଣ ଶିଷ୍ୟ ମାତ୍ର ।

# ଜରଦ୍‌ଗବ ଉବାଚ:

## ପାଳ ତୁ ଗୁରୁଙ୍କ ଆଦେଶ ।।

| | | |
|---|---|---|
| କାର୍ଯ୍ୟରେ ପରିଣତ କର | । ସୂକ୍ଷ୍ମ ବୀଜକୁ ଧ୍ୱଂସ କର | ।। |
| ସ୍ଥୂଳରେ ଆଚରଣ କରି | । କେହୁ ଯାଏନା ଭବୁ ତରି | ।। |
| ଯେ କର୍ମଯୋଗ ନ ଧରଇ | । ଗୋପନେ କାମ ଭୋଗେ ଥାଇ | ।। |
| ଗୁରୁଙ୍କ ଜ୍ଞାନ ତତ୍ତ୍ୱ ନେଇ | । ମନରେ ସାଇତି ରଖଇ | ।। |
| ଆଚରଣରେ ନ ଲଗାଏ | । ଅନ୍ୟକୁ ଉପଦେଶ ଦିଏ | ।। |
| ସ୍ଥୂଳ ଭେକରେ ଦେଇ ମନ | । ହୁଅଇ ଚିତା ଚଇତନ | ।। |
| ଶରୀରେ ଶ୍ରୀ ଗୁରୁଭୂଷଣ | । ଅଙ୍ଗ ଉପାଙ୍ଗେ ଆଭରଣ | ।। |
| ନିଜକୁ ବୋଲାଏ ପଣ୍ଡିତ | । କଥା କୁହଇ ଗୁରୁମତ | ।। |
| ଧରଇ ସଭିଙ୍କର ଦୋଷ | । ଭାବରେ ବହି ବହୁରୋଷ | ।। |
| ଅନ୍ୟକୁ ଶିଖାଏ ସାଧନ | । ଦଣ୍ଡ ଦିଅଇ ପୁନଃ ପୁନଃ | ।। |
| ଗୁରୁଙ୍କ ଉପଦେଶ ବାଣୀ | । ଗୁରୁଙ୍କ ପରାୟେ ବଖାଣି | ।। |
| ସୂକ୍ଷ୍ମ ବୀଜର ଭୋଗେ ରହି | । ଅନ୍ୟକୁ ଉପଦେଶ ଦେଇ | ।। |
| ଗୁରୁଙ୍କ ପ୍ରାୟେ ମନ୍ତ୍ର ଦିଏ | । ଶିଷ୍ୟତ କରିଣ ଥୋକାଏ | ।। |
| ଗୁରୁଙ୍କ ପରାୟେ ପ୍ରଣାମ | । ନେଇ ଲଭଇ ମହାତମ | ।। |
| ଶିଷ୍ୟଙ୍କ ପାପଭାରା ବହି | । ତମ ଗୁଣରେ ପଡ଼େ ରହି | ।। |
| ଗୁରୁଙ୍କ ଦଗ୍‌ଧାନଳ ପାଇ | । ପଶୁ ଯୋନିକୁ ଅନ୍ତେ ଯାଇ | ।। |
| ତିନିଶ ବୟାଳିଶ ବର୍ଷ | । ପିତୃ ମଣ୍ଡଳେ କରେ ବାସ | ।। |
| ବିକଟ ବିକୃତ କରାଳ | । ବଳେ ଆକର୍ଷେ ତାକୁ କାଳ | ।। |
| ଏ ପାପ ନୁହଇଁ ଖଣ୍ଡନ | । ଏ ମୋହ ବହୁ ବଳବାନ | ।। |
| ତେଣୁରେ ମୋର ପ୍ରିୟ ଶିଷ୍ୟ | । ଶୁଣିଲ ମୋହର ରହସ୍ୟ | ।। |
| ଛନ୍ଦ କପଟ ତ୍ୟାଗ କର | । ମିଥ୍ୟାରେ ଭେକ ତୁ ନ ଧର | ।। |
| ପ୍ରଣାମ ଦାବୀ କର ନାହିଁ | । ଲକ୍ଷ୍ୟ ତୁ ରଖ ମୋକ୍ଷ ପାଇଁ | ।। |
| କ୍ଷମତା ପ୍ରୟୋଗ ନକର | । ଏଠାରେ ଜିଦି ତୁ ନ ଧର | ।। |
| ଅନ୍ୟକୁ ଭାବ ନାହିଁ ହେୟ | । ଏହା ନୁହଇଁ ଶୋଭନୀୟ | ।। |
| ଆଚରଣରେ ସିଦ୍ଧ ହୁଅ | । ପ୍ରତି ମୁହୂର୍ତ୍ତେ ଶାନ୍ତ ରୁହ | ।। |

(କ୍ରମଶଃ)

ତ୍ୟାଗ ବ୍ରତ ତୁଚ୍ଛ କରି ଭୋଗରେ ରହିଲୁ,
ଦାନ ଦକ୍ଷିଣା କୁ ଧରି ଠୁକେଇ ବସିଲୁ,
ଅନିତ୍ୟ ଦେହ ସଜେଇ ମଜ୍ଜିଲୁରେ ଧନ,
ନିତ୍ୟ ସତ୍ୟ ନଭଜିଲୁ ଡାକିଲୁ ଇନ୍ଧନ ।।

ବଡ କର୍ମୀ ବଡ ତ୍ୟାଗୀ ବଡପଣ କରି,
ଦିନକୁ ଦିନ ଗରବେ ପଡି ଯାଉ ସରି ।
ନିଜମୁଖେ ଯାହା କହୁ ପାରୁକି କରମେ ?
କରମ ଫଳ ଧରି ରସୁ କି ଚରମେ ??

ଶିଷ୍ୟ ହୋଇ ଯହୁଁ ଶାସନ କରିବା ଢଙ୍ଗକୁ ସଜେଇ ଚାଲିଛୁ ।
ଫଟା ଢ଼ୋଲା ପିଟି ଋଟିଷ୍ଣୁଆଙ୍କର ମନକୁ କଷେଇ ଦେଇଛୁ ।।
ବିରୁଡି ବସାରେ ହାତ ଗେଞ୍ଜିଲୁଣି କିହେବ ତାଫଳ ଜାଣୁକି ?
ଦେହ ମୁହଁ କାନ ଫଳି ଯିବ ଧନ ! ଦିଶିବୁ ସାକ୍ଷାତ ଭାଲୁ କି ।।



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ନାରୀ... ଏ ସୃଷ୍ଟିର ମୁଖ୍ୟ ଆଧାର । ସ୍ରଷ୍ଟାଙ୍କର ଅନବଦ୍ୟ ସୃଷ୍ଟି । କିନ୍ତୁ ଘଟଣା ପ୍ରବାହରେ ସେ ଆଜି ପ୍ରତି ମୁହୂର୍ତ୍ତରେ ଅପମାନିତ, ଲାଞ୍ଛିତ ଓ ଅବହେଳିତ । ପରିଣାମରେ ସମାଜ ଧ୍ୱଂସମୁଖୀ । ପ୍ରେମାବତାର ପ୍ରଭୁପାଦ ସେଥିପାଇଁ ସୃଷ୍ଟି କରନ୍ତି ''ମାତୃବନ୍ଦନା ସଂଗଠନ'' । ସେହିମାନଙ୍କ ଉଦ୍ଦେଶ୍ୟରେ ତଥା ମାତୃଜାତିର ଶ୍ରେଷ୍ଠତାକୁ ସ୍ୱୀକାର କରି ଧାରାବାହିକ ଭାବରେ ଏହି ସ୍ତମ୍ଭରେ ମାତୃଗାଥା ପ୍ରସାର ଚାଲିଛି । ଏ ସଂଖ୍ୟାରେ...*

## ନାରୀ ନରକର ଦ୍ୱାର ?

ଲୀଳାମୟଙ୍କର ଲୀଳା ଅତି ବିଚିତ୍ର । ସେ ଲୀଳାକୁ ଅନୁଭବ କରିବାକୁ ହେଲେ କେବଳ ତାଙ୍କ କୃପା ହିଁ ଭରସା । ସେହି ଅପୂର୍ବ ଲୀଳାସୂତ୍ରର ଅଂଶ ବିଶେଷ ଏହିମାତୃଜାତିର ସୃଷ୍ଟି । ଏ ସମାଜ ଗୋଟିଏ ପକ୍ଷରେ ନିରବଚ୍ଛିନ୍ନ ଭାବରେ ମାତୃବନ୍ଦନା କରୁଥିବା ସମୟରେ ସମତାଳ ଦେଇ ଅନ୍ୟ ପକ୍ଷରେ ନାରୀ ପ୍ରତି ଘୃଣ୍ୟ ମନୋଭାବ ପୋଷଣ କରିଚାଲିଛି । ନାରୀକୁ ଏକମାତ୍ର ଭୋଗ୍ୟବସ୍ତୁ ରୂପେ ଗ୍ରହଣକରି ଅତି ନିର୍ଲ୍ଲଜ ଭାବରେ ଅକଥନୀୟ ଅତ୍ୟାଚାର କରିବାକୁ ସାମାନ୍ୟତମ କୁଣ୍ଠାବୋଧ କରୁନାହିଁ । ଇନ୍ଦ୍ରିୟାସକ୍ତ ପୁରୁଷର ଏତାଦୃଶ ବ୍ୟବହାର, ଆଚରଣକୁ ପ୍ରଶମିତ କରିବାର ଲକ୍ଷ୍ୟ ନେଇ କେତେଜଣ ମହାତ୍ମା ''ନାରୀ ନରକର ଦ୍ୱାର'' ବୋଲି ଘୋଷଣାକରି ''କାମିନୀ ଓ କାଞ୍ଚନ'' ଠାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏହି ନିର୍ଦ୍ଦେଶ ବହୁ ବର୍ଷ ପରେ ଆଜି କଣ ହୋଇଛି ? ପୁରୁଷ ଏହି ନାରୀ ଠାରୁ ଦୂରେଇ ରହୁଛି ନା ଅଧିକ ନିକଟବର୍ତ୍ତୀ ହୋଇଛି ? ତା ହେଲେ କଣ ପ୍ରତ୍ୟେକ ପୁରୁଷ, ଯେ ନାରୀ ଯୁକ୍ତ ହୋଇ ସଂସାରୀ ହୋଇଛି, ସେ ନରକଗାମୀ ? ସ୍ତ୍ରୀ କଣ ସ୍ୱାମୀକୁ ନରକ ପଥର ଯାତ୍ରୀ କରୁଛି ? ନାରୀ ହିଁ ମାଆ । ଯଦି ସନ୍ତାନ ସନ୍ତତି ତାଙ୍କ ମା'କୁ ନାରୀ ହେତୁ ନରକ ଦ୍ୱାର ଜ୍ଞାନ କରି ମା'ଠାରୁ ଦୂରେଇ ଯାଆନ୍ତି ତେବେ ଏ ସୃଷ୍ଟି, ଏ ସମାଜ ରହିବ ତ ? ତେଣୁ ଆସନ୍ତୁ, ଯେଉଁ ମହାପୁରୁଷମାନେ ଏହି ବାଣୀ ଦେଇ ଯାଇଅଛନ୍ତି ସେମାନଙ୍କର ଉଦ୍ଦେଶ୍ୟ ଓ ବାଣୀଟିର ମହତ୍ତ୍ୱ ସଂପର୍କରେ ଆଲୋଚନା କରିବା ।

ସେମାନେ କହିଛନ୍ତି, ନାରୀ-ନରକର ଦ୍ୱାର । କିନ୍ତୁ ନାରୀକୁ ନରକ ବୋଲି କହିନାହାନ୍ତି । ସୁତରାଂ ନରକ ଯଦି ଗୋଟିଏ କୋଠରୀ ବା ସ୍ଥାନ ହୋଇଥାଏ, ତେବେ ନାରୀ ସେହି କୋଠରୀ ବା ସ୍ଥାନର ଦ୍ୱାର ବା କବାଟ ସଦୃଶ ଦଣ୍ଡାୟମାନ । କୋଠରୀଟିର କବାଟଟି ଯଦି ଖୋଲାରହି ଥାଏ । ମାତ୍ର ଯଦି ବନ୍ଦ ରହିଥାଏ ତେବେ...? ଏକ ସଜୀବ-ଯଥା ମନୁଷ୍ୟ, ପଶୁ, ପକ୍ଷୀ, କୀଟ, ପତଙ୍ଗ ଇତ୍ୟାଦି ନିଜେ ନିଜର ଶକ୍ତି ବା ଇଚ୍ଛା ଅନୁସାରେ ଉନ୍ମୁକ୍ତ ଥିବା କୋଠରୀ ଟିରେ ପ୍ରବେଶ କରି ପାରନ୍ତି । କିନ୍ତୁ ନିର୍ଜୀବ ବସ୍ତୁଟିଏ ସାମାନ୍ୟ ଅନୁକୂଳ ବାୟୁ ପ୍ରବାହରେଠେଲି ହୋଇ ଭିତରକୁ ଚାଲିଯାଏ । ଥରେ ଚାଲିଗଲେ ଭିତରେ ପ୍ରତିକୂଳ ବାୟୁର ସମ୍ଭାବନା ନଥାଏ ଫଳରେ ଚିରଦିନ ଅର୍ଥାତ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇ ବିଲୟ ହେବାଯାଏ ସେହି କୋଠରୀଟିରେ ହିଁ ତାକୁ ରହିବାକୁ ହୁଏ । ସଜୀବମାନେ ପ୍ରବେଶ କରିବା ପରେ ଯଦି ଦ୍ୱାରଟି ରୁଦ୍ଧ ହୋଇଯାଏ । ସେମାନଙ୍କର ଅବସ୍ଥା ମଧ୍ୟ ସେହିପରି ହୋଇଥାଏ ।

ପରମାତ୍ମାଙ୍କର କ୍ରିୟା ଶକ୍ତି ହିଁ 'ମହାମାୟା' । ଇଚ୍ଛାମୟଙ୍କ ଇଚ୍ଛାରେ ମା ମହାମାୟା ଏ ସୃଷ୍ଟିର ଜୀବସମୂହଙ୍କୁ ନିଜର ବିସ୍ତୃତ ପିଞ୍ଜରାରେ ବନ୍ଦୀ କରି ରଖିଛନ୍ତି । ସେ ବନ୍ଧନ ଯେ ପର୍ଯ୍ୟନ୍ତ ସେ ଉନ୍ମୁକ୍ତ କରିନାହାନ୍ତି ସେ ପର୍ଯ୍ୟନ୍ତ କୌଣସି ଜୀବ ପରମାତ୍ମାଙ୍କ ଉପଲବ୍ଧି କରିବାକୁ କଦାପି ସମର୍ଥ ହୋଇପାରିବ ନାହିଁ । ସେହି ପରମାତ୍ମା ହିଁ ଅନେକ ରୂପ, ଅନେକ ଗୁଣ ଅନେକ ସତ୍ତାନେଇ ନାରୀ ମଧ୍ୟରେ ବିଦ୍ୟମାନ । ଜଗତ୍ ଜନନୀଙ୍କର ଅଂଶ ସମ୍ଭୂତା ହୋଇଥିବାରୁ

ନାରୀ ପ୍ରତ୍ୟେକ ପୁରୁଷଙ୍କର ଶ୍ରଦ୍ଧାଭାଜନ ହୋଇଯାଏ । ସେ ଉଭୟଭାବ ଶକ୍ତିର ଅଧିକାରିଣୀ ହୋଇଥାଏ - ଯଥା - ବନ୍ଧନ ବା ପାଳନ ଶକ୍ତି ଓ ଧ୍ୱଂସ ବା ବିଲୟ ଶକ୍ତି । ବନ୍ଧନ ଶକ୍ତିର ପ୍ରଭାବରେ ସ୍ନେହ, ମମତା, କରୁଣା, ଦୟା, ସହନଶୀଳତା, କଷ୍ଟ ସହିଷ୍ଣୁତା ଆଦି ମହତ୍ ଗୁଣରେ ସେ ବନ୍ଧନ କରିପାରେ । ଠିକ୍ ସେହିପରି କ୍ରୋଧ ପ୍ରତିହିଂସା ରୂପକ ଅଗ୍ନିରେ ପୋଡି ଜାଳି ଛାରଖାର ମଧ କରିଦେଇପାରେ । ପ୍ରତିକୂଳ ଅବସ୍ଥାରେ ସେ ଯେତେବେଳେ ତା'ର ମୋହ, ମାୟା, ଛଳନା, କପଟତା ଆଦି ଧ୍ୱଂସକାରିଣୀ ଶକ୍ତି ପ୍ରୟୋଗ କରେ ସେତେବେଳେ ତା'ର ଛଳନା ବୁଝି ତା ହାତରୁ ନିସ୍ତାର ପାଇବା ଅତି କଠିନ ବ୍ୟାପାର ହୋଇପଡେ । ଅଗ୍ନିରେ ପତଙ୍ଗ ଝାସ ଦେଲାପରି ଜୀବ ତା'ର ସେହି ଛଳନା ଜାଲରେ ଅନାୟାସରେ ଛନ୍ଦିହୋଇଯାଏ ଓ କ୍ରୋଧାଗ୍ନିରେ ଜଳି ପୋଡି ପାଉଁଶ ହୋଇଯାଏ । କିନ୍ତୁ ଯଦି ମାତୃତ୍ୱର ଉପଯୁକ୍ତ ସମ୍ମାନ ଦେଇ ମାତୃତ୍ୱର ବନ୍ଦନା କରିଶିଖେ, ତେବେ ତା'ର ସଦିଚ୍ଛା, ଆଶୀର୍ବାଦରେ ଅଚିରେ ବନ୍ଧନ ମୁକ୍ତ ହୋଇଯାଏ ଓ ପରମାତ୍ମାଙ୍କର ଦିବ୍ୟସତ୍ତା ଅନୁଭବ କରିବାକୁ ସମର୍ଥ ହୁଏ । ଏହି ମାତୃତ୍ୱର ମମତାମୟୀ ଅବସ୍ଥାରେ କେବଳ ସୃଷ୍ଟି ରକ୍ଷା କରିବା ଉଦ୍ଦେଶ୍ୟରେ ବିନା ବିକାର ବିଚାରରେ ସେ ନିଜକୁ ପୁରୁଷ (ସ୍ୱାମୀ) ନିକଟରେ ସମର୍ପଣ କରିଦିଏ । କିନ୍ତୁ ଯେତେବେଳେ ମୋହାନ୍ଧ ପୁରୁଷ ତାକୁ ଏକ ସାମାନ୍ୟ ନାରୀ ରୂପେ ଗଣନା କରି କେବଳ ଭୋଗ୍ୟବସ୍ତୁ ରୂପେ ଗ୍ରହଣ କରେ ସେତେବେଳେ ସେ ସେହି ଧ୍ୱଂସ ଚକ୍ରରେ ପଡିବାକୁ ବାଧ୍ୟ ହୁଏ ।

'ନରକ' - ଜୀବର କୁକର୍ମ ଫଳ ଭୋଗ କରିବାର ଏକ କ୍ଷେତ୍ର ବୋଲି ବିବେଚନା କରାଯାଇଅଛି । ଯେହେତୁ ଏଜୀବମଣ୍ଡଳ ମହାମାୟାଙ୍କ ମାୟାମୋହ ଫାଶରେ ବନ୍ଦୀ ହୋଇ ରହିଛି ତା'ର - ସମସ୍ତ କର୍ମ ଫଳ ଭୋଗର କାରଣ, କାରୟିତ୍ରୀ ସେହି ମହାମାୟା । ସେହିଁ ଜୀବର କୁକର୍ମ, ଦୁଷ୍କର୍ମ ପାଇଁ ତାକୁ ଅଚିରେ ନରକକୁ ଠେଲି ଦେଇଥାଆନ୍ତି । ସୁତରାଂ ମହାମାୟା ହିଁ ନରକର ଦ୍ୱାରଦେଶରେ ଦଣ୍ଡାୟୁଧ ଧରି ଦଣ୍ଡାୟମାନ । ସୃଷ୍ଟିଚକ୍ରରେ ଗମ୍ଭୀର ଭାବରେ ଲକ୍ଷ୍ୟ କଲେ ଦେଖାଯିବ ଯେ, ଏ ସଂସାରର ସମସ୍ତ କ୍ରିୟା, କର୍ମରେସେହି ନାରୀ ହିଁ ବିଦ୍ୟମାନ । ମନୁଷ୍ୟ ଯଦି ବିବାହ କରି ସଂସାର ନ କରିଥାଆନ୍ତେ ତେବେ ତା'ର ସନ୍ତାନ ସନ୍ତତି ତଥା କୌଣସି ଗୃହ ଜଞ୍ଜାଳ ଆସନ୍ତା ନାହିଁ । ଫଳରେ ଅର୍ଥର ପ୍ରୟୋଜନ ମଧ ହୁଅନ୍ତା ନାହିଁ । ସେ ସ୍ଥାଣୁ, ଅଥର୍ବ ହୋଇଯାଆନ୍ତା । ପ୍ରେମର ଉସ ମଧ ଶରୀରରୁ ବିଦାୟ ନେଇଯାଆନ୍ତା । ସୃଷ୍ଟିରେ ସ୍ରଷ୍ଟାଙ୍କର ଏତେ ପ୍ରାକୃତିକ, ଅପ୍ରାକୃତିକ ସମ୍ଭାର ମୂଲ୍ୟହୀନ ହୋଇଯାଆନ୍ତା । ତେଣୁ ନାରୀହିଁ ସକଳ ପ୍ରୟୋଜନୀୟତାର ଆଧାର ।

ମା'ର ରକ୍ତରୁ କ୍ଷୀର ସୃଷ୍ଟି ହୁଏ । ସେହି କ୍ଷୀର ତା ସ୍ତନରେ ସାଇତା ହୋଇଥାଏ, କେବଳ ସନ୍ତାନକୁ ବଞ୍ଚାଇବାକୁ ଶିଶୁ ମା'ର ସେହି ସ୍ତନରୁ କ୍ଷୀର ପାନ କରି ତା'ର ଶରୀର ଗଠନ କରେ ଓ ବଞ୍ଚି ରହେ । କିନ୍ତୁ ଯଦି ସେହି ମା'ଟିକୁ ପ୍ରଶ୍ନ କରାଯାଏ ଯେ, ତା ସ୍ତନରେ ଥିବା କ୍ଷୀରର ସ୍ୱାଦ କିପରି ? ସେ କହିପାରେନା । କାରଣ ତା'ର ଶରୀରରେ କ୍ଷୀରର ସୃଷ୍ଟି ଓ ବିଲୟ ଉଭୟ କ୍ରିୟା ସଂଗଠିତ ହେଉଥିଲେ ମଧ ତା'ର ଶକ୍ତି ଓ ସ୍ୱାଦ ସଂପର୍କରେ ସେ ସମ୍ପୂର୍ଣ୍ଣ ଅଜ୍ଞ । ଠିକ୍ ସେହିପରି ଜଣେ ନାରୀର ଶରୀରରେ ସୃଜନ, ପାଳନ ଓ ଧ୍ୱଂସ ଏହି ତ୍ରିବିଧ ଶକ୍ତି ଗଚ୍ଛିତ ଥିଲେ ମଧ ସେ ତାକୁ ଠିକ୍ ଭାବରେ ବୁଝି ପାରି ନଥାଏ । ମାତ୍ରସୂକ୍ଷ୍ମ ସତ୍ତାରେ ସେ ଶରୀରରେ ବିଦ୍ୟମାନ ଥିବା ମହାମାୟା ଠିକ୍ ସମୟରେ ଶରୀରରେ ଅଜାଣତରେ ଏହି ଶକ୍ତିର ଉଦ୍‌ଗୀରଣ କରାଇ ଶରୀର ପ୍ରତି ଆଚରଣ ରତ ଥିବା ଜୀବକୁ ଉପଯୁକ୍ତ ପ୍ରାପ୍ୟ (କର୍ମଫଳ) ପ୍ରଦାନ କରିଥାନ୍ତି ।

ସେଥିପାଇଁ ନାରୀକୁ ନରକର 'ଦ୍ୱାର' ବୋଲି କୁହାଯାଏ । ଅର୍ଥାତ୍ ନାରୀ ଚାହିଁଲେ ଜୀବକୁ ବ୍ରହ୍ମ ସାଯୁଜ୍ୟ ଲାଭ କରାଇପାରେ ଅଥଚ ସେହି ନାରୀ କ୍ଷୁବ୍ଧ ହେଲେ ଜୀବକୁ ନରକ ମଧକୁ ନିକ୍ଷେପ କରିପାରେ । ଏହି ମର୍ମରେ ମଧ ପୂର୍ବ ପୁରୁଷ ମାନେ ବାଣୀ ଦେଇ ଯାଇଛନ୍ତି ଯେ, ''ମା'କୁ ମାଇକିନିଆ ଭାବି ନରକର କୀଟ ହୁଅ ନାହିଁ, ପତଙ୍ଗ ପରି ଜଳିପୋଡି ମର ନାହିଁ ।'' ''କାମିନୀଠାରୁ ଦୂରରେ ରୁହ ।'' ଅର୍ଥାତ୍ ମା(ନାରୀ) ପ୍ରତି କାମଭୋଗ ଜନିତ କାମନାଠାରୁ ନିଜକୁ ପୃଥକ ରଖି ତା'ର ମାତୃତ୍ୱ ପ୍ରତି ଆକୃଷ୍ଟ ହୁଅ । ତା'ହେଲେ ମାତୃ ଆଶୀର୍ବାଦ ଲାଭ କରି ବନ୍ଧନ ମୁକ୍ତ ହେବ । ନଚେତ୍, ମାୟା ଜାଲର ଶିକାର ହୋଇ ତା'ର କ୍ରୋଧ ଓ ଅଭିଶାପରେ ନରକଗାମୀ ନିଶ୍ଚୟ ହେବ । କାରଣ ନରକ କୁଣ୍ଡ କୋଠରୀର ସେ ଦ୍ୱାରପାଳିକା ।

ତେଣୁ ଆଜି ଆମ ପ୍ରତ୍ୟେକଙ୍କ ସମ୍ମୁଖରେ ଏହି ଗୋଟିଏ କଠୋର ଆହ୍ୱାନ । ନରକର ଦ୍ୱାର ରକ୍ଷଣୀ ମା'କୁ ବନ୍ଦନା ଦ୍ୱାରା ସନ୍ତୁଷ୍ଟ କରି ବନ୍ଧନ ମୁକ୍ତ ହେବା କିମ୍ୱା ତା'ର କ୍ରୋଧାଗ୍ନିରେ ନରକଗାମୀ ହେବା ?

ହସତାମସାରେ ଭୁଲିବ ଯଦି ।
ସାଧନା ଫଳଟି ହୋଇବ ରଦି ॥

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

*ଆଜି ଯିଏ ଚପଳମତି ଶିଶୁ- ଆସନ୍ତାକାଲି ସେ ତାର ପରିବାର, ସମାଜ ଓ ରାଷ୍ଟ୍ରର ଭବିଷ୍ୟତ କର୍ଣ୍ଣଧାର । ତାର ମନ, ଶରୀର ଏହି ଅବସ୍ଥାରୁ ଯେପରି ଗଠନ କରାଯିବ ତାହାହିଁ ପ୍ରକାଶିତ ହେବ ତାର କର୍ମ ପ୍ରବାହରେ । ସ୍ନେହ ବତ୍ସଳ ଭାବଗ୍ରାହୀଙ୍କର ଅତ୍ୟନ୍ତ ପ୍ରିୟ ହେଉଛନ୍ତି ଏହି ଚପଳମତି ଶିଶୁ, କିଶୋର । ତାଙ୍କରି ନିର୍ଦ୍ଦେଶ ଓ ଆଶୀର୍ବାଦକୁ ପାଥେୟ କରି ବାଲ୍ୟକାଳରୁ ହିଁ ଚରିତ୍ର ଗଠନ କରିବାର ସୁଯୋଗ ଦେବାପାଇଁ ଚରମର ଏହି ସମ୍ଭାର ସେହି ସରଳମତି କିଶୋର କଳିକାଙ୍କ ଉଦ୍ଦେଶ୍ୟରେ....*

## ପ୍ରଭୁ ମୋର ବଡ଼ ଦୟାଳୁ

ଦୋଳ ପୂର୍ଣ୍ଣିମା । ରାତି ପାହିଲେ ହୋଲି ଖେଳ । ଗାଁ ପିଲାମାନେ ସେମାନଙ୍କ ଘରୁ ଅଳିକରି ଟଙ୍କା ନେଇ ରଙ୍ଗ, ଅବିର ଦୋକାନରେ ଭିଡ଼ ଜମାଇଛନ୍ତି । ଦେବାଶିଷ କିନ୍ତୁ ଆଖି ଛଳଛଳ କରି କେବଳ ଚାହିଁ ରହିଛି । କାରଣ ବାପା ଘରେ ନାହାନ୍ତି । ମାଙ୍କ ପାଖରେ ପଇସା ନାହିଁ । ଛୋଟ ପିଲା, ସରଳ ମନ । ତାର ଆଖିର ଲୁହ ମନର ଭାଷା ମମତାମୟୀ ମା ଠିକ୍ ବୁଝୁଛନ୍ତି । କିନ୍ତୁ କରିବେ କଣ ? ନିରୁପାୟ । ତାଙ୍କର ମଧ୍ୟ ଛାତି କୋହରେ ଭରିଯାଉଛି । ଅଲିଅଳ ପୁଅର ଅବସ୍ଥା ଆଉ ସହ୍ୟ କରିପାରିଲେ ନାହିଁ । ପାଗଳ ପରି ଛୁଟି ଗଲେ ଠାକୁର ଘରକୁ । ଆଉ ବା ତାଙ୍କର କିଏ ଅଛି ? କାହା ଆଗେ ଦୁଃଖ ଜଣାଇବେ ? ସ୍ୱାମୀ ତ ସେଇ ଅର୍ଥ ଉପାର୍ଜନ ଆଶାନେଇ ଯାଇଛନ୍ତି ଯେ, ଏଯାଏ ଫେରିନାହାନ୍ତି । ଠାକୁର ଘର ଭିତରେ ପଶି ପ୍ରଭୁଙ୍କର ଶ୍ରୀପାଦୁକାଟିକୁ ଆତ୍ମବିହ୍ୱଳ ହୋଇ ଟେକି ଆଣିଲେ । ନିଜ ଛାତିରେ ଚାପି ରଖି ବିଗ୍ରହକୁ ଚାହିଁ କାନ୍ଦି ଉଠିଲେ । ''ପ୍ରଭୁ ! ଏତେ ଦୁଃଖରେ ଥାଇ ମଧ୍ୟ ମୁଁ କେବେ କିଛି ମାଗିନାହିଁ, ଗୋଟିଏ ବୋଲି ପୁଅ । ଆଜି ସାମାନ୍ୟ ରଙ୍ଗ ପାଇଁ ତା ଆଖିର ଲୁହ ପୋଛିବାକୁ ମୋର ଶକ୍ତି ନାହିଁ । ହେ ଅନ୍ତର୍ଯ୍ୟାମୀ ! ହେ ଦୁଃଖ ହାରୀ ! ସେଦିନ ପରା ତୁମେ ନିଜେ ସ୍ନେହରେ ତାକୁ କୋଳକୁ ଟେକିନେଇ ବିସ୍କୁଟ ଖୁଆଇଦେଇଥିଲ । ଆଜି ତାର ଦୁଃଖ କିପରି ସହି ପାରୁଛ ପ୍ରଭୁ ?'' ମା'ର ଏହି ଆକୁଳ ନିବେଦନ ବେଳେ ଦେବାଶିଷ ଯେ ଆସି ତାଙ୍କ ପଛରେ ଠିଆହୋଇ କାନ୍ଦୁଛି ସେଥିପ୍ରତି ତାଙ୍କର ନଜର ନାହିଁ । ହଠାତ୍ ତାଙ୍କର ଚେତନା ଆସିଲା, ଯେତେବେଳେ ଶୁଣିଲେ ଦେବାଶିଷ କହୁଛି ''ମା କାନ୍ଦନା ଆଉ । କାହିଁକି କାନ୍ଦୁଛ ? ତୁମେ ପରା ମୋତେ ନିଜେ କହିଥିଲ, ପ୍ରଭୁଆମର ଚିରମଙ୍ଗଳମୟ । ଆମେ ତାଙ୍କୁ ପ୍ରେମ ସ୍ନେହ ଦେଲେ, ଆମର ଯେତେବେଳେ ଯାହା ଆବଶ୍ୟକ, ଆମେ ନ ମାଗିବା ପୂର୍ବରୁ ସେ ଯାଚିଦେଇଯିବେ । ସାଂଗମାନେ କିଣି ସାରିଲେଣି । ସେଥିଲାଗି ସିନା ମନଟା ବ୍ୟାକୁଳ ହୋଇଗଲା । ମୁଁ ଟିକେ କାନ୍ଦିପକାଇଲି । କିନ୍ତୁ ମୋର ବିଶ୍ୱାସ ଅଛି ମା ! ଆମ ଠାକୁର ନିଶ୍ଚୟ ବ୍ୟବସ୍ଥା କରିବେ । ତୁମେ କାନ୍ଦିଲେ ମୁଁ ସହ୍ୟ କରିପାରୁନି ମା ।'' ମା ସେହି ଆଖିର ଲୁହ, ହୃଦୟର କୋହ ମଧ୍ୟରେ ବି ଆନନ୍ଦରେ କୋଳକୁ ଟେକି ନେଲେ ଆଦରର ମଣିକୁ । ଆହୁରି କାନ୍ଦିକାନ୍ଦି କହିଲେ, ''ଶୁଣ ପ୍ରଭୁ ! ତୁମରି କୃପା ବହନ କରି ତୁମର ଦେବାଶିଷ ଆଜି କିପରି ମୋତେ ଶିକ୍ଷା ଦେଉଛି ।'' ଭକ୍ତ ବତ୍ସଳ ଭାବଗ୍ରାହୀ - ଆଶ୍ରମ ଛାଡ଼ି ସିନା ଅନ୍ୟ ଏକ ଭକ୍ତ ଘରକୁ ଚାଲିଯାଇଛନ୍ତି ହୋଲି ଖେଳିବା ପାଇଁ । ମାତ୍ର ଏଠାରେ ସରଳମତି ପ୍ରିୟ ଦେବାଶିଷର

ଆକୁଳତା ତାଙ୍କୁ ସେଠାରେ ସ୍ଥିର ରଖିପାରୁଛି କେଉଁଠି ? ଥରି ଉଠୁଛି ତାଙ୍କର ଆସନ । ଅସ୍ଥିର ହୋଇଉଠୁଛନ୍ତି । ସେଠାରୁ ଦେବାଶିଷ ର ଘର ପ୍ରାୟ ପଚିଶ କିଲୋମିଟର । କାହାରିକୁ ତ କହିବେ ନାହିଁ । କାରଣ କହିଦେଲେ ଧରାପଡ଼ିଯିବେ । ମନେ ମନେ ଲୁଚିଛନ୍ତି ତ ! ତେଣୁ କିପରି ଦେବାଶିଷକୁ ରଙ୍ଗଦେବେ ? ଆରମ୍ଭ ହେଲା ଚିରାଚରିତ ରୀତିରେ ସୂକ୍ଷ୍ମ ଲୀଳା ପ୍ରବାହ । ସନ୍ଧ୍ୟା ବେଳକୁ ଜଣେ ଆଗନ୍ତୁକ ଯାଇ ପହଞ୍ଚିଗଲେ ଦେବାଶିଷର ଘରେ । ମାକୁ ଡାକି କହିଲେ ଦେବାଶିଷର ବାପା ଏକ ଜରୁରୀ କାର୍ଯ୍ୟ ଯୋଗୁଁ ଆଜି ଆସିପାରିଲେ ନାହିଁ । ମୋ ହାତରେ ଟଙ୍କା ପଠାଇଛନ୍ତି - ଦେବା ପାଇଁ । ହୋଲି ଖେଳର ସମସ୍ତ ଜିନିଷ କିଣି ଦିଅ । ସେ ଆସନ୍ତା କାଲି ଆସିବେ । ପରିଚୟ ପଚାରିବାରୁ ତାଙ୍କ ପିତାଙ୍କର ଜଣେ ବନ୍ଧୁ କହି ଚାଲିଗଲେ । ଆନନ୍ଦରେ ନାଚି ନାଚି ଦେବାଶିଷ କହିଲା, 'ଦେଖିଲ ତ ମା ! ମୁଁ କଣ କହୁଥିଲି ? ଠାକୁର ଆମ ପାଖେ ପାଖେ ଅଛନ୍ତି । ପ୍ରଭୁ ଆମର ବଡ଼ ଦୟାଳୁ । ହୋଲି ସାମଗ୍ରୀ ଆସିଗଲା ।''

ତା ପରଦିନ ଧୂମ୍ ଧାମ୍‌ରେ ହୋଲି ଖେଳ ସରିଲା । ସନ୍ଧ୍ୟାକୁ ବାପା ବହୁତ ମନ କଷ୍ଟରେ ଘରକୁ ଆସିଲେ । ତାଙ୍କର ମନ ଦୁଃଖ ଦେଖି ମା ପଚାରିଲେ ମନ କାହିଁକି ଏତେ ଉଣା କରିଛ ? ବାପା କହିଲେ, ଏତେ ବଡ଼ ହୋଲିଟା ଗଲା - ମୋ ପୁଅ ପାଇଁ ଟଙ୍କାଟିଏ ଦେଇ ଅବିରଟିକେ କିଣି ପାରିଲି ନାହିଁ । ହତବାକ୍ ହୋଇ ଚାହିଁ ରହିଲେ ମା ଓ ପୁଅ । ଗତ କାଲି ସନ୍ଧ୍ୟାର ଘଟଣା ଆଲୋଚନା କରି ତିନିଜଣଙ୍କ ପାଟିରୁ ବାହାରିଗଲା ବନ୍ଧୁ ପରିଚୟ ଦେଇ ଗତ କାଲି ଯିଏ ଟଙ୍କା ଦେଇଗଲେ ସେ କିଏ ? ଆନନ୍ଦରେ ଅଧିର ହୋଇ ଗଲେ । ଆଉ କିଏ ବା ହୋଇପାରେ ? ସେଇ ଭକ୍ତାନୁରାଗୀ, ଭକ୍ତ ପ୍ରିୟ, ଭକ୍ତ ବାନ୍ଧବ, ଅନ୍ତର୍ଯ୍ୟାମୀ ଠାକୁରଙ୍କ ବ୍ୟତୀତ ଆଉ କିଏ !

କହିଲ ପିଲାଏ, କେବଳ ପ୍ରେମ ଓ ବିଶ୍ୱାସରେ ଦେବାଶିଷ କିପରି ପ୍ରଭୁଙ୍କୁ ଧିରେ ଧିରେ ବନ୍ଦୀ କରି ପାରୁଛି । ସେ ମଧ୍ୟ କିପରି ପ୍ରତି ମୁହୂର୍ତ୍ତରେ ଦେବାଶିଷର ଡାକକୁ କାନ ଡେରି ରହିଛନ୍ତି ? ମାହାଙ୍ଗା ଆଶ୍ରମରେ ଥାଆନ୍ତୁ ବା ଯେଉଁଠାରେ ଥାଆନ୍ତୁ ଦେବାଶିଷ ପାଇଁ କେତେ ବ୍ୟାକୁଳ ?

ତୁମେମାନେ କଣ ତାଙ୍କୁ ଏହିପରି ବାନ୍ଧି ପାରିବନି ? ନିଶ୍ଚୟ ପାରିବ - ଏଥରକ ଏତିକି - ଆସନ୍ତା ଥରକୁ ଦେଖିବା ଦେବାଶିଷ ଆଉ କଣ କରୁଛି ।

***

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଆମ ପୃଥିବୀ ଆଗେଇ ଚାଲିଛି ନିକଟ ଭବିଷ୍ୟତରେ ଏକ ବିଂଶ ଶତାବ୍ଦୀକୁ ଆପଣେଇ ନେବାକୁ । ପୃଥିବୀର ସର୍ବତ୍ର ସବୁ କ୍ଷେତ୍ରରେ ଏକ ବିଂଶ ଶତାବ୍ଦୀର ତୁଲ୍ୟ ହେବାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଛି । ଆମ ଯୁବସମାଜ ଆମର ପରମ ବନ୍ଧୁ । ସେହି ଯୁବ ସଂପ୍ରଦାୟ ମଧ୍ୟ ମାନସିକ ପ୍ରସ୍ତୁତି ସହିତ ଉନ୍ମନା - ଏକ ବିଂଶ ଶତାବ୍ଦୀକୁ ସ୍ୱାଗତ କରିବା ନିମନ୍ତେ । ସେହି ଅପ୍ରମେୟ ଶକ୍ତିଧର, ସକଳ ଆଶାଭରସାର ସ୍ଥଳ ଯୁବ ସଂପ୍ରଦାୟଙ୍କ ଉଦ୍ଦେଶ୍ୟରେ ''ଉତ୍ତିଷ୍ଠତଃ ! ଜାଗ୍ରତଃ ! ସ୍ତମ୍ଭରେ ଏହି ପ୍ରବନ୍ଧଟି ସଂଯୋଜିତ । ଆତ୍ମିକ ଭାବ ସଂପଦରେ ଋଦ୍ଧିମନ୍ତ ଏହି ପ୍ରବନ୍ଧର ଛତ୍ରେ ଛତ୍ରେ ପ୍ରେରଣାର ଅଫୁରନ୍ତ ଫୁଆରା ଭରି ରହିଛି । ଏକ ବିଂଶ ଶତାବ୍ଦୀରେ ଯୁବ ସଂପ୍ରଦାୟକୁ ଅଧ୍ୟାତ୍ମ ମହାଭାବରେ ଉଦ୍‌ବୁଦ୍ଧ କରିବା ହିଁ ଏହି ପ୍ରବନ୍ଧର ଲକ୍ଷ୍ୟ ।।*

## ଭାବ ଡୋରିରେ ବନ୍ଧା ଭାବଗ୍ରାହୀ

ମନ ପ୍ରାଣ ଗୋଟିଏ ବିନ୍ଦୁରେ ନିବିଡତାର ସହିତ ଏକାତ୍ମ ଭାବରେ କେନ୍ଦ୍ରୀଭୂତ ହେଲେ ଯେଉଁ ଦିବ୍ୟ ଭାବତରଙ୍ଗର ଉଦ୍‌ବେଳନ ହୁଏ, ସେହି ଭାବ ଡୋରିରେ ଭାବଗ୍ରାହୀ ଭକ୍ତ ବନ୍ଧୁଙ୍କୁ ବାନ୍ଧିହୁଏ । ଦିନେ ଦାସିଆବାଉରୀ ବାନ୍ଧିପାରିଥିଲା । ଭକ୍ତ ସାଲବେଗ, ସିଦ୍ଧ ସାଧକ ଜଗନ୍ନାଥ ଦାସ, ମତ୍ତ ବଳରାମ ଦାସ, ମୀରାବାଈ, ସୁରଦାସ ଜୟଦେବଙ୍କଠାରୁ ଆରମ୍ଭ କରି କେତେ ଭକ୍ତ ଅନୁଗତ କେବଳ ହୃଦୟ ଗତ ଅନାବିଳ ପ୍ରେମଭାବରେ ଭକ୍ତବନ୍ଧୁଙ୍କୁ ବାନ୍ଧି ପାରିଛନ୍ତି । ଏହି ଅନ୍ତର୍ଗତ ଭାବ ଅତ୍ୟନ୍ତ ସ୍ୱାଭାବିକ, ତେଣୁ ଏହା ଦିବ୍ୟ ଏବଂ ସ୍ୱଚ୍ଛ । ଏହା ଇଚ୍ଛା କରି, ସାଧନା କରି ସୃଷ୍ଟି କରାଯାଇପାରେନା । ଏହା ସ୍ୱାଭାବିକ ଭାବରେ ସ୍ୱତଃ ହୃଦୟ ସ୍ଥଳରେ ସୃଷ୍ଟି ହୁଏ । କେତେକ ସ୍ଥଳରେ ଏହା ପ୍ରାରବ୍ଧ ବୋଲି କୁହାଯାଇ ପାରେ । ଅନ୍ୟ କେତେକ ସ୍ଥଳରେ ଏହା ନିରୁତା ଗୁରୁକୃପା ବୋଲି କୁହାଯାଇପାରେ । ଏତାଦୃଶ ଭାବତରଙ୍ଗରେ ଅବଗାହନ କରୁଥିବା ଅନୁଗତ ଭକ୍ତ ଅନେକ କ୍ଷେତ୍ରରେ ଆପଣାକୁ ବିସ୍ମରିଯାଏ । ଜାଗତିକ ସକଳ କାମ ମଧ୍ୟରେ ସେହି ପରମ ପୁରୁଷଙ୍କ ମହାଭାବରେ ନିମଜ୍ଜିତ ହୋଇ ସେ ଅନ୍ତଃସ୍ଥଳରେ ପରମ ଆନନ୍ଦ ଓ ଚରମଶାନ୍ତି ଉପଲବ୍ଧି କରୁଥାଏ । ତାଙ୍କରି ଭାବରେ ଭାବିତ ଭକ୍ତ ଦିବ୍ୟାନୁଭୂତିରେ ପୁଲକିତ ହେଉଥାଏ । ଭାବଗ୍ରାହୀ ପରମପିତା ମର୍ମଜ୍ଞ । ସେ ଭକ୍ତର ଅନ୍ତର୍ଗତ ଭାବାନ୍ୱିତ ମର୍ମକୁ ଠିକ୍ ଜାଣି ନିଅନ୍ତି । ଚିହ୍ନିପାରନ୍ତି ଶୁଦ୍ଧ ସୁବର୍ଣ୍ଣ ଆତ୍ମାକୁ । ଭକ୍ତର ଆତ୍ମିକ ଭାବ ଡୋରିରେ ସେ ସ୍ୱତଃ ବନ୍ଧା ହୋଇ ରହନ୍ତି । ଭକ୍ତର ଅଜ୍ଞାତସାରରେ ଭକ୍ତ ହୃଦକନ୍ଦରରେ ଭାବଗ୍ରାହୀ ଭକ୍ତବନ୍ଧୁ ଅଧିଷ୍ଠିତ ହୁଅନ୍ତି । ତାଙ୍କର ଅପାର କରୁଣାରୁ ଭକ୍ତ ହୃଦୟରୁ ଜ୍ଞାନର ଉଦୟହୁଏ । ତାଙ୍କର ଅମାପ କୃପାରୁ ଭକ୍ତର ଚୈତନ୍ୟ କେନ୍ଦ୍ର ଚିନ୍ମୟ ହୁଏ । ଭକ୍ତ ଦିବ୍ୟ ଅନୁଭୂତିରେ ପରମାନନ୍ଦ ଲାଭ କରେ । ସେ ଅବସ୍ଥାରେ ଭକ୍ତ ଓ ଭଗବାନ ଏକ ହୁଅନ୍ତି । ଏହାହିଁ ଚରମ ଅବସ୍ଥା । ଏହି ଚରମ ଅବସ୍ଥା ପ୍ରାପ୍ତ ଭକ୍ତ ସାଂସାରିକ ଜୀବନରେ ସ୍ୱଧର୍ମ ପାଳନ କରୁଥିଲେ ମଧ୍ୟ ଐହିକ ସୁଖ ବନ୍ଧନରେ ବାନ୍ଧି ହୋଇ ନ ଥାଏ । ଆପାତତଃ ସ୍ୱଭାବ ସୁଲଭ ସକଳ କର୍ମ କରୁଥିଲେ ହେଁ ଅତିନ୍ଦ୍ରୀୟ ଜଗତରେ ସେ ପରମ ଭାବ ସହିତ ସତତ ଯୋଗାରୂଢ଼ ରହିଥାଏ । ଜାଗତିକ ବୁଦ୍ଧିରେ ତାଙ୍କୁ ନିର୍ବୋଧ, ଜଡ, ଉଦାସ ବୋଲି ଅବିହିତ କରାଗଲେ ମଧ୍ୟ ସେ ଯେ ପ୍ରକୃତରେ ତାହା ନୁହଁନ୍ତି, ଏହା କେବଳ ସହଧର୍ମୀ, ସମପର୍ଯ୍ୟାୟବ୍ୟାପୀ, ସମଭାବାପନ୍ନ ବ୍ୟକ୍ତି ବିଶେଷ ହିଁ ବୋଧ କରିପାରନ୍ତି । ଅନ୍ୟମାନଙ୍କ ନିକଟରେ ସେ ହୁଏତ ଅବୋଧ ହୋଇ ରହିଯାଆନ୍ତି । ମର୍ମଜ୍ଞ ହିଁ ମର୍ମକୁ ଚିହ୍ନି ପାରନ୍ତି । ପ୍ରକୃଷ୍ଟ ମର୍ମଜ୍ଞ ହିଁ ଭାବଗ୍ରାହୀ ଭକ୍ତ ବନ୍ଧୁ ବିଶ୍ୱପତି ପରମ ପୁରୁଷ । ସେ ହିଁ ନିର୍ଭୁଲ ଭାବରେ ମର୍ମର ଅବ୍ୟକ୍ତଭାବକୁ ଗ୍ରହଣ କରି ନିଅନ୍ତି । ଥରେ ଭକ୍ତର ମର୍ମକୁ ସେ ଚିହ୍ନି ଗ୍ରହଣ କରିନେଲେ, ଭକ୍ତର ଭାବ ଡୋରିରେ ବନ୍ଧାହୋଇ ରହିଯାଆନ୍ତି କରୁଣା ସାଗର ଭାବଗ୍ରାହୀ ଜୀବନ ଦେବତା ।

ପରମଭାବର ଏହି ଚରମ ଅବସ୍ଥା ପ୍ରାପ୍ତିର ସମ୍ଭାବନା ପ୍ରତ୍ୟେକ ବ୍ୟକ୍ତିଙ୍କର ଅନ୍ତଃସତ୍ତାରେ ସତତ ବିଦ୍ୟମାନ । ଜନ୍ମର ଅବ୍ୟବହିତ ଲଗ୍ନ ପୂର୍ବରୁ ବ୍ୟକ୍ତିର ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠରେ ଏହା ସୂକ୍ଷ୍ମ ବୀଜ ସ୍ୱରୂପରେ ବିରାଜିତ । ମାତ୍ର ଏହି ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠଦ୍ୱାର ଜନ୍ମ ସମୟରୁ ରୁଦ୍ଧ ହୋଇଥାଏ । ଜିତେନ୍ଦ୍ରିୟ ପ୍ରକୋଷ୍ଠର ସୂକ୍ଷ୍ମ ବୀଜ ରୂପରେ ବିରାଜମାନ ଜାଗତିକ ପ୍ରବୃତ୍ତିର ସ୍ରୋତ ବ୍ୟକ୍ତିର କୋଷ କେନ୍ଦ୍ର ଗୁଡିକୁ ସଂଚରିତ ହୋଇ ସମସ୍ତ ଜୀବକୋଷକୁ ଉଦ୍‌ଜୀବିତ କରେ । ଫଳରେ ବ୍ୟକ୍ତି ତଦନୁରୂପ ପ୍ରକୃତି ସମ୍ପନ୍ନ ହୋଇ ପ୍ରବୃତ୍ତି ମାର୍ଗରେ ପରିଚାଳିତ ହୋଇଥାଏ । ବାରମ୍ବାର ପ୍ରବୃତ୍ତି ମାର୍ଗରେ ପରିଚାଳିତ ହୋଇ ତଦନୁରୂପ କ୍ରିୟାକଳାପରେ ଲିପ୍ତ ହେବା ହେତୁ ଏହା ତାହାର ସଂସ୍କାରରେ ପରିଣତ ହୋଇ ପରଜନ୍ମ ନିମନ୍ତେ ସୂକ୍ଷ୍ମ ଶରୀର ଗଠନରେ ସହାୟକ ହୋଇଥାଏ । ଫଳତଃ ପରଜନ୍ମରେ ବ୍ୟକ୍ତି ସେହି ସଂସ୍କାରସୃଷ୍ଟ ସୂକ୍ଷ୍ମ ଶରୀର ଆନୁପାତିକ ସ୍ଥୂଳ ଶରୀର ଗ୍ରହଣ କରେ । ସେହି ସ୍ଥୂଳ ଶରୀରରେ ଜୀବକୋଷ ଓ କୋଷ କେନ୍ଦ୍ର ତଦନୁରୂପ ସଜ୍ଜୀଭୂତ ହୋଇ ରହିଥାଏ । ଗୁଣସୂତ୍ର ଓ ଗୁଣପିଣ୍ଡ ମଧ୍ୟ ସେହିପରି ହୋଇଥାଏ । ବ୍ୟକ୍ତିର କର୍ମଧାରା ସେହି ପଥରେ ପରିଚାଳିତ ହୁଏ । ଜିତେନ୍ଦ୍ରିୟ ପ୍ରକୋଷ୍ଠରେ ସଞ୍ଚିତ ସୂକ୍ଷ୍ମବୀଜ ଦ୍ୱାରା ପରିଚାଳିତ ବ୍ୟକ୍ତି କ୍ରମଶଃ ନିବୃତ୍ତି ପଥରେ ତୀବ୍ର ବେଗରେ ଅଗ୍ରସର ହୋଇ ଆପଣାର ଇହ ଓ ପର ଉଭୟକାଳକୁ ଘନ ଅନ୍ଧକାରାଚ୍ଛନ୍ନ କରି ତୋଳେ । ତାହାର ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ ହେବାର ଅବକାଶ ମଧ୍ୟ ନଥାଏ । ଶ୍ରେୟ ପଥରୁ ଅପସରି ଯାଇ ସେ ହୁଏ ପ୍ରେୟ ପଥର ପଥିକ ।

ପ୍ରାରବ୍ଧ ହେତୁ ବା ଶ୍ରୀଗୁରୁଦେବଙ୍କର ଅପାର କୃପାରୁ ହେଉ ଯେଉଁ ବ୍ୟକ୍ତିର ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଥରେ ମାତ୍ର ଉନ୍ମୁକ୍ତ ହୁଏ, ତାହାର ଭଗବତ ପ୍ରେମର ଉନ୍ମେଷଣ ଘଟେ । ଏହି ଭଗବଦ୍ ପ୍ରେମର ଉନ୍ମେଷ ମାତ୍ର ସେ ଭଗବଦ୍ ସନ୍ଧାନୀରେ ପ୍ରୟାସୀ ହୁଏ । କ୍ରମଶଃ ତାହାର ଜିତେନ୍ଦ୍ରୀୟ ପ୍ରକୋଷ୍ଠର ଦ୍ୱାର ରୁଦ୍ଧ ହେବାକୁ ଲାଗେ । ତାହା ଯେତେ ରୁଦ୍ଧ ହୁଏ, ବ୍ୟକ୍ତି ସେତେ ଅଧିକ ବିଭୁପ୍ରେମରେ ନିମଜ୍ଜିତ ହୁଏ । ସେତେବେଳେ ''ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା'' ତା'ର କ୍ରମଶଃ ଲୁପ୍ତ ହୋଇ 'କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା' ପ୍ରବଳ ହୁଏ । ''ନାସ୍ତେଜ ତସ୍ମିନ୍, ତଦ୍ ସୁଖେ ସୁଖିନ'' ଭାବରେ ସେ ଭାବାବିଷ୍ଟ ହୁଏ । ଏହି ଭାବ ହିଁ ଶୁଦ୍ଧ ଓ ସ୍ୱଚ୍ଛ । ଏହା ଅନାବିଳ, ଅକପଟ । ଏହି ଭାବଡୋରିରେ ଭାବଗ୍ରାହୀ ବନ୍ଧା ହୁଅନ୍ତି । ଏତାଦୃଶ ଭାବାବିଷ୍ଟ ବ୍ୟକ୍ତି ସେହି ପରମ ପୁରୁଷଙ୍କର ପ୍ରୀତି ନିମନ୍ତେ ସକଳ କର୍ମରେ ଲିପ୍ତ ରହି ମଧ୍ୟ ନିର୍ଲିପ୍ତ ହୋଇଥାଏ । ପଦ୍ମ ପତ୍ରରେ ଜଳ ସଦୃଶ ନିର୍ଲିପ୍ତ, ନିର୍ବିକାର ଜୀବନ ଯାପନ କରେ । ତେଣେ ଏହି ସଂସ୍କାର ଜନିତ ସୂକ୍ଷ୍ମ ଶରୀର ତାହାର ଅଲକ୍ଷ୍ୟରେ ସୃଷ୍ଟି ହେଉଥାଏ । ପରଜନ୍ମରେ ସେ ସେହିପରି ଗୁଣସୂତ୍ର ଓ ଗୁଣପିଣ୍ଡ ସମନ୍ୱୀତ ଶରୀର ସ୍ଥୂଳରେ ଗ୍ରହଣକରି ଦିବ୍ୟଜୀବନ ଲାଭ କରେ । ସେହି ବ୍ୟକ୍ତି ପ୍ରେୟକୁ ତ୍ୟାଗକରି ଶ୍ରେୟକୁ ଆଦର କରିନିଏ । ପ୍ରବୃତ୍ତି ମାର୍ଗ ପରିହାର କରି ନିବୃତ୍ତି ପଥରେ ଅଗ୍ରସର ହୁଏ । ତାହାର ଇହକାଳ ଓ ପରକାଳ ତେଜୋଦୀପ୍ତ, ଓଜଃମୟ ଏବଂ ଜ୍ୟୋତିଷ୍ମାନ୍ ହୁଏ । ତାହାର ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ ହୋଇଥାଏ ଏବଂ ଜିତେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ରୁଦ୍ଧ ହୁଏ ।

ଯେଉଁ ବ୍ୟକ୍ତିମାନଙ୍କର ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠ ଦ୍ୱାର ଆଦୌ ଉନ୍ମୁକ୍ତ ହୁଏ ନାହିଁ ବା ହୋଇନାହିଁ, ସେମାନେ ବଦ୍ଧଜୀବ । ମାୟାମୋହ ଗ୍ରସ୍ତ ହୋଇ କାମକ୍ରୋଧ ଲୋଭ ମଦମାତ୍ସର୍ଯ୍ୟର ବଶୀଭୂତ ହୋଇ ସେମାନେ ନାନାଦି ଜାଗତିକ କାମନା ବାସନାର ଶିକାର ହୁଅନ୍ତି । ଆତ୍ମେନ୍ଦ୍ରିୟ ପ୍ରୀତି ପରିତୃପ୍ତି ନିମନ୍ତେ ସେମାନେ ନାନାଦି ଜାଗତିକ କାମନା ବାସନାର ଶୀକାର ହୁଅନ୍ତି । ଆତ୍ମେନ୍ଦ୍ରିୟ ପ୍ରୀତି ପରିତୃପ୍ତି ନିମନ୍ତେ ସେମାନେ ଜାଗତିକ କ୍ଷଣିକ ସୁଖର ସନ୍ଧାନରେ କାଳାତିପାତ କରନ୍ତି । ସେମାନଙ୍କୁ ମୂଢ଼ ମତି କୁହାଯାଇପାରେ । ସମାଜରେ ସମ୍ପ୍ରତି ଏହି ଶ୍ରେଣୀର ବ୍ୟକ୍ତିଙ୍କର ସଂଖ୍ୟା ଗରିଷ୍ଠ । ଏମାନେ ଜିତେନ୍ଦ୍ରିୟ ପ୍ରକୋଷ୍ଠରେ ଥିବା ସୂକ୍ଷ୍ମ ବୀଜ ସ୍ୱରୂପ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ସ୍ଥୂଳ କର୍ମରେ ତଦନୁରୂପ ଆଚରଣ ପ୍ରଦର୍ଶନ କରିଥାଆନ୍ତି । ନାନାଦି ପଶୁସୁଲଭ କ୍ରିୟାକଳାପରେ ଏମାନେ ଅଭ୍ୟସ୍ତ ଏବଂ ତହିଁରୁ ଏମାନେ କ୍ଷଣିକ ହେଲେ ମଧ୍ୟ ଆନନ୍ଦ ପାଆନ୍ତି ଓ ପରମୁହୂର୍ତ୍ତଗୁଡ଼ିକରେ ଅମାପ ଦୁଃଖ ଯାତନା ଲାଭକରି ଜୀବନକୁ ଦୁର୍ବିସହ ମନେ କରନ୍ତି । ଏମାନଙ୍କର ହୃଦୟ କଠୋର । ଏମାନେ କପଟୀ ପରଶ୍ରୀକାତର, ଲାଞ୍ଚ ମିଛ ପ୍ରବଣ, ବନ୍ଧୁଦ୍ରୋହୀ, କୃପଣ, ସ୍ୱାର୍ଥପର ଇତ୍ୟାଦି ଦୁର୍ଗୁଣଭୂଷିତ । ଶତଚେଷ୍ଟାରେ ମଧ୍ୟ ଏମାନଙ୍କର

ଆଧ୍ୟାତ୍ମିକ ଉନ୍ମେଷ ଘଟେ ନାହିଁ, ଯଦି କଦବା କେବେ କାହାର ଘଟିଥିବାର ଲକ୍ଷ୍ୟ କରାଯାଏ, ତେବେ ତାହାହୁଏତ କ୍ଷଣିକ ବା ଛଳନା । ମାତ୍ର, ବିଷ୍ଣୁକୃପା ଲାଭକଲେ, ଏମାନେ କୁପଥରୁ ସୁପଥକୁ, ପ୍ରବୃତ୍ତିରୁ ନିବୃତ୍ତିକୁ, ପ୍ରେୟରୁ ଶ୍ରେୟକୁ ଆସିଯାଇପାରନ୍ତି । ଗୋଟିଏ ପଥରୁ ଅନ୍ୟ ଏକ ପଥକୁ ଆସିଯିବା ହୁଏତ ସମ୍ଭବ, ମାତ୍ର ସେହି ପୁରାତନ ପରିବେଶ ଓ ଅଭ୍ୟାସ, ଜୀବନ ଓ ଚଳନକୁ ପାଶୋରି ଦେଇ ନୂତନ ପରିବେଶ, ଅଭ୍ୟାସ, ଜୀବନ, ଚଳନ ଓ କର୍ମଧାରାରେ ଅବଶିଷ୍ଟ ଜୀବନ ନିଷ୍ଠା ଓ ଆନ୍ତରିକତାର ସହିତ ଅତିବାହିତ କରିବା ସହଜସମ୍ଭବ ବା ସହଜସାଧ୍ୟ ନୁହେଁ । ଏଠାରେ ଗୁରୁକୃପା ସହିତ କର୍ମଯୋଗ ବା ପୁରୁଷାର୍ଥ ବା ସ୍ୱଧର୍ମପାଳନର ପ୍ରଶ୍ନ ଉଠେ । ଗୁରୁକୃପାର ପଥ ଉନ୍ମୋଚନ ହୁଏ ସତମାତ୍ର ସେହି ଉନ୍ମୋଚିତ ପଥରେ ପାଦ ଚାଳିଧିରେ ଧିରେ ଅଗ୍ରସର ହେବା ବ୍ୟକ୍ତିର ସମ୍ପୂର୍ଣ୍ଣ ନିଜସ୍ୱ କର୍ତ୍ତବ୍ୟ ଓ ଦାୟିତ୍ୱ । ଏହି ପର୍ଯ୍ୟାୟରେ ଗୁରୁ ପ୍ରୟୋଜନ କର୍ତ୍ତା ଏବଂ ଶିଷ୍ୟ (ବା ବ୍ୟକ୍ତି) ନିଜେ କର୍ତ୍ତା । ଏହି ସୋପାନରେ ଆବଶ୍ୟକ ହୁଏ ପୁରୁଷାର୍ଥ, ନିଷ୍ଠା, ଆନ୍ତରିକତା ଏବଂ ଭାବ ।।

ବ୍ୟକ୍ତିର କର୍ମଯୋଗ ସାଧନାରେ ନିଷ୍ଠା ଓ ଆନ୍ତରିକତା ସୃଷ୍ଟି ହୋଇଗଲେ ଆଉ ବିଶେଷ ପ୍ରତିବନ୍ଧ ରହେ ନାହିଁ । ନିଷ୍ଠା ଓ ଆନ୍ତରିକତାର ସହିତ କର୍ମଯୋଗ ସାଧନ କଲେ, ତହିଁରୁ ବିମଳ ଆନନ୍ଦ ଲାଭ ହୁଏ । ଏହାଥରେ ଅଭ୍ୟାସରେ ପଡିଗଲେ, ସ୍ୱତଃ ଭାବର ଉଦ୍ରେକ ହୁଏ । ଭାବର ସୂକ୍ଷ୍ମାତିସୂକ୍ଷ୍ମ ବୀଜ ମନ ପ୍ରାଣରେ ଉତ୍ପନ୍ନ ହୁଏ ଓ ଏଥିରୁ ଗଭୀର ଚିନ୍ତା, ଧ୍ୟାନ, ଧାରଣା, ଭକ୍ତି, ଅନୁଭୂତି, ଆବେଗ ଇତ୍ୟାଦି ସୃଷ୍ଟି ହୋଇ ବ୍ୟକ୍ତିକୁ ଚିରସ୍ଥାୟୀ ଆନନ୍ଦ ଓ ଶକ୍ତି ପ୍ରଦାନ କରିଥାଏ ।

ସ୍ଥୂଳତଃ ଏହି ଅଭ୍ୟାସ ଯୋଗରେ ପ୍ରବୃତ୍ତ ହେବା ନିମନ୍ତେ ସର୍ବପ୍ରଥମ ଆବଶ୍ୟକତା ପ୍ରେମ ବା ଭଲପାଇବା । ଭଲପାଇବା ପ୍ରେମର ଶକ୍ତି ଅମାପ, ଅକଳନ । ବ୍ୟକ୍ତି ଯାହାକୁ ଭଲପାଏ ବା ପ୍ରେମ କରେ, ତାହାକୁ ତୃପ୍ତ କରିବା ପାଇଁ ଏପରି କୌଣସି କର୍ମ ନାହିଁ ଯାହା ସେ କରି ନ ପାରେ, ଏପରି କୌଣସି ତ୍ୟାଗ ନାହିଁ ଯାହା ସେ ସଂପାଦନ କରି ନ ପାରେ । ଏହି ପ୍ରେମ ଭାବର ଭୂମିକା ଅନନ୍ୟ ସାଧାରଣ । ଏହି ଭାବରେ ଆବିଷ୍ଟ ଶକ୍ତି ଆପଣାର ଭାବ ଡୋରିରେ ଭାବଗ୍ରାହୀଙ୍କୁ ବାନ୍ଧିପାରେ । କର୍ମଧାରା ସ୍ଥୂଳ ମାତ୍ର ତଜ୍ଜନିତ ଭାବଧାରା ସୂକ୍ଷ୍ମ । ସ୍ଥୂଳ ହିଁ ଆଧାର, ସୂକ୍ଷ୍ମ ଆଧେୟ । ତେଣୁ ସର୍ବାଦୌ ସ୍ଥୂଳକର୍ମ ବନ୍ଧନରେ ପ୍ରଭୁଙ୍କର ତୃପ୍ତି ନିମନ୍ତେ ବ୍ୟକ୍ତି ବା ଭକ୍ତ ଉଦ୍‌ବେଳିତ ହୃଦୟରେ ଯଦ୍‌ପରୋନାସ୍ତି ସାଧ୍ୟ ସମାର୍ଥ୍ୟ ମତେ କିଛି ନା କିଛି ସେବା ଉପଚାର କରିବା ପ୍ରଥମ କର୍ତ୍ତବ୍ୟ । ପ୍ରଭୁ ଯାହା ଭଲ ପାଆନ୍ତି ତାହାକରିବା, କହିବା ଓ ସେପରି ଜୀବନ ଚଳନରେ ରହିବା ଉଚିତ । ପ୍ରଭୁଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିବା ଅନୁଚିତ । ତାଙ୍କର ଯେତେଥିଲେ ମଧ୍ୟ ସେଥିପ୍ରତି ଦୃଷ୍ଟି ନଦେଇ ସାଧ୍ୟ ମତେ ପ୍ରଭୁଙ୍କୁ ଯାହା ଭଲ ତାହା ନିବେଦନ କରିବା ଉଚିତ । ବ୍ୟକ୍ତି ଯେପ୍ରଭୁଙ୍କ କୃପାରେ ଜୀବନ ଧାରଣ କରି ଆତଯାତ ହେଉଛି, ସେହି ଭାବଧାରାରେ ରହିବା କର୍ତ୍ତବ୍ୟ । ପ୍ରଭୁଙ୍କ ଆଜ୍ଞା, ଆଦେଶ ଓ ଉପଦେଶକୁ ଆନ୍ତରିକ ନିଷ୍ଠାର ସହିତ ସୁନ୍ଦର ଭାବରେ ପାଳନ କରିବା ଭକ୍ତ ଅନୁଗତ ଶିଷ୍ୟମାନଙ୍କର ଏକାନ୍ତ ବାଞ୍ଛନୀୟ । ସ୍ଥୂଳ ଭାବରେ ଏ ସମସ୍ତ କର୍ମରେ ବ୍ୟକ୍ତି ନିଷ୍ଠାର ସହିତ ଲିପ୍ତ ରହିଲେ, ସ୍ୱତଃ ଭାବତରଙ୍ଗ ସୃଷ୍ଟି ହୁଏ । ସେତେବେଳେ ପ୍ରୟୋଜନ କର୍ତ୍ତା ଜଗତପତି ପ୍ରଭୁଙ୍କର ପ୍ରୟୋଜନାରେ ବ୍ୟକ୍ତି ନିଜେ ଆପଣାର ପୁରୁଷାର୍ଥ ଦ୍ୱାରା କର୍ତ୍ତା ଭାବରେ ସମସ୍ତ କର୍ମ ଆପଣାର ଅଜ୍ଞାତ ସାରରେ ଯନ୍ତ୍ରବତ୍ କରିଚାଲେ ଯନ୍ତ୍ରାରୂଢ଼ ପ୍ରଭୁ ବ୍ୟକ୍ତିର ଭାବଅନୁସାରୀ କର୍ମରେ ତାହାକୁ ନିଯୁକ୍ତ କରି କର୍ମସଂପାଦନ କରାଇନିଅନ୍ତି । ସ୍ଥୂଳରେ ସେ କର୍ମ କରିଚାଲେ, ସୂକ୍ଷ୍ମରେ ତା ମନ ପ୍ରାଣରେ ଭାବ ତରଙ୍ଗ ସୃଷ୍ଟି ହେଉଥାଏ । ସ୍ଥୂଳ ଓ ସୂକ୍ଷ୍ମ, କର୍ମ ଓ ଭାବ ପରସ୍ପର ପରିପୂରକ ହୋଇ ଉଠନ୍ତି । ଭକ୍ତର ଭାବ ଡୋରିରେ ସେତେବେଳେ ଭାବଗ୍ରାହୀ ବନ୍ଧା ହୁଅନ୍ତି । ଏହି ଭାବ ଡୋରିରେ ବନ୍ଧନ ନିବିଡହେଲେ, ପ୍ରଭୁ ଭାବଗ୍ରାହୀ ଏଥିରୁ ମୁକ୍ତି ପାଇ ନପାରି ଭକ୍ତର ଭାବରେ ଚିରଦିନ ବନ୍ଧାରହନ୍ତି ।

ସାଂସାରିକ ଜୀବନରେ ଏହି ଭଲପାଇବା 'ଆତ୍ମେନ୍ଦ୍ରିୟ ପ୍ରୀତିଇଚ୍ଛା' ଚରିତାର୍ଥ ନିମନ୍ତେ ବିନିଯୁକ୍ତ ହୋଇଥାଏ । ଜଣ ଜଣକ ପକ୍ଷରେ ଏହି ଭଲ ପାଇବା ଏତେ ପ୍ରଗାଢ଼ ହୋଇଥାଏ ଯେ, ଇନ୍ଦ୍ରିୟ ଲାଳସାର ବଶବର୍ତ୍ତୀ ହୋଇ ବ୍ୟକ୍ତି ବାହ୍ୟଜ୍ଞାନ ଶୂନ୍ୟ ଅବସ୍ଥାରେ ଅସାଧାରଣ କାର୍ଯ୍ୟମାନ ମଧ୍ୟ ସଂପାଦନ କରିପାରେ । ସାଧାରଣ ଜୀବନରେ

ଏହି ଭଲପାଇବା କାମ ରୂପରେ ପରିଚିତ । ଏହି କାମର ପ୍ରେରଣାରେ ବ୍ୟକ୍ତି ଦୈନନ୍ଦିନ ଜୀବନରେ କର୍ମଯୋଗରେ ଲିପ୍ତ ରହେ । କାମଦ୍ୱାରା ଭୋଗ ଇଚ୍ଛା ପ୍ରବଳ ହୁଏ । ଭୋଗ ଇଚ୍ଛାରେ କିଛି ନା କିଛି କର୍ମ ସଂପାଦନା ଦ୍ୱାରା ତାହା ଚରିତାର୍ଥ କରିବାର ପ୍ରେରଣା ମିଳେ । ଏହା ଯେତେବେଳେ ଏକାଗ୍ର, ଏକମୁଖୀ ଓ ନିବିଡତର ହୁଏ, ସେତେବେଳେ ବ୍ୟକ୍ତି ଆଉ ଆପଣାର ଆୟତ୍ତରେ ନଥାଏ । ବିଲ୍ୱ ମଙ୍ଗଳ ଓ ତୁଳସୀଦାସଙ୍କ ଜୀବନରେ ଏହାହିଁ ଘଟିଥିବାର ଲକ୍ଷ୍ୟ କରାଯାଏ । ମାତ୍ର ଗୋଟିଏ ଗୋଟିଏ ମୁହୂର୍ତ୍ତରେ ସେମାନଙ୍କର 'ଆତ୍ମେନ୍ଦ୍ରିୟ ପ୍ରୀତି ବାଞ୍ଛା' ବଦଳିଯାଇ 'କୃଷ୍ଣେନ୍ଦ୍ରିୟ ଇଚ୍ଛା'ରେ ପରିଣତ ହୋଇଯାଇପାରିଛି । କାମ ରୂପାନ୍ତରିତ ହୋଇଛି ପ୍ରେମରେ । କାମ ପାଇଁ ସେମାନେ ଯେପରି ପାଗଳ ହୋଇଥିଲେ, ପ୍ରେମ ପାଇଁ ମଧ୍ୟ ତତୋଽଧିକ ପାଗଳ ହେଲେ । ଶେଷରେ ତାଙ୍କର ବିଭୂଦର୍ଶନ ହେଲା । ଗୋଟିଏ ମୁହୂର୍ତ୍ତରେ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୁକ୍ତ ହୋଇଗଲା । ତେବେ ଏହା ସାଧରଣ ବ୍ୟାପାର ନୁହେଁ । ପ୍ରତ୍ୟେକଙ୍କ କ୍ଷେତ୍ରରେ ଏହା ସତ୍ୟ ନୁହେଁ । ଏହା ବିଶେଷ ସ୍ୱତନ୍ତ୍ର ଘଟଣା ।

ସର୍ବସାଧାରଣ ସତ୍ୟର ସୂତ୍ର ଭିନ୍ନ । ବିଶେଷ ସ୍ୱତନ୍ତ୍ର (Exceptional) ଘଟଣା (Case) ଠାରୁ ଏହା ସମ୍ପୂର୍ଣ୍ଣ ପୃଥକ୍ । ବିଶେଷ ସ୍ୱତନ୍ତ୍ର ଘଟଣାକୁ ସର୍ବସାଧାରଣ ସତ୍ୟ (General Truth) ବୋଲି ଗ୍ରହଣ କରିବା ସର୍ବାଦୌ ଅନୁଚିତ । କେତେକ ଅଧ୍ୟାତ୍ମବାଦୀ ବ୍ୟକ୍ତି ବିଶେଷ ସ୍ୱତନ୍ତ୍ର ଘଟଣାକୁ ସାଧାରଣ ସତ୍ୟ ବୋଲି ଗ୍ରହଣ କରି ବଡ ଭୁଲ କରିଥାଆନ୍ତି । ଏହି ତ୍ରୁଟିର ଶିକାର ହୋଇ ସେମାନେ ପ୍ରମାଦ ପୂର୍ଣ୍ଣ ପଥରେ ଆଗେଇ ଯାଇ ସତ୍ୟ ଓ ଧର୍ମ ପଥରୁ ବିଚ୍ୟୁତ ମଧ୍ୟ ହୋଇଯାଆନ୍ତି । ତାଙ୍କର ମୋହ ଭଙ୍ଗ ହେବା ବେଳକୁ ବହୁ ବିଳମ୍ବ ହୋଇଯାଇଥାଏ । ହୁଏତ ସେମାନଙ୍କର ଚରମ ପ୍ରାପ୍ତି ହୁଏ ନାହିଁ ବା ଚରମ ପ୍ରାପ୍ତି ହେଲେ ମଧ୍ୟ ତାହାକୁ ସେମାନେ ଉପଭୋଗ କରିପାରନ୍ତି ନାହିଁ । ସଞ୍ଚିତ, ପ୍ରାରବ୍ଧ ତାଙ୍କର ଯେତେ ଭଲ ଥିଲେ ମଧ୍ୟ ଅଧିକ ଶକ୍ତିଶାଳୀ ମନ୍ଦ କ୍ରିୟମାଣ ତାଙ୍କର ପ୍ରଥମେ ଭୋଗ ହୁଏ । ଏହା ମଧ୍ୟ ବିଧିର ଶୃଙ୍ଖଳା । ସଞ୍ଚିତ, ପ୍ରାରବ୍ଧ ଓ କ୍ରିୟମାଣ ମଧ୍ୟରୁ ଯେଉଁଟି ଅଧିକ ଶକ୍ତିଶାଳୀ ତାହା ପ୍ରଥମେ ଭୋଗ ହୁଏ । ଏହି କ୍ରମରେ ପ୍ରାଣୀର ଜୀବନ କାଳ ମଧ୍ୟରେ ଅଧିକ ଶକ୍ତିଶାଳୀ କର୍ମଗୁଡିକର ଫଳମାନ ପ୍ରାଣୀ ଶୃଙ୍ଖଳାଗତ ପର୍ଯ୍ୟାୟରେ ଭୋଗକରିଥାଏ । ତେଣୁ ସଞ୍ଚିତ ବା ପ୍ରାରବ୍ଧ ପ୍ରତି ଦୃଷ୍ଟି ନ ଦେଇ ବର୍ତ୍ତମାନ ଜୀବନକାଳରେ କ୍ରିୟମାଣ କର୍ମକୁ ଅଧିକରୁ ଅଧିକତର ଶକ୍ତିଶାଳୀ କରି ଗଢି ତୋଳିବା ସର୍ବାଦୌ କର୍ତ୍ତବ୍ୟ । ପ୍ରତ୍ୟେକଟି କର୍ମ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ପ୍ରଭୁଙ୍କୁ ସମର୍ପଣ କରି ସଂପାଦନ କରିବା ଉଚିତ ।

ମନେ ରଖିବାକୁ ହେବ ଯେ, ଆମ ସମସ୍ତଙ୍କୁ ସାଧାରଣ ସତ୍ୟର ସୂତ୍ର ଧରି କର୍ମଯୋଗ ସାଧନା କରିବାକୁ ହେବ ହିଁ ହେବ । ଗୁରୁମନ୍ତ୍ର ବୀଜମନ୍ତ୍ର ଗୁରୁଙ୍କ ନିର୍ଦ୍ଦେଶିତ ଧାରାରେ ପାଳନ କରିବାକୁ ହେବ । ସାଧନା ପଥରେ ମନମୁଖୀ ହେଲେ ବା ଆପଣା ଇଚ୍ଛାରେ ଅନ୍ୟର ଅନ୍ଧ ଅନୁସରଣ କଲେ, ଚରମ ପ୍ରାପ୍ତି ଲକ୍ଷ୍ୟରେ ଉପନୀତ ହେବା ଆଦୌ ସମ୍ଭବ ନୁହେଁ । ଗୁରୁଙ୍କ ଆଜ୍ଞା, ଆଦେଶ ଏବଂ ଉପଦେଶାବଳୀକୁ ନିଷ୍ଠା ଓ ଆନ୍ତରିକତାର ସହିତ ବାସ୍ତବ ଭାବରେ ପାଳନ କରିବାକୁ ହେବ । ଧୈର୍ଯ୍ୟ, ନିଷ୍ଠା, ଆନ୍ତରିକତା ଓ ଏକାଗ୍ରତାର ସହିତ ଲୟ ଲଗାଇ କିଛି ଦିନ ପାଳନ କରିବା ପରେ ଗୁରୁଙ୍କ କୃପା ଅବଶ୍ୟ ମିଳିବ । ଗୁରୁ କୃପା କଲେ, ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଧିରେ ଧିରେ ଖୋଲିଯିବ । ଏହି ପ୍ରକୋଷ୍ଠରେ ସୂକ୍ଷ୍ମରୂପରେ ଥିବା ଭାବ ସକଳର ବୀଜ କ୍ରମଶଃ ଅଙ୍କୁରୋଦ୍‌ଗମ ହେବ । ସେହି ଭାବ ଧାରାର ଡୋରି ଲମ୍ବିଯିବ । ଭାବଗ୍ରାହୀ ଭକ୍ତ ବନ୍ଧୁ ପରମ ପୁରୁଷ ସେହି ଭାବଧାରା ଅବଶ୍ୟ ଗ୍ରହଣ କରିବେ । ଭଗବଦ୍ ପ୍ରେମ ସ୍ରୋତରେ ଭକ୍ତ ଭାସି ଭାସି ଅନାୟାସରେ ଭକ୍ତ ବନ୍ଧୁଙ୍କ ପଦକମଳ ପର୍ଯ୍ୟନ୍ତ ପହଞ୍ଚିଯାଇ ପାରିବ । ଏଥିପାଇଁ ପୁରୁଷାର୍ଥର ଯଥାର୍ଥ ବିନିଯୋଗ, ମାନସିକ ସାହସ (Moral courage)ର ସଦ୍‌ବ୍ୟବହାର, ଆନ୍ତରିକ ନିଷ୍ଠାର ସହିତ କର୍ମଯୋଗ ସାଧନ ଏବଂ ଏକାଗ୍ର ଲୟ ଅବଶ୍ୟ ଆବଶ୍ୟକ । ଏତିକି କରିପାରିଲେ, ଭକ୍ତର ଭାବ ଡୋରିରେ ଭକ୍ତବନ୍ଧୁ ଭାବଗ୍ରାହୀ ନିଶ୍ଚୟ ବନ୍ଧା ହୋଇରହିବେ ।

ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!! ଓଁ

ଈର୍ଷା ଅନଳରେ ଜଳି ପୋଡଇ,
ବିବେକ ତାହାର ତଳେ ଗଡଇ ।
ପରଶିରୀ ଦେଖି ନ ପାରେ ଯେହୁ,
ଈର୍ଷାରେ କାତର ହୁଅଇ ସେହୁ ॥

# ଜିଜ୍ଞାସା : ଜିଜ୍ଞାସୁ

*କ୍ଷିତିଜ୍ୟୋତିଃ ଆଶ୍ରମର ପ୍ରଥମ ପ୍ରଧାନାଚାର୍ଯ୍ୟ ପରମଶ୍ରଦ୍ଧେୟ ଦିବଂଗତ ଯତୀଶ ଦା' : ୰ ଯତୀଶ କୁମାର ସିହ୍ନା : ଶ୍ରୀଦାନାମ ଛବିଭାଇ ।। କ୍ଷିତି ଜ୍ୟୋତି ଆଶ୍ରମ ଗଠନ / ସଂଗଠନରେ ତାଙ୍କର ତ୍ୟାଗପୂତ ଜୀବନଚର୍ଯ୍ୟା ହିଁ ତାଙ୍କୁ ଅବିସ୍ମରଣୀୟ କରି ତୋଳିଛି ଅସଂଖ୍ୟ ଗୁରୁ ଭାଇ ଭଉଣୀଙ୍କର ହୃଦୟରେ । ଆଚରଣରେ ଥିଲେ ସେ ସିଦ୍ଧ : ଆଚରଣ ସିଦ୍ଧ ଆଚାର୍ଯ୍ୟ । ପ୍ରକୃତରେ ଆଚାର୍ଯ୍ୟ ଶବ୍ଦର ମୂଳ ଧାତୁ : 'ଚର' । ଆ - ଚର୍ +ଯ =ଆଚାର୍ଯ୍ୟ । ବ୍ୟବହାର ଥିଲା ତାଙ୍କର ନମ୍ର, କମ୍ର, ସ୍ନିଗ୍ଧ, ସୁନ୍ଦର । କୋମଳ ଭାଷା ହିଁ ତାଙ୍କ ଚରିତ୍ରର ମହନୀୟତା । ହିଂସା, ଈର୍ଷା, ପରଶ୍ରୀକାତରତା, କପଟଚାରିତା ଆଦି ଆସୁରିକ ଗୁଣ ଠାରୁ ସେ ଥିଲେ ବହୁତ ଦୂରରେ । ନିଃସ୍ୱାର୍ଥ ପରତା, କମନୀୟତା, ସେବା, ତ୍ୟାଗ, ନୀତି, ନିଷ୍ଠା ଆଦି ଦେବସୁଲଭ ଗୁଣ ସମୂହ ଥିଲା ତାଙ୍କର ଆଭୂଷଣ । ତେଣୁ କୌଣସି ବାହ୍ୟ ଆଡମ୍ବର ପୂର୍ଣ୍ଣ ବସନଭୂଷଣ ତାଙ୍କର ନଥିଲା ।*

*'ଚରମ'ର ପ୍ରଥମ ପୃଷ୍ଠ ତୃତୀୟ ପାଶ୍ୱୃଷ୍ଠା : ତୃତୀୟ ସଂଖ୍ୟାଠାରୁ ଏଯାବତ୍ 'ଚରମ'ର ପ୍ରତ୍ୟେକଟି ସଂଖ୍ୟାରେ ସେହି ମହା ମହିମାମୟ ଦିବଂଗତ ଦିବ୍ୟାତ୍ମା ଯତୀଶ ଦା'ଙ୍କ ସ୍ମୃତି ପ୍ରତି ସମ୍ମାନ ଜଣାଇ ଜିଜ୍ଞାସା : ଜିଜ୍ଞାସୁ : ଶୀର୍ଷକଟି ସଂଯୋଜିତ ହୋଇଆସୁଛି ।*

*ଏହି ପ୍ରଶ୍ନୋତ୍ତରୀ ମାଧ୍ୟମରେ 'ଦଶ ମୋଦକ' ର ନୀତି ଗୁଡିକର ସୁନ୍ଦର ସାବଲୀଳ ବ୍ୟାଖ୍ୟା କରାଯାଇଛି । ଯତୀଶ ଦା' ତାଙ୍କର ଅବସର କାଳରେ ପରମ ପୁରୁଷ ପରଂବ୍ରହ୍ମ ଚରମପତିଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଏ ସକଳ ଯତ୍ନର ସହିତ ସଂଗ୍ରହ କରି ନିଜ ଦୈନିକ ଦିନ ଲିପିରେ ଲିପିବଦ୍ଧ କରିଯାଇଅଛନ୍ତି । କରିଯାଇଛନ୍ତି ଆମର ଅଶେଷ କଲ୍ୟାଣ ।*

*ଆଧ୍ୟାତ୍ମିକ ଜୀବନ ଯାତ୍ରାରେ ନାନାବିଧ ସନ୍ଦେହ ମୋଚନ ନିମନ୍ତେ ଏହି ସକଳ ପ୍ରଶ୍ନ ଓ ଉତ୍ତର ଗୁଡିକର ମହାନ୍ ଭୂମିକା ଅବଶ୍ୟ ସ୍ୱୀକାର କରାଯାଏ ।*

## ଚତୁର୍ଦ୍ଦଶ ସଂଖ୍ୟା 'ଚରମ'ର ଅନୁଶ୍ରୁତିରୁ

**ପ୍ରଶ୍ନ** : ଠାକୁରେ ଆପଣ କହିଲେ ଯେ ବୈଷୟିକ ଶିକ୍ଷାରୁ ମାନ, ଗର୍ବ, ପରଶ୍ରୀକାତର ଭାବ ସୃଷ୍ଟି ହୋଇ ଆତ୍ମ ଜ୍ଞାନ ବା ଆତ୍ମ ଚେତନ ପ୍ରାପ୍ତିରେ ପ୍ରତିବନ୍ଧକ ରୂପେ ଘୋର ଅନ୍ତରାୟ ସୃଷ୍ଟି କରେ । ଏହି ମାନର ଭାବ କିପରି ଓ କ'ଣ ଟିକେ ବୁଝାଇ ଦିଅନ୍ତୁ ।

**ଠାକୁର** : ମନୁଷ୍ୟ ଜନ୍ମ ପରଠାରୁ ତାର ଚତୁଃ ପାର୍ଶ୍ୱ ପରିବେଶର ଚାପାରେ ଚାପି ହୋଇ ଯାହା କିଛି ଶିକ୍ଷା କରେ, ସେଥିରୁ ସେ କିଛିଟା ଯୋଗ୍ୟତା ଅର୍ଜ୍ଜନ କରେ । ଯଥା ଜଣେ ବ୍ୟକ୍ତି ପାଠ ପଢ଼ି ସାର୍ଟିଫିକେଟ୍ ପାଇଲା ପରେ ସେ କିଛି ଯୋଗ୍ୟତା ଅର୍ଜ୍ଜନ କଲା ବୋଲି ବୁଝାଯାଏ । ଉକ୍ତ ଲବ୍ଧ ଯୋଗ୍ୟତାକୁ ନେଇ ସେ ଚାକିରୀ କରେ, ଚାକିରୀରୁ ଦରମା ପାଏ । ଏହି ଦରମାଟି ହେଉଛି ଲବ୍ଧ ଯୋଗ୍ୟତାର ମାନ । ଏହି ମାନ ବଳରେ ମନୁଷ୍ୟ ସଂସାରର ସମସ୍ତ ଭୋଗ୍ୟ ବସ୍ତୁକୁ ଧରିବାକୁ ଚେଷ୍ଟା କରେ, ଓ ଯେଉଁ ବିଷୟ ଗୁଡ଼ିକୁ ଧରେ ତାହା ତାର ମାନର ସ୍ୱରୂପ । ମାନ ବିଷୟ ରୂପରେ ସ୍ୱରୂପ ପ୍ରକାଶ କରି ମାନକୁ ବର୍ଦ୍ଧିତ କରି ମନୁଷ୍ୟକୁ ମାନୀ କରିଦିଏ । ଏଣୁ ମାନୀ ମନୁଷ୍ୟ ମାନ ବଳରେ ମାନ୍ୟତା ଖୋଜି ବସେ । ମାନ୍ୟତା ପାଇଲେ ଅଭିମାନ ଓ ନ ପାଇଲେ ମଧ୍ୟ ଅଭିମାନ । ଏଣୁ ପ୍ରାପ୍ତି ଅପ୍ରାପ୍ତିରେ ଅଭିମାନିଆ ହୋଇ ଲଜ୍ଜା ଭୟର ବଶବର୍ତ୍ତୀ ହୋଇଥାଏ ।

**ପ୍ରଶ୍ନ** : କିପରି ମାନୀ ମାନ୍ୟତା ପାଇଲେ ଅଭିମାନ ନ ପାଇଲେ ମଧ୍ୟ ଅଭିମାନ ସୃଷ୍ଟି ହେଉଛି ? ଏହା ବୁଝାଇ କୁହନ୍ତୁ ।

**ଠାକୁର** : ଶୁଣ 'ଡାକ ମୁନ୍‌ସୀ' ସାହିତ୍ୟରେ କଣ ପଢ଼ି ନାହଁ ? ପିଅନର ପୁଅ କିପରି ଯୋଗ୍ୟତାର ମାନରୁ ପୋଷ୍ଟ ମାଷ୍ଟର ହୋଇ ମାନ୍ୟତା ପାଇଲା ଓ ବାପାକୁ ଚାକରର ପରିଚୟ ସାଙ୍ଗ ସାଥିଙ୍କୁ ଦେଇ

ଶେଷରେ ରୁଗ୍ଣ ବୃଦ୍ଧ ବାପକୁ ଘରୁ ବାହାର କରିଦେଲା ! ଏହା ହେଉଛି ପ୍ରାପ୍ତିର ଅଭିମାନ । ସେହିପରି ଗରିବ ଘରର ଝିଅ ଧନୀ ଘରର ବୋହୂ ହେଲେ ତାର ମାନ ବଢ଼ିଯାଏ । ଯେବେ ପୂର୍ବରୁ ଗରିବ ସାଙ୍ଗ ଦେଖାହୁଏ ତେବେ ସେ ଝିଅଟି ତାର ଶାଶୁ ଘର ଲୋକଙ୍କୁ ସାଙ୍ଗରେ ପରିଚୟ ଦେବାକୁ କୁଣ୍ଠା ପ୍ରକାଶ କରି ଅଭିମାନରେ ବାଟ ଭାଙ୍ଗି ଚାଲିଯାଏ ନାଁ କି ? ଏହା ମଧ୍ୟ ମାନ୍ୟତା ପ୍ରାପ୍ତିର ଅଭିମାନ ।

ଏବେ ମାନ୍ୟତା ଅପ୍ରାପ୍ତିରେ ଅଭିମାନ କିପରି ଆସେ ଶୁଣ । ମାନ ଥାଇ ଯଦି ମାନ୍ୟତା ନ ମିଳେ ତେବେ ଅଭିମାନରେ ମଥା ତଳକୁ ଟଳେ । ଅର୍ଥାତ୍ ଧନୀ ଘରର ଝିଅ ଯଦି ଗରିବ ଘରର ବୋହୂ ହୋଇଯାଏ ତେବେ ସେ ପୁରୁଣା ସାଙ୍ଗର ସାମନାକୁ ଯିବାକୁ କୁଣ୍ଠିତ ହୁଏ ନାହିଁକି ? ଏହାହିଁ ହେଉଛି ଅପ୍ରାପ୍ତିର ଅଭିମାନ । ଏହି ଉଭୟ ପ୍ରକାର ଅଭିମାନ ହେତୁ ଲଜ୍ଜା, ହିଂସା ଓ ପରଶ୍ରୀକାତର ଭାବ ସୃଷ୍ଟି ହୁଏ ।

ପ୍ରଶ୍ନ : କିପରି ଅଭିମାନରୁ ଈର୍ଷା, ହିଂସା ଆସେ ?

ଠାକୁର : ସୃଷ୍ଟିରେ ସର୍ବୋଚ୍ଚ ସ୍ଥାନ କେତେ ଉଚ୍ଚରେ ଅଛି କେହି ମାପି କହି ପାରିବେ କି ? ସେହିପରି ମଧ୍ୟ ସୃଷ୍ଟିର ସର୍ବ ନିମ୍ନତା କେତେତଳ ହିସାବ କରି କହି ପାରିବେ କି ? ଯତୀଶ୍ ଦା' କହିଲେ ନା ଏହା କହି ହେବ ନାହିଁ । ଠାକୁରେ ପୁଣି କହିଲେ ଉଚ୍ଚତାକୁ ମାପି ମାପି ଗଲେ ଉଚ୍ଚକୁ ଆହୁରି ଉଚ୍ଚକୁ ଯାଇ ସେ ସରେ ନାହିଁ, ସେହିପରି ନିମ୍ନକୁ ତୁଳନା କରିକରି ଗଲେ ତାହା ମଧ୍ୟ ସରେ ନାହିଁ । କଥାଟି ହେଲା ପରସ୍ପର ପରସ୍ପରର ମାନକୁ ମପା ମପି କରି ସାନ, ବଡ, ଉଚ୍ଚ, ନୀଚର ଭେଦ ସୃଷ୍ଟି କରିଥାଆନ୍ତି ଏବଂ ନିଜେ ନିଜକୁ ମପା ମପି କରି ଏହି ଭାବ ପୋଷଣ କରନ୍ତି ।

ଯଥା ୧୦୦ଟଙ୍କା ପାଉଥିବା ମଜୁରିଆ ୧୦୦୦ଟଙ୍କା ପାଉଥିବା ମଜୁରିଆକୁ ଭୟ କରେ । କାହିଁକିନା ୧୦୦ ଟଙ୍କାର ମାନ ଠାରୁ ୧୦୦୦ ଟଙ୍କାର ମାନ ଉଚ୍ଚରେ । ଏହାହିଁ ୧୦୦ଟଙ୍କା ପାଉଥିବା ମଜୁରିଆର ଭୟର କାରଣ । ହଜାରେ ଟଙ୍କା ଶହେ ଟଙ୍କାକୁ ବିପର୍ଯ୍ୟସ୍ତ କରିଦେଇପାରେ ଓ ତାର ପ୍ରତିବନ୍ଧକ ହୋଇପାରେ ମଧ୍ୟ । ଶହେ ଟଙ୍କାର ମଜୁରିଆ ବିପର୍ଯ୍ୟସ୍ତ ଭୟରେ ହଜାର ଟଙ୍କାର ମଜୁରିଆ ହେବାକୁ ସଂଗ୍ରାମ କରେ ଓ ପୁଣି ମଧ୍ୟ ତାର ତଳକୁ ଥିବା ପଚାଶ ଟଙ୍କାର ମଜୁରିଆ କାଳେ ତାର ସମକକ୍ଷ ହୋଇଯିବ ସେଥିପାଇଁ ମଧ୍ୟ ଭୟ କରେ । ଏଣୁ ଶହେ ଟଙ୍କାର ମଜୁରିଆକୁ ଆଗକୁ ପଛକୁ ସତର୍କ ଦୃଷ୍ଟି ରଖିବାକୁ ପଡିଥାଏ । ଯେଉଁଠି ମାନ ଅଛି ସେଥିପାଇଁ ତାର ଆଗରେ ପଛରେ ଲକ୍ଷ୍ୟ କଲେ ଜଣାଯାଏ ସେଠାରେ ଭୟ ନିଶ୍ଚୟ ଅଛି । ଆଉ ଯେଉଁଠାରେ ଭୟ ଅଛି ସେଠାରେ ତାର ପାର୍ଶ୍ୱଚର ଈର୍ଷା ଓ ହିଂସା ନିଶ୍ଚୟ ରହିଛନ୍ତି ଓ ରହିବେ ମଧ୍ୟ ।

ପ୍ରଶ୍ନ : ଈର୍ଷା ଓ ହିଂସାର ଭାବ ଓ ଲକ୍ଷଣ ଟିକେ ସ୍ପଷ୍ଟ ଭାବରେ ବୁଝାଇ ଦିଅନ୍ତୁ ।

ଠାକୁର : ଯିଏ ଯାହାକୁ ଭୟ କରେ ସେ ତାକୁ ଈର୍ଷା କରେ । ଗୋଟିଏ ମାନ ତାର ତଳମାନକୁ ସମକକ୍ଷ ହୋଇଯିବାର ଭୟ ଓ ଉପର ମାନ ଠାରୁ ବିପର୍ଯ୍ୟସ୍ତ ହୋଇଯିବାର ଭୟ ଜାତ ହୋଇଥାଏ । ଏହି ଭୟରୁ ଏକ ମାନ ଅନ୍ୟ ତଳ ଓ ଉପର ଦୁଇମାନଙ୍କୁ ମଧ୍ୟ ଈର୍ଷା କରେ । ଆଉ ଏହି ଈର୍ଷାର ଭାବଟି ହେଲା ଏହା ବାକ୍ୟରେ ପ୍ରକାଶ ନପାଇ ଭଙ୍ଗୀରେ ପ୍ରକାଶ ପାଇଥାଏ ।

ପ୍ରଶ୍ନ : ଆଉ ଟିକେ ସ୍ପଷ୍ଟ କରି ବୁଝାଇ ଦିଅନ୍ତୁ ।

ଠାକୁର : ତୁମ୍ଭେ ସମସ୍ତେ ଓ ଜଗତର ସମସ୍ତ ମନୁଷ୍ୟ ଏହି ଈର୍ଷାର ବଶବର୍ତ୍ତୀ ହୋଇ ଭାବ ପ୍ରକାଶ କରୁଛନ୍ତି କିନ୍ତୁ ଜାଣିପାରୁନାହାନ୍ତି । ଯଥା : ଆଗରେ ସମ୍ମାନ ଦେଇ ପଛରେ ମୁହଁ ମୋଡିବା । କାହାରି ସହିତ ଦ୍ୱନ୍ଦ ହେଲେ କ୍ରୋଧ ଆସେ । କ୍ରୋଧରେ ବାକ୍ୟ ବିନିମୟ ହୁଏ ଓ କିଛି ସମୟ ପରେ ବନ୍ଦ ହୋଇଯାଏ । ତାପରେ କ୍ରୋଧର ପର୍ଯ୍ୟାୟ ଶେଷ ହୋଇ ଈର୍ଷାର ପର୍ଯ୍ୟାୟ ଆରମ୍ଭ ହୁଏ ଏବଂ ଏହି ଈର୍ଷା ପର୍ଯ୍ୟାୟରେ କୌଣସି ବାକ୍ୟ ପ୍ରକାଶ ନକରି ପଛରେ ମୁହଁ ମୋଡିବା, ମୁହଁକୁ ନ ଚାହିଁବା, ସାମନାରେ ଦେଖିଲେ ବାଟ ଭାଙ୍ଗି ଚାଲିଯିବା ବା ପଛରୁ ବଡ ବଡ ଆଖିରେ ଗାଡେଇ ଚାହିଁବା, ଦାନ୍ତ କଡ ମଡ କରିବା, ହାତ ମୁଠା ମୁଠା କରିବା ଇତ୍ୟାଦି ଭଙ୍ଗୀମାନ ପ୍ରକାଶ ପାଏ ନାହିଁକି ? ଏହା ହେଉଛି ଈର୍ଷାର ଲକ୍ଷଣ ।

ପ୍ରଶ୍ନ : ଆଉ ହିଂସାର ଲକ୍ଷଣ କିପରି ?

ଠାକୁର : ମାନର ମାନ୍ୟତାରୁ ଅଭିମାନ, ଅଭିମାନରୁ ଭୟ, ଭୟରୁ ଈର୍ଷା ଓ ଈର୍ଷା ଜମି ହିଂସାରେ ପରିଣତ ହୋଇଥାଏ ବା ଈର୍ଷା ଗାଢ଼ ହେଲେ ହିଂସା । ଏହି ହିଂସା ଅବସ୍ଥାରେ ଈର୍ଷା କରୁଥିବା ମାନର କିଛି କରିବାର ଭାବ ଆସେ । ଏହି ଭାବ ପ୍ରତ୍ୟକ୍ଷରେ କ୍ଷତ ନକରି ଅନ୍ତରାଳରେ ରହି ଅନ୍ୟ ଦ୍ୱାରା ବା ପରୋକ୍ଷ କ୍ଷତିର ଲକ୍ଷଣ ପ୍ରକାଶ କରେ ।

ପ୍ରଶ୍ନ : ଗର୍ବର ଭାବ କିପରି ?


ଠାକୁର : ମନୁଷ୍ୟର ମାନ ଅହଂକରଣ ହୋଇଯିବା ପରେ ମାନର ମପା ମପି ହୋଇ ନିନ୍ଦା ପ୍ରଶଂସା ଆସିଥାଏ । ଏହି ନିନ୍ଦା ପ୍ରଶଂସାରୁ ଗର୍ବଭାବ ସୃଷ୍ଟି ହୁଏ । ପଣ୍ଡିତର ପାଣ୍ଡିତ୍ୟକୁ ପ୍ରଶଂସାକଲେ ଗର୍ବ ଓ ପାଣ୍ଡିତ୍ୟକୁ ନିନ୍ଦା କଲେ ଅନ୍ତରରେ ଓ ମନରେ ଯେଉଁ ଭାବ ଓ ପ୍ରତିକ୍ରିୟା ସୃଷ୍ଟି ହୁଏ ତାହା ଗର୍ବ । ଏହା ଅଙ୍ଗେ ଲିଭାଇଥିବ ନିଶ୍ଚୟ । ଏଣୁ ଧନୀର ଧନ ମାନୀର ମାନ, ଜ୍ଞାନୀର ଜ୍ଞାନ ଓ ସୁନ୍ଦରୀର ସୁନ୍ଦରପଣର ନିନ୍ଦା ପ୍ରଶଂସାରେ ଗର୍ବ ଭାବ ଆସିଥାଏ ।

(କ୍ରମଶଃ)

❋❋❋

ଅକ୍ଷର ବ୍ରହ୍ମ ଯେ ନିତି ଝରୁଛି,
ବର୍ଣ୍ଣମାଳା ହୋଇ ପିଣ୍ଡେ କ୍ଷରୁଛି ।
ଷଡ଼ଚକ୍ର ମଧ୍ୟେ ନିବାସ ତାର,
ସେହି ଦେଖେ ଯା'ର ସେ ପଦ ସାର,
ପିଣ୍ଡରେ ବ୍ରହ୍ମାଣ୍ଡ ଅଛି ସାଇତା,
ତ୍ରିକୁଟେ ଜଳୁଛି ବ୍ରହ୍ମ ସବିତା ।
ଲୟ ରଖିବାକୁ ନିରେଖି ତା'ରେ,
ଷଢ଼ଚକ୍ର ଭେଦି ବ୍ରହ୍ମରେ ଯା'ରେ ।
ବ୍ରହ୍ମ ରନ୍ଧ୍ର ତୋର ଖୋଲିଲେ ସିନା,
ସେହି ଦ୍ୱାରେ ତା'କୁ ପାଇବୁ କି ନା ।

# ସମ୍ଭବାମି ଯୁଗେ ଯୁଗେ ରଙ୍ଗବେଦୀ



## ଜନନୀ ଜଠର ଜରାୟୁ

''ସ୍ଥୂଳରେ ପ୍ରକାଶପାଇଁଟି ଜନନୀର ଜଠର
ମୂଳରେ ଜରାୟୁ ଆଶ୍ରୟ ରାମତୁ ହେତୁ କର ॥''

*ଈଶ୍ୱର ହିଁ ବିଶ୍ୱର ଆଧାର । ଅବତାର ପୁରୁଷ ଅବତାର ଗ୍ରହଣ କରି ବିଶ୍ୱରେ ଧର୍ମ ପ୍ରତିଷ୍ଠା ପାଇଁ ଧରାଧାମକୁ ଅବତାରଣ କରିବାର ଅବ୍ୟବହିତ ପୂର୍ବରୁ ସୃଷ୍ଟି ନିୟମର ସମ୍ମାନ ଓ ଶୃଙ୍ଖଳା ରକ୍ଷା କରି ଜନନୀ, ଜଠର, ଜରାୟୁର ଆଶ୍ରୟ ଗ୍ରହଣ କରନ୍ତି । ସାଧାରଣ ଜୀବ ମାତୃ ଗର୍ଭରେ ମାତୃ କଳା ଦୋଷରୁ ପୂର୍ବ ଜନ୍ମର ସକଳ ସ୍ମୃତି ହରାଇ ବସେ । ଧରାଧାମରେ ଭୂମିଷ୍ଠ ହେବା ପରେ ମାତୃ ଗର୍ଭରୁ ସକଳ ଅନୁଭୂତି ବିସ୍ମୃତ ହୁଏ । ଏହାହିଁ ସୃଷ୍ଟିର ବିଡମ୍ବିତ ରହସ୍ୟ ।*

*ପରମ ପୁରୁଷଙ୍କର ଏହି ପ୍ରାକୃତିକ ବିଡମ୍ବନା ହୁଏ ନାହିଁ, ହୋଇନାହିଁ ମଧ୍ୟ । ପରମଙ୍କର ଜନନୀ, ଜଠର, ଜରାୟୁରେ ଅବସ୍ଥିତ କାଳୀନ ଅନୁଭୂତିରେ ରଞ୍ଜିମନ୍ତ ଏହି ଭ୍ରମର ପ୍ରସଙ୍ଗ ॥ 'ଚରମ' ପତ୍ରର ଏହା ଏକ ନିୟମିତ ଧାରାବାହିକ ବିଭାଗ ॥*

## 'ଚରମ' : ଚତୁର୍ଥ ପୁଷ୍ପ : ପ୍ରଥମ ପାଖୁଡ଼ା : ପଞ୍ଚଦଶ ସଂଖ୍ୟାର ଅନୁଶ୍ରୁତିରୁ :

ଶିଶୁ ଅଙ୍ଗ ସାଧନ ସମୟରେ ଯେପରି ତାର ଅଭିଭାବକ ବା ଆତ୍ମୀୟମାନେ ତାକୁ ନଜର ରଖି ସାହାଯ୍ୟ କରିଥାଆନ୍ତି, ଆଧାତ୍ମିକ ପଥରେ ଏହି ପର୍ଯ୍ୟାୟ ସାଧନ ସମୟରେ ଶ୍ରୀ ଗୁରୁଦେବ ସାଧକ ଶିଷ୍ୟକୁ ସେହିପରି ଲକ୍ଷ୍ୟ ରଖି ଥାଆନ୍ତି ଓ ପ୍ରତି ମୁହୂର୍ତ୍ତରେ ସାହାଯ୍ୟ କରିଥାଆନ୍ତି । କାରଣ ସେ ଉକ୍ତ ନାଦଗର୍ଦ୍ଦଣ କୋଷର ପୂର୍ଣ୍ଣତା ହାସଲ କରିଥାଆନ୍ତି, ଯାହାଫଳରେ ସାଧକ ଶରୀରରେ କୋଷର ପ୍ରତ୍ୟେକ ଅବସ୍ଥାକୁ ଠିକ୍ ଭାବରେ ମାପି ପାରନ୍ତି ଓ ତଦନୁସାରେ ଶକ୍ତି, ସାମର୍ଥ୍ୟ ଯୋଗାଇ ଦିଅନ୍ତି । ଶ୍ରୀ ଗୁରୁଙ୍କର ବିନା ଆଶୀର୍ବାଦ (ଗୁରୁ କୃପା ବିନା) କୌଣସି ସାଧକ ଯେତେ ଚେଷ୍ଟା କଲେ ମଧ୍ୟ ଏହି ସାଧନ କରି ତାହାର ନିଜର ନାଦଗର୍ଦ୍ଦଣ କୋଷର ପକ୍ୱତା ଆଣିପାରିବ ନାହିଁ ।

କ୍ରମ ସାଧନର ଶେଷରେ ସାଧକ ଯେତେବେଳେ ସମାଧି ସ୍ତରରେ ପହଞ୍ଚି ବ୍ରହ୍ମ ଦର୍ଶନ କରେ, ସେତେବେଳେ ତାହାର ନାଦଗର୍ଦ୍ଦଣ କୋଷ ପୂର୍ଣ୍ଣତା ପ୍ରାପ୍ତ ହୋଇ ଅଖଣ୍ଡ ଶକ୍ତି ବହନ କରେ । ଏହି ଅବସ୍ଥାରେ ଗୁରୁ ଶିଷ୍ୟ ମଧ୍ୟରେ କୌଣସି ତଫାତ୍ ରହେ ନାହିଁ । ଠିକ୍ ଯେପରି ଶିଶୁଟିଏ ତା'ର କ୍ରମ ସାଧନ ପଥରେ ଅଙ୍ଗ ପ୍ରତ୍ୟଙ୍ଗର ଅବୟବ ଚାଳନାର ପୂର୍ଣ୍ଣତା ପରେ ପିତା ମାତା ଗୁରୁଜନ ଅଭିଭାବକ ଇତ୍ୟାଦିଙ୍କ ପରି ଚାଲିପାରେ ଏବଂ ସାଧକ ଶିଶୁ ଓ ଅଭିଭାବକଙ୍କର ଚାଲିଚଳନରେ ବା ସ୍ଥୂଳ କ୍ରିୟାରେ ସେତେବେଳେ ପ୍ରାୟ କୌଣସି ଫରକ୍ ନଥାଏ ।

ଆଧ୍ୟାତ୍ମିକ ଜଗତର ସ୍ତର ସାଧନା ଆହୁରି ସହଜ ଓ ବୋଧଗମ୍ୟ କରିବା ପାଇଁ ଏଠାରେ ଗୋଟିଏ ସ୍ଥୂଳ ଉଦାହରଣ ଅବତାରଣ କରାଯାଉଅଛି । ଜଣେ ବ୍ୟକ୍ତି କଲିକତା ଯିବା ପାଇଁ ମନସ୍ଥ କରି ବସ୍ ହେଉ ବା ରେଳଗାଡି ହେଉ ଯେ କୌଣସି ଯାତ୍ରୀ ବାହୀ ଯାନରେ ବସୁଛି । ଯାନଟି କ'ଣ ଏକାଥରେ କ୍ଷଣିକ ମଧ୍ୟରେ ଯାଇ କଲିକତାରେ ପହଞ୍ଚି ଯାଉଛି ? ନିର୍ଦ୍ଧାରିତ ବିଭିନ୍ନ ସ୍ଥାନରେ ରହଣି କରି ଯାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚୁଛି । ଚାଳକ ଯାନର ଗତି ବେଗକୁ ସ୍ଥାନ ବିଶେଷରେ ନିୟନ୍ତ୍ରଣ କରୁଛି, ଇଞ୍ଜିନକୁ ମଧ୍ୟେ ମଧ୍ୟେ ବିଶ୍ରାମ ଦେଉଛି ଓ ଆବଶ୍ୟକ ସ୍ଥଳେ ଉପଯୁକ୍ତ ପରିମାଣର ଇନ୍ଧନ ଯୋଗାଇ ଗତି କରୁଛି । ଚାଳକ ଜାଣୁଛି ଗନ୍ତବ୍ୟ ଲକ୍ଷ୍ୟସ୍ଥଳଟି କେତେ ଦୂର, କେଉଁ ପଥରେ ଯିବାକୁ ହେବ ଏବଂ କେଉଁ କେଉଁ ସ୍ଥାନରେ ବିଶ୍ରାମ ପ୍ରୟୋଜନ । କିନ୍ତୁ ଯାତ୍ରୀ ନିଜେ ଏକାକୀ ଗତି କରିବାକୁ ଅକ୍ଷମ ହୋଇଥିବାରୁ ଅନନ୍ୟୋପାୟ ହୋଇ ଧୈର୍ଯ୍ୟ ଧରି ଗାଡ଼ିର ଗତି ସହ ନିଜର ଗତି ସାମିଲ କରି ଦେଉଛି । ଚରମ ଲକ୍ଷ୍ୟ ତା'ର କଲିକତାରେ ପହଞ୍ଚିବା । କିନ୍ତୁ ଯେଉଁ ଯେଉଁ ସ୍ଥାନରେ ଗାଡି ଅଟକୁଛି ବା ଯେଉଁ ପଥ ଦେଇ ଗାଡି ଯାତ୍ରା କରୁଛି, ସେ ସବୁର ସ୍ମୃତି ଯାତ୍ରୀର ମନରେ ଆପେ ଆପେ ସ୍ମରଣ ରହିଯାଉଛି । ପରବର୍ତ୍ତୀ ସମୟରେ ଯାତ୍ରାପଥ ଓ ବିଶ୍ରାମ ସ୍ଥାନ ବିଷୟରେ ଚିନ୍ତା କଲା ମାତ୍ରେ ମାନସ ପଟରେ ସେ ସବୁର ପ୍ରତିଛବି ଫୁଟି ଉଠୁଛି । ଏହା ଆଲୋଚ୍ୟ ନାଦଗର୍ଦ୍ଧଣ କୋଷର କ୍ରିୟା । ଏଠାରେ ହୁଏତ ଏହି ପ୍ରଶ୍ନ ଉଠିପାରେ : ଯଦି ଜଣେ ନିଜର ମୋଟର ସାଇକେଲ ବା ବ୍ୟକ୍ତିଗତ କାର୍ ନେଇ ଅବିରାମ ଯାତ୍ରା କରେ, ତେବେ ସେ ବାଟରେ କୌଣସି ସ୍ଥାନରେ ବିଶ୍ରାମ ନ ନେଇ ଏକାଥରେ ଯାଇ କଲିକତାରେ ପହଞ୍ଚିବ । ସମାଧାନ ହେଉଛି : ସେ ବ୍ୟକ୍ତି କଲିକତାକୁ ଯିବା ରାସ୍ତା ସହିତ ପୂର୍ବରୁ ପରିଚିତ ଥିବା ଆବଶ୍ୟକ । ଯାନଟି ତା'ର ନିଜସ୍ୱ । ନିଜର ଇଚ୍ଛା ଅନୁଯାୟୀ ସେ ତାକୁ ନିୟନ୍ତ୍ରଣ କରିପାରୁଛି ।

ବିଶେଷ ଭାବରେ ବ୍ୟକ୍ତି ଜଣକ ଯାନଟିକୁ ଚଳାଇବା ପାଇଁ ଅଭ୍ୟାସ ଦ୍ୱାରା ସିଦ୍ଧିପ୍ରାପ୍ତ ହୋଇଛି । ଏହା ହେଉଛି ପୂର୍ବାଲୋଚିତ ପରୋକ୍ଷ ଓ ପ୍ରତ୍ୟକ୍ଷ ଆଶୀର୍ବାଦ ଏବଂ ଗୁରୁ କୃପାର କ୍ରିୟା । ବ୍ରହ୍ମ ଦର୍ଶନ ଲାଭ କରିସାରିଥିବା ବ୍ୟକ୍ତି ଜଣକ ସେଠି ପହଞ୍ଚିବାକୁ ସମସ୍ତ ପଥ ବିଷୟରେ ଅବଗତ ଥିବାରୁ ଓ ପ୍ରତ୍ୟେକ ଛକ ସ୍ଥାନର ସିଦ୍ଧିରୂପକ ଅଭିଜ୍ଞତା ଥିବାରୁ, ସେ ତା'ର ଇଚ୍ଛାନୁଯାୟୀ ନିଜର ମନ ଓ ଶରୀରକୁ ନାଦଗର୍ଦ୍ଧଣ କୋଷର ସ୍ମୃତି ଓ ଶକ୍ତି ସାହାଯ୍ୟରେ ଯେତେବେଳେ ଇଚ୍ଛା କରୁଛି ବ୍ରହ୍ମ ମଣ୍ଡଳରେ ବିଚରଣ କରିପାରୁଛି । କିନ୍ତୁ ବ୍ରହ୍ମ ଲାଭ ପାଇଁ ଅଭିଳାଷ କରିଥିବା ଜଣେ ସାଧକକୁ ସିଦ୍ଧିପ୍ରାପ୍ତ ହେବା ପର୍ଯ୍ୟନ୍ତ ଅନ୍ୟ ଉପରେ ନିର୍ଭର କରି ଆଗେଇବାକୁ ପଡୁଛି । ଉପରେ ଆଲୋଚନା କରାଯାଇଥିବା ଟ୍ରେନ୍ ବା ବସ୍‌ରେ ଯାଉଥିବା ଯାତ୍ରୀ ଜଣକୁ ପ୍ରାରମ୍ଭିକ ସାଧକ ଏବଂ ନିଜ ଯାନରେ ନିଜେ ଯାଉଥିବା ବ୍ୟକ୍ତିକୁ ସିଦ୍ଧ ସାଧକ ଭାବରେ ଅବିହିତ କରାଯାଇପାରେ ।


ଏଠାରେ ଆଉ ଗୋଟିଏ ସ୍ଥୂଳ ଅବସ୍ଥା ଲକ୍ଷ୍ୟ କରାଯାଉ । ଯେଉଁ ବ୍ୟକ୍ତିଟି କଲିକତା ଯିବା ବାଟରେ କୌଣସି ନା କୌଣସି କାରଣରୁ ଅର୍ଦ୍ଧପଥରେ (ଅଧାବାଟରେ) ଅଟକି ଗଲା, ପରଦିନ ବା ପରବର୍ତ୍ତୀ ସମୟରେ ଯାତ୍ରା ଆରମ୍ଭ କରିଥିବା ମୂଳ ସ୍ଥାନକୁ କ'ଣ ଲେଉଟି ଆସୁଛି ? ନା, ସେ ସେହି ପଥ ମଝିରେ ହିଁ ରହୁଛି । ପରବର୍ତ୍ତୀ ଅବସ୍ଥାରେ ପୁଣିଥରେ ସେହିଠାରୁ ହିଁ ଗନ୍ତବ୍ୟ ଲକ୍ଷ୍ୟସ୍ଥଳକୁ ଯାତ୍ରା ଆରମ୍ଭ କରୁଛି । ଆଧ୍ୟାତ୍ମିକ ଜଗତରେ

ଠିକ୍ ସେହିପରି ଯୋଗ ସାଧନାର ଯେଉଁ ସ୍ତର ଗୋଟିଏ ଜନ୍ମରେ ଶେଷ ହୋଇଛି, ପରବର୍ତ୍ତୀ ଜନ୍ମରେ ଠିକ୍ ସେହିସ୍ତର/ପର୍ଯ୍ୟାୟ ସୋପାନରୁ ହିଁ ସାଧକ ତାର ସାଧନ ଆରମ୍ଭ କରୁଛି । ଯୁଗଯୁଗାନ୍ତର/ଜନ୍ମ ଜନ୍ମାନ୍ତର ସାଧନକ୍ରିୟା ଓ ସାଧନ ଫଳ ସବୁକୁ ନାଦଗର୍ଦ୍ଦଣ କୋଷହିଁ ସାଇତି ରଖୁଛି ଓ ଯଥା ସମୟରେ ସ୍ମୃତିକେନ୍ଦ୍ରରେ ସ୍ମରଣ କରାଇ ଦେଉଛି ।

ନାଦ ଗର୍ଦ୍ଦଣ କୋଷର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଜୀବ ଅଭ୍ୟାସ ଯୋଗ ସାଧନା ଦ୍ୱାରା ଯେଉଁ କର୍ମକରିଥାଏ ବା କରୁଥାଏ, ଯେଉଁ ସାଧନ ମାର୍ଗ/ପଥ ଦେଇ ଗତି କରିଚାଲିଥାଏ, କେବଳ ସେହିଗୁଡ଼ିକୁ ଏହି କୋଷ ସ୍ମୃତିରେ ସାଇତି ରଖିଥାଏ । ସ୍ଥାନ, କାଳ, ପାତ୍ର, ପରିବେଶ, ପରିସ୍ଥିତି ଅନୁସାରେ ସେହି ସ୍ମୃତିକୁ କାର୍ଯ୍ୟରେ ଲଗାଇ ବ୍ୟବହାର କରିବାର ପ୍ରତ୍ୟକ୍ଷ ଶକ୍ତି ସାମର୍ଥ୍ୟ ଯୋଗାଇ ଥାଏ । ପୁନଶ୍ଚ ଜୀବ ପୂର୍ବଜନ୍ମ ବା ଇହଜନ୍ମରେ ଆଦୌ କରିନଥିବା କର୍ମ, ଗତି କରିନଥିବା ପଥ ଏବଂ ପୋଷଣ କରିନଥିବା ମତ ପୋଷଣ ପାଇଁ, ଗତି ପାଇଁ ଏବଂ କର୍ମ ପାଇଁ ଏହି କୋଷ ଏହି ଜନ୍ମରେ ନୂତନ ପ୍ରେରଣା ମଧ୍ୟ ଯୋଗାଇ ଦେଇ ଆଧ୍ୟାତ୍ମିକ ପଥରେ ଆଗେଇ ନେଇଯାଏ ।

ପୂର୍ବ ଆଲୋଚିତ ଗନ୍ତବ୍ୟସ୍ଥଳ କଲିକତାକୁ ଯିବା ପାଇଁ ଅନେକ ରାସ୍ତାଅଛି । ଯିଏ ଥରେ ଗୋଟିଏ ପଥଦେଇ ଯାଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଛି, ସେ ଯେଉଁ ମାର୍ଗରେ ଯାଇଛି ଯିବା ସମୟରେ ଯେଉଁ ଅନୁଭୂତି ସବୁ ସଂଗ୍ରହ କରିଛି, ସେ ସବୁର ଚିତ୍ର ନାଦଗର୍ଦ୍ଦଣ କୋଷରେ ଲିପିବଦ୍ଧ ହୋଇ ରହିଛି । ପୁନର୍ବାର ସେହିପଥରେ ଗଲାବେଳକୁ ତାକୁ ଅନ୍ୟ କାହାରି ସାହାଯ୍ୟ ନେବାକୁ ପଡୁନାହିଁ । କାରଣ ସଞ୍ଚିତ ଅନୁଭୂତିକୁ ପ୍ରେରଣା ଓ ଶକ୍ତିରେ ରୂପାନ୍ତର କରି ଏହି କୋଷ ବ୍ୟକ୍ତିର ଗତିପଥ ପରିଷ୍କାର କରି ନିର୍ଦ୍ଧାରଣ କରି ଦେଉଛି । କିନ୍ତୁ, ସେ ଯଦି ଅନ୍ୟ ଏକ ନୂତନ ପଥରେ ଯିବାକୁ ଚାହେଁ, ତେବେ ସେ ସେହି ନୂତନ ମାର୍ଗ ସଂପର୍କରେ ଅନୁଭୂତି ଲାଭ କରିଥିବା ବା ସେ ପଥ ସହିତ ପ୍ରତ୍ୟକ୍ଷ ପରିଚିତ ଥିବା ବ୍ୟକ୍ତିର ସାହାଯ୍ୟ ସହଯୋଗ ନେବାକୁ ବାଧ୍ୟ ହୁଏ । ପୁଣି ବାଟରେ ଯିବାବେଳେ ସେ ପ୍ରତ୍ୟେକ ଛକସ୍ଥାନରେ ପଚାରି ପଚାରି ଠିକ୍‌ପଥରେ ଆଗେଇ ଯାଏ । ସେ ତାର ପୂର୍ବପରିଚିତ ରାସ୍ତାରେ ଗତି କରିବା ପରି ସହଜରେ ବା ସୁବିଧାରେ ଆଗେଇ ଯାଇ ପାରେ ନାହିଁ । ଏ କ୍ଷେତ୍ରରେ ନାଦଗର୍ଦ୍ଦଣ କୋଷ ବ୍ୟକ୍ତିର ଆଗ୍ରହ ଅନୁସାରେ ତା'କୁ ପ୍ରେରଣା ଓ ସାମର୍ଥ୍ୟ ଯୋଗାଉଛି ସତ୍ୟ, ମାତ୍ର ପ୍ରତ୍ୟକ୍ଷ ଶକ୍ତି ବା ଧାରଣା ଦେଇ ପାରୁନାହିଁ ।

ନାଦଗର୍ଦ୍ଦଣ କୋଷର ଏହି ଏକମୁଖୀ ଶକ୍ତିଧାରଣର କ୍ରିୟାଯୋଗୁଁ ସିଦ୍ଧିପ୍ରାପ୍ତ ସାଧକ ମାନଙ୍କ ମତ ମଧ୍ୟରେ ଭିନ୍ନଭିନ୍ନତା ସୃଷ୍ଟି ହୋଇଥାଏ, ହେଉଛି ମଧ । ଜଣେ ଅନ୍ୟଜଣଙ୍କର ପଥ ସଂପର୍କରେ ସଂପୂର୍ଣ୍ଣ ଅପରିଚିତ ଓ ଅନଭିଜ୍ଞ ଥିବାହେତୁ ତାଙ୍କର ମତ ଓ ପଥ ସମ୍ବନ୍ଧରେ ଜାଣିବାକୁ ବା ଗତିକରିବାକୁ ଆଗ୍ରହ କରନ୍ତି । ଏପରି ଆଗ୍ରହ ସୃଷ୍ଟି ହେଲେ, ଏହି କୋଷ ପ୍ରେରଣା ଓ ସାମର୍ଥ୍ୟ ଯୋଗାଇଦିଏ । ଏହା ଦ୍ୱାରା ନାଦଗର୍ଦ୍ଦଣ କୋଷରେ ଅନ୍ୟ ଏକ ନୂତନ ଶକ୍ତି ରୋପଣ ହୋଇଥାଏ । ଯଦି ଜଣେ ସିଦ୍ଧସାଧକ ଅନ୍ୟଜଣଙ୍କର ମତ ଓ ପଥ ପ୍ରତି ଆକୃଷ୍ଟ ହୁଅନ୍ତି ନାହିଁ, ତେବେ ତାଙ୍କର ନାଦଗର୍ଦ୍ଦଣ କୋଷର ଶକ୍ତି ସୀମିତ ହୋଇ ରହେ, ବୃଦ୍ଧିପ୍ରାପ୍ତ ହୁଏ ନାହିଁ, ହୋଇପାରେ



# କଲ୍ୟାଣ ଦେଲି ତୋତେ

''କୈବଲ୍ୟ-କଣା ମୋ କଲ୍ୟାଣ
ପାଇବୁ ନିଷ୍ଠା ଥିଲେ ଟାଣ ॥
ଯେ କରେ ଆତ୍ମ ସମର୍ପଣ
ଆମେ ରକ୍ଷୁ ତା' ଭକ୍ତ ପଣ ॥''

ମେଘ ମେଦୁରିତ ଆକାଶରୁ ଝରିପଡ଼େ ଅବାରିତ ବାରିଧାରା । ଶୁଷ୍କ ଉଷର ଧରାବକ୍ଷ ହୁଏ ସିକ୍ତ, ଶାନ୍ତିର କରୁଣାଘନ ସ୍ପର୍ଶରେ ଉଲ୍ଲସିତ ହଏ ଧରଣୀରାଣୀ ।

କରୁଣାଘ କାରୁଣିକ ଠାକୁରଙ୍କର ପଦକମଳରୁ ଅନର୍ଗଳ ଝରିପଡୁଛି କଲ୍ୟାଣ କଣାର କୈବଲ୍ୟଧାରା । ସେହି ପ୍ରେମର ସଘନ କରୁଣାସ୍ରୋତରୁ ତରଙ୍ଗଟିଏ ମାତ୍ର 'ଚରମ' ପୃଷ୍ଠାରୁ ''କଲ୍ୟାଣ ଦେଲି ତୋତେ''

ଆଦେଶଉପଦେଶ, ଆଶ୍ୱାସ ଆଶ୍ୱାସନା ଏବଂ ଆଶାବିଶ୍ୱାସର ଅପୂର୍ବ ମିଳନରେ ପ୍ରତିଟି ହୃଦୟରୁ ସ୍ୱର୍ଗୀୟ ବିଭାରେ ବିଭୂଷିତ କରେ ପରମପ୍ରେମମୟ କରୁଣାସାଗର ଭାବଗ୍ରାହୀ ଭଗବାନ ଠାକୁରଙ୍କର କଲ୍ୟାଣ । ଅନୁକ୍ଷଣ କରୁଣାକଲ୍ୟାଣ ଦେଇଛନ୍ତି ପ୍ରଭୁପାଦ ଗୁରୁସ୍ୱାମୀ । ସତ୍ୟ ଆକାଂକ୍ଷିତ ହେବି କରୁଣାକଲ୍ୟାଣ କୈବଲ୍ୟ କଣା ଆସ୍ୱାଦନ ନିମନ୍ତେ ଆସନ୍ତୁ ପଢ଼ିବା : ''କଲ୍ୟାଣ ଦେଲି ତୋତେ ।''

**ଚରମରେ !**

ଧନରେ ମୋର, ଦଣ୍ଡେ ନିମିଷେ ତୋ କଥା ପାଶୋରି ପକାଇଲେ, ମନମୋର ଅଥୟ ହୋଇ ଯାଉଛି । କେତେ କ'ଣ ଭାବି ଯାଉଛି । ଏ ବିଶ୍ୱବ୍ରହ୍ମାଣ୍ଡରେ ଧର୍ମପ୍ରଚାର ଓ ପ୍ରସାର ପାଇଁ ତୋତେ ହସି ହସି କଲ୍ୟାଣ ଦେଇ ପଠାଇ ଦେଉଛି । ପୁଣି ତୋର ଫେରିବା ପଥକୁ ଚାତକ ପରି ଅନେଇ ରହୁଛି । ଫେରିବାରେ ଟିକିଏ ବିଳମ୍ୱ ହୋଇଗଲେ, ମନରେ କେତେ ଆଶଙ୍କା ନିମିଷକେ ଭରି ଯାଉଛି । ମଣିରେ ! ତୁ କ'ଣ ତାହା ବୁଝି ପାରୁଛୁ ନା ବୁଝି ପାରିବୁ ? ତୁ ମୋର ଅଲିଅଳ ଗେହ୍ଲାପୁଅ । ମୁଁ କ'ଣ ତୋ ଉପରେ ଏତେ ଦାୟିତ୍ୱ ଏ ପର୍ଯ୍ୟନ୍ତ ଦେଇଛି ? ଏବେବି ମୁଁ ପରା ସବୁ ନିଜ ମଥାରେ ବହନ କରି ବସିଛି । ଯେତିକି ପାରିବୁ, ସେତିକି ଦେଉଛି । ତୁ ତ ବର୍ତ୍ତମାନ ମୋର କୋଳପୋଛା କୁଳଚନ୍ଦ୍ରମା । ଯେତେବେଳେ ପିତାର ଅଧିକାର ପାଇବୁ ସେତେବେଳେ ପିତୃହୃଦୟର ବାତ୍ସଲ୍ୟ ମମତା ବଳରେ ପିତାର ଅନ୍ତରରେ ସନ୍ତାନ ପ୍ରତି ପୁଞ୍ଜୀଭୂତ ସ୍ନେହ ଅନୁଭବ କରି ପାରିବୁ । ଧନରେ ଦୁଇ ତିନିମାସ ପର୍ଯ୍ୟନ୍ତ ତୁ ଯେତେବେଳେ ଏ ପୁତ୍ରବିଧୁର ପିତାଠାରୁ ଦୂରେଇ ଯାଉଛୁ, ସେତେବେଳେ ତୋତେ କେତେ ଦୁର୍ଗମ କଣ୍ଟକିତ ପଥ ଅତିକ୍ରମ କରିବାକୁ ପଡୁଛି, ତାହା ମନେ ପକାଇ ମୋ ହୃଦୟ ଅନେକ ସମୟରେ ବ୍ୟଥିତ ହୋଇଯାଉଛି । ତୁ କାହୁଁ ବୁଝିବୁ ବାୟା, ମୋର ମରମ ବେଦନା ?

ବାବୁରେ, ମୁଁ ଜାଣୁଛି ତୋର ପଦେପଦେ ବିପଦ । ତଥାପି, ସବୁ ବାଧାବିଘ୍ନ, ବିପଦକୁ ଅତିକ୍ରମ କରି ଆଗେଇ ଯିବାକୁ ପଡ଼ିବ । କୌଣସି ସମୟରେ ପଥଚ୍ୟୁତ ହେବୁ ନାହିଁ । ଜାଣିଛୁତ, କଳିର ଅନ୍ତିମ ସମୟ । ତୁହି ମୋର ସକଳ ଆଶା, ସକଳ ଭରସା । ତୋ ଲକ୍ଷ୍ୟପଥରେ ତୋର ଗତିକୁ ସହଜସୁନ୍ଦର କରିବା ପାଇଁ ମୁଁ ଚେଷ୍ଟା ଚଳେଇଛି । ଧୈର୍ଯ୍ୟର ସହିତ ଅପେକ୍ଷାକରି ଦେଖ ଆଗକୁ କ'ଣ ହେଉଛି । ମୋର ବିଶ୍ୱାସ ତୁ ମୋ ଅନ୍ତରର ଅକୁହା କଥା ବୁଝି ପାରୁଥିବୁ । ତେଣୁ ତୋ ଚଲାପଥରେ ନିତିଦିନ ଆଗେଇ ଯାଇ ମୋର ସକଳ ଆଶଙ୍କା ଦୂର କରିବୁ । ପୂର୍ଣ୍ଣ କରିବୁ ମୋର ସକଳ ଇଚ୍ଛା ।

ମୁଁ ଜାଣେ, ଜାଣୁଛି : ସମୟ ଯେତିକି ପାଖେଇ ପାଖେଇ ଆସୁଛି, ତୋର ଭାଇମାନେ ତୋ ଠାରୁ ସେତିକି ଦୂରେଇ ଦୂରେଇ ଯାଉଛନ୍ତି । ବିଧିମତ କର୍ମଯୋଗ କରୁ ନାହାନ୍ତି । ଅଭ୍ୟାସଧାରାରେ ନିଷ୍ଠା ରଖୁନାହାନ୍ତି । ଅନେକେ ପାର୍ଥିବ କାମ କାମନାର ଆଶାନେଇ ଏଠାକୁ ଆସୁଛନ୍ତି । ତାହା ପୂରଣ ନହେଲେ, ବିକାରଗ୍ରସ୍ତ ହୋଇ ଦୂରେଇ ଯାଉଛନ୍ତି । ତ୍ୟାଗ ବେଳକୁ ଦୁଇହାତ ମୁଠେଇ ଜାବୁଡ଼ି ଧରୁଛନ୍ତି । ହାତ ଖୋଲା ନାହିଁ କି ମନ ବି ଖୋଲା ନାହିଁ । ସବୁଠି ଅଭିସନ୍ଧି, ସବୁଠି ଚକ୍ରାନ୍ତ ସବୁଠି କୁଟ ପଟତା ବିଚାରି ଦେଖୁଛୁରେ ଧନ, ସ୍ୱର୍ଣ୍ଣକ୍ଷେତ୍ରର ରତ୍ନବେଦୀ ନିକଟରେ ଛିଡ଼ାହୋଇ ନିଜ ନିଜର ହାତ ମୁଠା କରି ରଖିଲେ, ସବୁ ନିଷ୍ଫଳ ହୋଇ ଯିବନି ? ତୁମକୁ ଯେଉଁ ସବୁ ଦିବ୍ୟଦ୍ରବ୍ୟ ଦେବା ପାଇଁ ମୁଁ ସାଙ୍ଗରେ ଆଣିଛି । ହାତମୁଠା କରି ରଖିଲେ, ସେସବୁ ନେବ କିପରି ? ନେଇ ପାରିବ ବା କିପରି ? ଭାବି ଦେଖତ, ହାତ ଠାରୁ ଆରମ୍ଭ କରି ଶରୀରର ପ୍ରତ୍ୟେକ ଠଣାତ ପାର୍ଥିବ ସମ୍ପଦରେ ପରିପୂର୍ଣ୍ଣ, ଗଣ୍ଠିଲିତ ପାର୍ଥିବ ସମ୍ପଦରେ ବହୁତ ବଡ଼ ହୋଇଯାଇଛି । ମୋ ଦିଆଧନ ସାଇତି ରଖିବାକୁ ଆଉ ସ୍ଥାନ କାହିଁ ? ଥାଳ ଶୂନ୍ୟ ନଥିଲେ, କୈବଲ୍ୟ ଚରଣରେଣୁ ରଖିବ କେଉଁଥିରେ ? ଧନରେ ତୁ ଟିକେ ସେମାନଙ୍କୁ ବୁଝାଇ ସୁଝାଇ କହ ସେମାନେ ସମସ୍ତେ ତାଙ୍କର ସାଂସାରିକ ସକଳକର୍ମକୁ ମୋ ପାଦରେ ସମର୍ପଣ କରି ମୋର ପଦକୈବଲ୍ୟକୁ ଆଶାୟୀ ହୁଅନ୍ତୁ ।

ଦେଖୁଛୁତ, ସମସ୍ତେ ମାୟାରେ ଆଚ୍ଛନ୍ନ । ଜାଗତିକ ମାୟା ଘେରି ରହିଛି । ଏହି ମାୟାବନ୍ଧନକୁ ଛିଡ଼ାଇ ଆଗେଇ ଆସିବାକୁ ମୁଁ ପରା ତମକୁ କର୍ମଯୋଗ, ଧର୍ମଧାରା, ବୀଜମନ୍ତ୍ର ଅର୍ଘ୍ୟପତ୍ର ଅର୍ଘ୍ୟତିଥି ସଂଘନିୟମ ସାଷ୍ଟାଙ୍ଗ ପ୍ରଣାମ ଆଚରଣ ଇତ୍ୟାଦି ସବୁ ଦେଇ ସାରିଛି । ଏହି ସୂତ୍ରକୁ ଧରି ଆଗେଇ ଆସିଲେ ସିନା ମୋ ପାଖରେ ସାଇତା ଦିବ୍ୟସଂପଦ ସବୁ କୋଟି କୋଟି କରି ଦେଇଦେବି । ତମେ ମାନେ ତ ସାଂସାରିକ ବିଷୟ ବୁଦ୍ଧିକୁ ଧରି ନାନାଦି ଜାଗତିକ କାମନା କରି ବସୁଛ । ଆଉ ନେବ କ'ଣ ? ମନେ ରଖ ଯେତେ ଆଶା ସେତେ ଦୁଃଖ । ଆସକ୍ତି ହିଁ ଦୁଃଖ । ହୁଏତ ଏହାଦ୍ୱାରା ତମେ ସାମୟିକ ଆନନ୍ଦ ପାଇପାର । ମାତ୍ର ଅନିତ୍ୟ ଦ୍ୱାରା ନିତ୍ୟ ଶାନ୍ତି ପାଇ ପାରିବ କି ? କିଏ କେବେ ପାଇଛି ନା ପାଇବ ?

ମଣିରେ, ମୁଁ କହିଛି ପରା, ଧନ, ରତ୍ନ, ଗୋପ, ଲକ୍ଷ୍ମୀ, ଦାରା, ସୁତ ପଦବୀ, ବଂଶ ମର୍ଯ୍ୟାଦା, ଅହଂକାର, ଇତ୍ୟାଦି ପଣିଆର ଅଧିକାରୀ ହୋଇ, କେହି କ'ଣ କେବେ ଚରମ ପାଦ ଲାଭ କରି ପାରିଛି ନା ପାରିବ ? ନାହିଁରେ ଧନ, ଏପରି ଉଦାହରଣ ଧରାବକ୍ଷରେ ନାହିଁ । ଅହମିକା, ଆତ୍ମପ୍ରତିଷ୍ଠା, ଇତିରୋଚିତ ମନୋବୃତ୍ତି ଉଦ୍ଧତସ୍ୱଭାବ ଆଦି ଆସୁରୀଗୁଣ ଓ ଲକ୍ଷଣ ପରା ପରମାର୍ଥ ପଥରେ କଣ୍ଟା । କାହିଁକି ମିଛଟାରେ ବାଉଳା ହେଉଛ କହିଲ ? ସତରେ କ ମିଳୁଛି ତୁମ ମାନଙ୍କୁ ସେହି ମିଥ୍ୟା ଆତ୍ମପ୍ରତିଷ୍ଠାରୁ, କାହିଁକି ସେହି ମିଥ୍ୟା ପଦବୀ ଜାବୁଡ଼ି ଧରିବାକୁ ତୁମର ଏତେ ଜିଦି, କାହିଁକି ଗୁରୁକ୍ଷେତ୍ରରେ ମାନସମ୍ମାନ ଖୋଜୁଛ, ପଦମର୍ଯ୍ୟାଦା ଲୋଡ଼ୁଛ, ଏପରିକି ସାଷ୍ଟାଙ୍ଗ ପ୍ରଣାମ ଗୁରୁ ଭାଇ ଭଉଣୀଙ୍କ ଠାରୁ ଦାବୀ କରୁଛ ? ଚରମରେ, ମୋ ଆଦରର ଧନ, ତୁ ପରା ସେମାନଙ୍କୁ ବାରମ୍ବାର ଏକଥା ଚେତାଇଦେଉଛୁ ? ତଥାପି ସେମାନଙ୍କର ମୋହ ଭଙ୍ଗ ହେଉନାହିଁ ? ଚୈତନ୍ୟ ଉଦୟ ହେଉ ନାହିଁ ।

ଆମେ ପରା ବାରମ୍ବାର ଏକଥା ଚେତାଇ ଦେଉଛୁ ? ତଥାପି ସେମାନଙ୍କର ମୋହ ଭଙ୍ଗ ହେଉନାହିଁ ? ଚୈତନ୍ୟ ଉଦୟ ହେଉ ନାହିଁ । ଆମେ ପରା ବାରମ୍ବାର କହୁଛୁ : ପ୍ରତ୍ୟକ୍ଷ ଗୁରୁଙ୍କ ବ୍ୟତୀତ ଆଉ କାହାକୁ ସାଷ୍ଟାଙ୍ଗ ପ୍ରଣାମ କରିବା ବିଧି ନାହିଁ । ବିଧିବିପରୀତ କାମରେ ହାତ ଦେଉଛ କାହିଁକି ? ବିଛାମନ୍ତ୍ର ନଜାଣି ସାପ ବିଳରେ ହାତ ଦେଲେ, ଅବସ୍ଥା କ'ଣ ହୁଏ କଣ ଜାଣିନା ? ତୁମଠାରେ କେଉଁ ସିଦ୍ଧିଠୁଳ ହୋଇ ରହିଛି ଯେ, ତୁମେ ସାଷ୍ଟାଙ୍ଗ ପ୍ରଣାମ ପାଇଁ ପାଗଳ ହେଉଛ ! ପୁଣିଥରେ ମୋର ମାନସସନ୍ତାନ ଚରମ ମାଧ୍ୟମରେ ଚେତାଇ ଦେଉଛି, ମନେରଖ : ଯୁଗ ପୁରୁଷଙ୍କ ବ୍ୟତୀତ ଅନ୍ୟ କାହାକୁ କେବେବି ଥରୁଟିଏ ପାଇଁ ସାଷ୍ଟାଙ୍ଗ ପ୍ରଣାମ ଆଦୌ କରିବ ନାହିଁ । ମୋର ଏ ଚରମ ଚେତାବନୀ । ଆମର ଏହି ଆଦେଶ ଉପଦେଶକୁ ଅମାନ୍ୟ କଲେ, ଗୁରୁ ଦ୍ରୋହୀ ହେବ । ନରକ ଭୋଗ କରିବ । ରୌରବ ନରକରେ ପଡ଼ି ଅଶେଷ ଯାତନା ଭୋଗ କରିବ । ସାଷ୍ଟାଙ୍ଗ ପ୍ରଣାମ କରିବା ବା ଗ୍ରହଣ କର ନାହିଁ । ଦାବୀ କରିବା ତ ଦୂରର କଥା ଯଦି କେହି ତମକୁ ସାଷ୍ଟାଙ୍ଗ ପ୍ରଣାମ କରିବାକୁ ଉଦ୍ୟତ ହୁଏ, ନମ୍ରତାର ସହିତ ହାତଯୋଡ଼ି ତହିଁରୁ ତାକୁ ନିବୃତ୍ତକର । ସାଷ୍ଟାଙ୍ଗ ପ୍ରଣାମ କାହାକୁ କରିବାକୁ ହୁଏ ବୁଝାଇ ଦିଅ । ତହିଁରେ ତୁମ ଉଭୟଙ୍କର ମଙ୍ଗଳ ନିହିତ ଅଛି । ତେଣୁ ଅଯଥାରେ ନିଜର ଅମଙ୍ଗଳକୁ ଆହ୍ୱାନ କର ନାହିଁ । ଇହଜନ୍ମ ଓ ପରଜନ୍ମକୁ ନଷ୍ଟଭ୍ରଷ୍ଟ କର ନାହିଁ । ଏ ଦିଗ ପ୍ରତି ସଜାଗ ସତର୍କ ରୁହ ।

ମୁଁ ତୋତେ କଲ୍ୟାଣ କରୁଛି । ଏତିକି କଲ୍ୟାଣ କରୁଛିରେ ରତ୍ନଧନ ଚରମ, ତୋର ଲକ୍ଷ୍ୟପଥ କୁସୁମିତ ହେଉ, ସୁରଭିତ ହେଉ । ତୁ ମୋର ପୀୟୁଷବାଣୀ ଜଗତର ସମସ୍ତଙ୍କୁ ଶୁଣାଇ ସମସ୍ତଙ୍କର ଆଦରର ପାତ୍ର ହୋଇ ପୁଣିଥରେ ସନାତନ ଧର୍ମଧ୍ୱଜା ଉଡ଼ାଇ ମୋର ସ୍ନେହକୋଳା କୋଳକୁ ଫେରିଆ । ମୁଁ ଯେ ତୋର ଫେରିବା ପଥକୁ ଅପଲକ ନୟନରେ ଚାହିଁ ବସିଛି ।

ତୋର
ଚିର ମଙ୍ଗଳକାଂକ୍ଷୀ
ପିତା

❁❁❁

ଖଣ୍ଡ ଖଣ୍ଡ ହେଲେ ଅଖଣ୍ଡ ଭେକ,
ଅଣୁ ପରମାଣୁ ହୁଅନ୍ତି ଏକ ।
ବ୍ୟଥିତ ପତିତ ଭୁଲନ୍ତି ଭୋକ,
ଦୀନ ଦୁଃଖଜନ ପାଶୋରେ ଶୋକ ।

# କେଶବ କୈବଲ୍ୟ କଣିକା

*ପରମ କାରୁଣିକ ଠାକୁରଙ୍କ ଶ୍ରୀଉଭୀ ଅଧରରୁ ପାରିଜାତର ମହକ ଭରା ଅଜସ୍ର ବାଣୀ ସଂଗୃହୀତ ହୋଇ ରହିଛି । 'ଚରମ'ର ପ୍ରତିଟି ପାଖୁଡ଼ାରେ ତାହା ପତ୍ରସ୍ଥ କରାଯାଉଛି : ଅଗଣିତ ଭକ୍ତ ଶିଷ୍ୟ ଅନୁଗତ ମାନଙ୍କ ନିମନ୍ତେ । ଲୋକ ଚରିତ୍ରର ସଂଶୋଧନ ଏବଂ ପୁନର୍ଗଠନ ନିମନ୍ତେ ଏଗୁଡ଼ିକ ଉପଯୋଗିତା ଅବଶ୍ୟ ଅନସ୍ୱୀକାର୍ଯ୍ୟ । ଏହାନିତ୍ୟ ପାଠ୍ୟ ଏବଂ ଅନୁସରଣୀୟ । ସମାଜ କଲ୍ୟାଣ ପଥରେ ଏ ଗୁଡ଼ିକୁ ବିନିଯୋଗ କରାଯାଇ ପାରେ ।*

(୧) ତ୍ୟାଗ ହିଁ ସକଳ ସୁଖର ଜନକ । ତ୍ୟାଗର ପ୍ରକୃତ ଅର୍ଥ ହେଉଛି ଅନ୍ତଃ କରଣରୁ ସକଳଦୋଷ, ଦୁର୍ଗୁଣ, କାମନା, ବାସନା, ତୃଷ୍ଣା, ଲୋଭ, ମୋହ, କାମ, କ୍ରୋଧ, ଗର୍ବ, ଅହଂକାର, ଭୋଗ ଇତ୍ୟାଦିକୁ ଦୂରେଇ ଦେଇ ନିଜକୁ ମୁକ୍ତ ରଖିବା ।

(୨) ବ୍ୟକ୍ତି ଯଦି ନିଜର ଅନ୍ତଃକରଣକୁ ଠିକ୍‌ଭାବରେ ସଜେଇ ରଖେ, ତେବେ ସେ ଯେ କୌଣସି ସ୍ଥିତି ପରିସ୍ଥିତିରେ ସୁଖ, ଶାନ୍ତି ଓ ଆନନ୍ଦ ପ୍ରାପ୍ତ କରି ପାରିବ । ସୁବିଧାଅସୁବିଧା, ଭାବ ଅଭାବରେ ରହିଲେ ମଧ୍ୟ ଆନନ୍ଦର ଅନୁଭୂତି ପ୍ରାପ୍ତ କରି ପାରିବ । ଏହି ଅନ୍ତଃକରଣ ଅବସ୍ଥା ପାଇଗଲେ, ସଂସାର ତ୍ୟାଗ କରିବାର ଆବଶ୍ୟକ ନାହିଁ ବା କର୍ତ୍ତବ୍ୟକର୍ମକୁ ତ୍ୟାଗ କରି ଧର୍ମଲାଭର ଦ୍ୱାହିଦେଇ ନିଷ୍କର୍ମା ହୋଇ ବସିବା ଆବଶ୍ୟକ ନାହିଁ ।

(୩) ସୁଖ ବାହ୍ୟ ତ୍ୟାଗରେ ନାହିଁ ବା ନଥାଏ । ସୁଖ ଏକ ଆଭ୍ୟନ୍ତରୀଣ ସ୍ଥିତି । ଏହାକୁ ପାଇବା ପାଇଁ କସ୍ତୁରୀମୃଗ ପରି ବାହାରେ ଘୁରି ବୁଲିବା ଆବଶ୍ୟକ ନୁହେଁ । ତାହାତ ତାହାରି ଭିତରେ ଥାଏ, ଅଛି ।

(୪) ଲୋକେ ସାଧାରଣତଃ ତ୍ୟାଗ ଶବ୍ଦର ମର୍ମ ବୁଝି ନପାରି ଭ୍ରମରେ ପଡ଼ନ୍ତି ତେଣୁ ବାହାରେ ସୁଖକୁ ଖୋଜନ୍ତି ।

(୫) ମନୁଷ୍ୟର ମହାନତା ବିନୟାବନତ ସଦ୍ ଆଚରଣ ପାଳନ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରେ । ଅଧ୍ୟାତ୍ମର ପୂର୍ଣ୍ଣକଳେବର ସଦ୍ ଆଚରଣ ଓ ବିନୟସ୍ୱଭାବ ଉପରେ ପ୍ରତିଷ୍ଠିତ ହୋଇଥାଏ । ଯେ ବିନୟୀ ନୁହେଁ ବା ସଦ୍ ଆଚରଣସିଦ୍ଧ ନୁହେଁ । ସେ ଆଧ୍ୟାତ୍ମଜୀବନ ଯାପନ ପାଇଁ ଅଯୋଗ୍ୟ ବିବେଚିତ ହୁଏ ।

(୬) ବ୍ୟକ୍ତିତ୍ୱ ବିକାଶ କର । ବ୍ୟକ୍ତିତ୍ୱ ବିକାଶରେ ଆଚରଣର ଶୁଦ୍ଧତାକୁ ଅଭ୍ୟାସ କର । ଧର୍ମକ୍ଷେତ୍ରରେ, ଗୁରୁଦ୍ୱାରରେ, ଅଧ୍ୟାତ୍ମ ଜୀବନରେ ବିନୟୀ ହୋଇ ଶୁଦ୍ଧ ଆଚରଣ ଦେଖାଇଲେ ଯାଇ ତୁମେ ଅନ୍ୟମାନଙ୍କ ଠାରୁ ସ୍ନେହଶ୍ରଦ୍ଧା ପାଇବ, ନତୁବା ନୁହେଁ । ଉଦ୍ଧତ ସ୍ୱଭାବ, କୁଭାଷା ବା କୁବାକ୍ୟ ଏବଂ ଆତ୍ମଗର୍ବ ହେଲେ କିଏ କାହିଁକି ତୁମକୁ ଭଲ ପାଇବ ?

(୭) ହୃଦୟର ପବିତ୍ରତା ହିଁ ଶକ୍ତିର ସର୍ବବୃହତ୍ ସ୍ରୋତ । ଶକ୍ତି ଶରୀର ବା ବୁଦ୍ଧିରୁ ନୁହେଁ, ହୃଦୟରୁ ହିଁ ଶକ୍ତି ଆସେ ।

(୮) ଶାରୀରିକ ପରିବର୍ତ୍ତନ ତୁଳନାରେ ମାନବୀୟ ଚିନ୍ତନ ଏବଂ ଶୁଦ୍ଧ ପବିତ୍ର ଆଚରଣରେ ପରିବର୍ତ୍ତନ ଅଧିକ ମହତ୍ତ୍ୱପୂର୍ଣ୍ଣ ।

(୯) ଆଗାମୀ ସମୟରେ ପରିବର୍ତ୍ତନ ନିଶ୍ଚୟ ହେବ ହିଁ ହେବ । ଆଗାମୀ ଶତାବ୍ଦୀ ସମସ୍ତ ପ୍ରକାର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନାରେ ପରିପୂର୍ଣ୍ଣ ହେବ । ଏବେ ବିଷୟାବିଷମାୟାର କୁହୁଡ଼ି ଘେରି ରହିଛି ବୋଲି ତୁମକୁ ସବୁ ଅସ୍ପଷ୍ଟ ଦେଖାଯାଉଛି । ତୁମେ କିଛି ଚିହ୍ନି ପାରୁନାହଁ । ଆଗାମୀ ଶତାବ୍ଦୀରେ କୁହୁଡି ହଟିଯିବା ପରେ ଦୃଶ୍ୟ ସବୁ ଅଧିକ ସ୍ପଷ୍ଟ ହୋଇଯିବ ।

(୧୦)ସର୍ବତୋମୁଖୀ ପବିତ୍ରତା ବା ଶୁଚିତା ଦ୍ୱାରା ଆତ୍ମିକ ଉନ୍ନତି ସମ୍ଭବ ହୁଏ । ସ୍ୱଚ୍ଛ ଦର୍ପଣରେ ଚେହେରା ଯେପରି ସ୍ପଷ୍ଟ ଦେଖାଯାଏ, ବହିଃ ଅଙ୍ଗ ଓ ଅନ୍ତଃଅଙ୍ଗର ପବିତ୍ରତା ଦ୍ୱାରା ସେହିପରି ଆତ୍ମଦର୍ଶନ ଏବଂ ଈଶ୍ୱରାନୁଭୂତି ସ୍ପଷ୍ଟ ହୋଇଥାଏ ।

(୧୧)ବିଚାରଶୀଳ ନହୋଇ କପୋଳକଳ୍ପନାରେ ଭାସି ଯାଅନାହିଁ । ତୁମର ମାନସିକ ବିକାଶ ବନ୍ଦ ହୋଇଗଲେ, ମନରେ କୁତ୍ସା ଏବଂ କୁଣ୍ଠା ଭରିଯିବ । ତେଣୁ ଅଭ୍ୟାସ କରି ଇନ୍ଦ୍ରିୟ ସକଳକୁ ସୁମାର୍ଗଗାମୀ କରାଅ । ଅନେକ କିଛି ପାଇବାର ଦୁରାଶା ତ୍ୟାଗ କର । ଯେତେ ଯେତେ ଅଧିକ କାମନା ବାସନା କରବ, ସେତେସେତେ ଅଧିକ ଦୁଃଖରେ ନିଶ୍ଚୟ ଘାଣ୍ଟି ଚକଟି ହେବ ।

(୧୨)କର୍ମର ଶୁଦ୍ଧତା ରକ୍ଷା କର । ନିଜର ସାମର୍ଥ୍ୟ, କର୍ମ ସାଧନ ପରିସ୍ଥିତି ଓ ପଦ୍ଧତି ବିଷୟରେ ବିଚାର କର । ବର୍ତ୍ତମାନ ଯାହା ସମ୍ଭବ ଏବଂ ଭବିଷ୍ୟତରେ ଯାହା ସୁଖପ୍ରଦ ଓ ମଙ୍ଗଳକର ତାହାହିଁ କର । ଯେତେବେଳେ ଯାହା ମନକୁ ଆସିଲା ତାହା କରିବା ଦ୍ୱାରା ଏବଂ ଅନ୍ୟ ମାନଙ୍କର ଅନୁରୋଧକୁ ମୁଣ୍ଡରେ ଧରିବା ଦ୍ୱାରା ତୁମେ ଯାହା କରିବସିବ ବା କରିବା ପାଇଁ ଯଥା ଛିଦ୍ରଖୋର ହେବ ତଦ୍ୱାରା ସେ ସବୁ କର୍ମର ଦୁଷ୍ପରିଣାମ ତୁମକୁ ହିଁ ଭୋଗ କରିବାକୁ ପଡ଼ିବ । ସାବଧାନ !

(୧୩)କାମନା ବାସନା ପୂରଣ କରିବାର ସାଧନ ଧର୍ମ ନୁହେଁ । ଶରଣାଗତ ହୁଅ । ତୁମ ଇଚ୍ଛା ଯାହା ତାହା କଦାପି କରନାହିଁ । ଏବେବି ସମୟ ଅଛି ନିଜକୁ ସଂଶୋଧନ କର । ବିନୟୀ ହୁଅ, ସ୍ୱଭାବ ତ୍ୟାଗ କର । ନମ୍ର ହୁଅ । ନଚେତ ନିକଟ ଭବିଷ୍ୟତରେ ଗୁରୁଦଣ୍ଡାନଳରେ ପଡ଼ି ନରକ ଭୋଗ କରିବ । ପରଜନ୍ମରେ ପଶୁଯୋନିରେ ଧରାଧାମକୁ ଆସିବାକୁ ପଡ଼ିବ ।

(୧୪)ପରଧନ କିମ୍ବା ଗୁରୁଧନ ଉପରେ ଲୋଲୁପ ଦୃଷ୍ଟି ପକାଇ ଆତ୍ମସାତ କରୁଛ ? ମନେମନେ ଭାବୁଛ କେହି ବି ତୁମର ଅପକର୍ମ ଜାଣି ପାରୁ ନାହାନ୍ତି ? ସାବଧାନ ! ସମୟ ପାଖେଇ ଆସିଲାଣି । ଅଳିଆଗଦାରେ ପଡ଼ି ରହିବ । କେହି ତୁମର ସାହାପକ୍ଷ ହେବେ ନାହିଁ । ସେପରି ଅପକର୍ମରୁ ନିଜକୁ ଦୂରେଇରଖ ଏବେବି ସମୟ ଅଛି ସୁଧାରିଯିବ ।

(୧୫)ନାରୀକୁ ମାତା, ଭଗ୍ନୀ, କନ୍ୟା ବ୍ୟତୀତ ଅନ୍ୟ ଦୃଷ୍ଟିରେ ଦେଖ ନାହିଁ । ତାକୁ ରମଣୀ, କାମିନୀ, ଭୋଗ୍ୟା ଦୃଷ୍ଟିରେ ଦେଖିଲେ ମନ ମଳିନ ହେବା ସହିତ ଦୃଷ୍ଟି ମଧ୍ୟ ଦୂଷିତ ହୋଇଯିବ । ଚେତନାର ସମଗ୍ରସ୍ତର ବିଗିଡ଼ି ଯିବ । ଶେଷରେ ଫମ୍ପା ହୋଇଯିବ ହିଁ ଯିବ ।

❋❋❋

## ମହାପୁରୁଷ ଅଚ୍ୟୁତଙ୍କ ରଚିତ 'କୁମର ସଂହିତା'ରୁ ଉଦ୍ଧୃତାଂଶର ବ୍ୟାଖ୍ୟା :

ଅଚ୍ୟୁତ ବୋଇଲେ ଏଠାରେ ସାକାରବ୍ରହ୍ମ । ସେହିପରି ନିରାକାର ହିଁ ନିରାକାର ବ୍ରହ୍ମ । ସାକାର ବ୍ରହ୍ମ ନିରାକାର ବ୍ରହ୍ମଙ୍କୁ ଅମରପଦ ବୋଇଲେ ଶାଶ୍ୱତ ଆତ୍ମା ସମ୍ବନ୍ଧରେ ପ୍ରଶ୍ନ କରନ୍ତେ, ନିରାକାର ବ୍ରହ୍ମ ନିମ୍ନୋକ୍ତ ପଦମାନଙ୍କରେ ତାହା ବୁଝାଇ କହୁଛନ୍ତି । ପିଣ୍ଡତତ୍ତ୍ୱମତରେ ଆତ୍ମସ୍ଥ ସାକାର ବ୍ରହ୍ମ ଅଷ୍ଟାଙ୍ଗ ଯୋଗସିଦ୍ଧି ପରେ ନିରାକାର ବ୍ରହ୍ମଙ୍କ ସହିତ ନିର୍ବିକଳ୍ପ ସମାଧିରେ ଉପନୀତ ହୋଇ ଆତ୍ମଦର୍ଶନ ଓ ଆତ୍ମତତ୍ତ୍ୱ ବିବରଣ ସମ୍ବନ୍ଧରେ ଜିଜ୍ଞାସୁ ହୁଏ । ଏହି ଜିଜ୍ଞାସାର ଉତ୍ତରରେ ନିରାକାର ବ୍ରହ୍ମ ସିଦ୍ଧଯୋଗୀର ହୃଦୟରୁ ଜ୍ଞାନ ସ୍ୱରୂପରେ ଉଦୟ ହୁଅନ୍ତି ।

ଏହି ସ୍ଥୂଳ ପିଣ୍ଡ ବା ଶରୀର ପୃଥିବୀ, ଜଳ ଅଗ୍ନି, ବାୟୁ ଏବଂ ଆକାଶ ଏହି ପଞ୍ଚଭୂତର ତତ୍ତ୍ୱରେ ଗଠିତ ହୋଇଅଛି । ତେଣୁ ସ୍ଥୂଳ ଶରୀର ଗଠନର ମୂଳ ଉପାଦାନ ହିଁ ପଞ୍ଚଭୂତ । ମାତୃ ଜଠରରେ ଜରାୟୁକୋଷ ମଧ୍ୟରେ ଏକ ଦିବ୍ୟ ରାସାୟନିକ ପ୍ରକ୍ରିୟାରୁ ସୂକ୍ଷ୍ମ ଉପାଦାନର ସମ୍ମିଶ୍ରଣରେ ପର୍ଯ୍ୟାୟକ୍ରମରେ ଭ୍ରୂଣ ସ୍ଥୂଳଶରୀର ଲାଭ କରିଥାଏ, ଏବଂ ଯଥାକାଳରେ ମାତୃଗର୍ଭରୁ ମୁକ୍ତି ପାଇ ଧରାପୃଷ୍ଠରେ ପୂର୍ଣ୍ଣଅବୟବ ଶିଶୁରୂପେ ଜନ୍ମ ଗ୍ରହଣ କରିଥାଏ ।

ମାତୃଗର୍ଭରେ ଶିଶୁର ପ୍ରାଣ ସଂଚାର ହୁଏ । ଏହି ପ୍ରାଣ ପଞ୍ଚବାୟୁ ମଧ୍ୟରୁ ଅନ୍ୟତମ । ଶିଶୁ ଅବସ୍ଥାରୁ ଶରୀର ମଧ୍ୟରେ ପ୍ରାଣବାୟୁ, ଅପାନ ବାୟୁ, ସମାନ ବାୟୁ ଉଦାନ ବାୟୁ ଏବଂ ବ୍ୟାନବାୟୁ ଚଳପ୍ରଚଳ କରି ଶିଶୁର ଶାରୀରିକ ଅଭିବୃଦ୍ଧି ଜୀବନ ଏବଂ ସୁସ୍ଥତା ରକ୍ଷା କରୁଥାଏ । ଏହି ପଞ୍ଚବାୟୁର ଗତାଗତରେ ବ୍ୟାଘାତ ସୃଷ୍ଟି ହେଲେ, ଶାରୀରିକ ଅଭିବୃଦ୍ଧି ବାଧାପ୍ରାପ୍ତ ହୁଏ, ଶରୀର ଅସୁସ୍ଥ ହୋଇ ସ୍ୱାସ୍ଥ୍ୟ ଭଙ୍ଗ ହୁଏ, ବ୍ୟକ୍ତି ଅସ୍ୱାଭାବିକ ଭାବରେ ପୃଥୁଳ ବା କ୍ଷୀଣ ହୋଇଥାଏ । ସ୍ଥଳ ବିଶେଷରେ ଏହା ଜୀବନହାନୀର କାରଣ ମଧ୍ୟ ହୋଇଥାଏ ।

ଶରୀର ହିଁ ପୁର । ତେଣୁ ଶରୀରଧାରୀକୁ ପୁରୁଷ କୁହାଯାଏ । ଏହି ପୁରୁଷ ହିଁ ଶରୀରକୁ ଧାରଣ, ପାଳନ ପୋଷଣ ଓ ବର୍ଦ୍ଧନ କରିଥାଆନ୍ତି । ଏହି ପୁରୁଷ ବିନା ଶରୀର ଅଳ୍ପ ସମୟ ମଧ୍ୟରେ ନଷ୍ଟ ହୋଇ ପଞ୍ଚଭୂତ ପୁଣି ପଞ୍ଚଭୂତରେ ଲୀନ ହୋଇ ଯାଆନ୍ତି । ତେଣୁ ଏହି ପୁରୁଷ ହିଁ ଆତ୍ମା । ସେ ହିଁ ପଞ୍ଚବାୟୁର ନିୟନ୍ତ୍ରକ ଏହି ଆତ୍ମା ଜ୍ଞାନଆତ୍ମା, ଧ୍ୟାନଆତ୍ମା, ଜୀବନଆତ୍ମା, ପରମଆତ୍ମା ଏବଂ ତତ୍ତ୍ୱଆତ୍ମା ରୂପରେ ଜୀବଦ୍ଦଶାରେ ବିଭିନ୍ନ ପର୍ଯ୍ୟାୟ ଓ ଯୋଗ ସ୍ତରଅନୁସାରେ ପ୍ରକାଶମାନ ହୁଅନ୍ତି । ଅଷ୍ଟାଙ୍ଗ ଯୋଗୀ ଯୋଗମାର୍ଗରେ ଗତି କରୁଥିବା ଅବସ୍ଥାରେ ଭିନ୍ନ ଭିନ୍ନ ସ୍ତରରେ ଏହି ପଞ୍ଚ ଆତ୍ମାର ପ୍ରକାଶକୁ ଅନୁଭବ କରି ପାରନ୍ତି । ବିଯୋଗୀମାନେ ଏହି ସୂକ୍ଷ୍ମ ଅନୁଭୂତି ପାଇ ପାରନ୍ତି ନାହିଁ ।

ଶରୀରସ୍ଥ ପୁରୁଷର ଇଚ୍ଛାକୁ ପ୍ରକଟ କରେ ମନ । ଏହି ମନ ମଧ୍ୟ ସ୍ତରଭେଦରେ ମନ, ସୁମନ, କୁମନ, ବିମନ, ଅମନ ରୂପରେ ପ୍ରକାଶିତ ହୁଏ । ପଞ୍ଚଭୂତରେ ଗଠିତ ଶରୀରରେ ଜୀବକୋଷ ମାନ ସୁସଜ୍ଜିତ ହୋଇ ରହିଛନ୍ତି । ଅସଂଖ୍ୟ ଜୀବକୋଷକୁ ନେଇ ଗୋଟିଏ ଗୋଟିଏ କୋଷ କେନ୍ଦ୍ର ମଧ୍ୟ ରହିଛି । ଶରୀରର ଚେତନା କେନ୍ଦ୍ରରୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଚେତନାବାହୀ ସ୍ନାୟୁ (Sensory Nerves) ସମ୍ବାଦ ନେବା ଆଣିବା କରନ୍ତି ।

ସେହିପରି କାର୍ଯ୍ୟବାହୀ ସ୍ନାୟୁ (Motor Nerves) ଶରୀରର ଅବୟବ ଏବଂ ଅଙ୍ଗ ପ୍ରତ୍ୟଙ୍ଗ ସକଳକୁ କାର୍ଯ୍ୟ କରାଇ ଥାଏ । ଇନ୍ଦ୍ରିୟଗଣ ଏହିସବୁ କାର୍ଯ୍ୟପାଇଁ ପ୍ରେରଣା ଦିଅନ୍ତି । ମନ ସ୍ୱଚ୍ଛ ଏବଂ ସ୍ଥିର ଥିଲେ ମଧ୍ୟ ଏହି ଇନ୍ଦ୍ରିୟଗଣଙ୍କର ପ୍ରରୋଚନାରେ ଅସ୍ୱଚ୍ଛ ଏବଂ ଅସ୍ଥିର ହୋଇଯାଏ ।

ପିଣ୍ଡତତ୍ତ୍ୱମତରେ ଶରୀରରେ ପଞ୍ଚତତ୍ତ୍ୱ ହେଉଛି ବୁଦ୍ଧି, ବିବେକ, ଆଶ୍ରୟ, ଅହଂ ଏବଂ ମନ । ବ୍ୟକ୍ତିର ବିଭିନ୍ନ ମାନସିକ ଅବସ୍ଥାରେ ବୁଦ୍ଧିର ତାରତମ୍ୟ ପ୍ରକାଶ ପାଏ । ବିବେକ ମନ ଉପରେ ସବାର ହୋଇଥିଲେ ମଧ୍ୟ ଇନ୍ଦ୍ରିୟଗଣ ଆକର୍ଷଣ ହେତୁ ଅଧିକାଂଶ ସମୟରେ ବିବେକର ଅଙ୍କୁଶକୁ ଭ୍ରୂକ୍ଷେପ ନକରି ଅବାଗିଆ ହୋଇଥାଏ । ଅହଂ କିଛି ନକଲେ ମଧ୍ୟ ସବୁ ମୁଁ କରୁଛି ବୋଲି ବୃଥା ଆସ୍ଫାଳନ କରେ । ଆଶ୍ରୟ ତତ୍ତ୍ୱହିଁ ସର୍ବୋତ୍ତମ । ଏହା ନିର୍ବିକାର ଓ ନିର୍ଲିପ୍ତ ରହିଥାଏ ।

ବୀଜ, ରାମବୀଜ, କାମବୀଜ, ଧାମବୀଜ, ପରମବୀଜ, ଏହି ପଞ୍ଚବୀଜ ହିଁ ଯୋଗୀକୁ ଯୋଗମାର୍ଗରେ ନେଇ ଯିବା ପାଇଁ ସହାୟକ ହୁଅନ୍ତି । ମାତୃଗର୍ଭରେ ଭ୍ରୂଣ ଅବସ୍ଥାରେ ଥିବା ସମୟରୁ ସକଳ ବୃତ୍ତିପ୍ରବୃତ୍ତି ସୂକ୍ଷ୍ମବୀଜ ସ୍ୱରୂପରେ ଭ୍ରୂଣରେ ଅବସ୍ଥାନ କରିଥାଆନ୍ତି । ଶିଶୁ ଭୂମିଷ୍ଠ ହେବା ପରେ ବୟଃ ବୃଦ୍ଧି ସହିତ ସମତାଳରେ ଏ ସମସ୍ତ ବୀଜ ସ୍ୱକର୍ମରେ ପ୍ରକାଶ ପାଆନ୍ତି ।

ସ୍ୱର ବୋଇଲେ ଶ୍ୱାସପ୍ରଶ୍ୱାସର ଗତି ଓ ବେଗ ଏହା ମଧ୍ୟ ଆ, ଇ, ଉ, ଏ, ଓ ଏହି ପାଞ୍ଚପ୍ରକାର । ଏହି ପଞ୍ଚସ୍ୱର ନାସାପଥରେ ଆତଯାତ ହେବା ସମୟରେ ଭିନ୍ନ ଭିନ୍ନ କାଳରେ ପୃଥିବୀ ଜଳ ଅଗ୍ନି ପବନ, ଓ ଆକାଶ ତତ୍ତ୍ୱ ପ୍ରକାଶ କରନ୍ତି ସ୍ୱରଯୋଗୀମାନେ ସ୍ୱର ସାଧନ କରି ଆଗତଭବିଷ୍ୟତ କଥା ଜାଣିପାରନ୍ତି ଏବଂ ନିଜ ଶରୀରକୁ ଇଚ୍ଛାମତେ ପରିଚାଳନା କରି ସୁସ୍ଥ ନିରାମୟ ଦୀର୍ଘଜୀବନ ଲାଭ କରନ୍ତି ।

ଏହି ସପ୍ତ ପଞ୍ଚାତ୍ମିକା (ପଞ୍ଚଭୂତ, ପଞ୍ଚପ୍ରାଣ, ପଞ୍ଚମନ, ପଞ୍ଚତତ୍ତ୍ୱ, ପଞ୍ଚବୀଜ ଏବଂ ପଞ୍ଚସ୍ୱର) ହିଁ ଅଣାକାର ଛନ୍ଦ ଅଟେ । ଏହି ଛନ୍ଦ (ଛାନ୍ଦ)କୁ ଯୋଗୀ ତୁଟି ସକଳ ବନ୍ଧନରୁ ମୁକ୍ତ ହୁଏ । ଏହି ସପ୍ତପଞ୍ଚାତ୍ମିକା ସକଳ ମାୟାବନ୍ଧନର ମୂଳକାରଣ, ପୁଣି ଏହି ସପ୍ତପଞ୍ଚାତ୍ମିକାର ତତ୍ତ୍ୱ ଉପଲବ୍ଧିକଲେ ସମସ୍ତ ମାୟାବନ୍ଧନରୁ ମୁକୁଳିବାର ପଥ ଫିଟିଯାଏ ।

''ସପ୍ତ ପଞ୍ଚାତ୍ମିକା ଏହି ମହାଶୂନ୍ୟଘର
ଭେଦାଇ କହିଲି ବାବୁ ତୋହରି ଆଗର
ଏବଡ଼ ଗୁପତ ବାବୁ କହିଲି ମୁଁ ତୋତେ
ଗୁରୁଉପଦେଶ ଭାବ ଏହି ଅନୁମତେ
ଗୁରୁଶିଷ୍ୟ ଉପଦେଶ ଏହି ଅନୁସାରେ

# ପୁରାଣ ପୃଷ୍ଠାରୁ - ଗଳ୍ପାଂଶର ମୀମାଂସା ଖଣ୍ଡ

ତମ ଗୁଣର ବିଭତ୍ସ ଆସୁରୀ ମତଗଣ ହେଉଛି ବିଳଙ୍କା ଅଧିପତି । ଅଗସ୍ତିମୁନି ବୋଇଲେ ଏଠାରେ ଶୁଦ୍ଧଚିତ୍ତର ଭାବକୁ ବୁଝାଏ । ତେଣୁ ପିଣ୍ଡ ତତ୍ତ୍ୱମତରେ ତମଗୁଣର ବିଭତ୍ସ ଆସୁରୀ ମତଗଣ ଶୁଦ୍ଧଚିତ୍ତର ଭାବସମୂହ ନିକଟରେ ଆତ୍ମ ସମର୍ପଣ କରି ଯୋଗମାର୍ଗରେ ଭବିଷ୍ୟତ ପର୍ଯ୍ୟାୟ ମାନଙ୍କର କଣସବୁ ଘଟଣାଘଟେ ସେ ସଂପର୍କରେ ଜାଣିବାକୁ ଇଚ୍ଛା ପ୍ରକାଶ କରିଛି । ଭୀଷ୍ମ ବୋଇଲେ ଭୀଷଣ ପ୍ରତିଜ୍ଞାର ମତ । ଯୋଗୀ ଦୃଢ଼ ପ୍ରତିଜ୍ଞା ଯେଉଁ ଯୋଗ ପଥରେ ଯାଏ ତାହାକୁ ଭୀଷ୍ମ ବୋଲି ପିଣ୍ଡ ତତ୍ତ୍ୱରେ ବୁଝିବାକୁ ହୁଏ । ଦୁର୍ଯ୍ୟୋଧନ ବୋଇଲେ ଦୁଷ୍କର୍ମ ପ୍ରକୃତିର ଦୁଷ୍କର୍ମ ସକଳକୁ ଦୁର୍ଯ୍ୟୋଧନ ବୋଲି ବୁଝିବାକୁ ହୁଏ । ତମ ଏବଂ ତମଗୁଣର କୁ-ସ୍ୱଭାବ ଦଳକୁ କୌରବ ପକ୍ଷ ଓ ପାଞ୍ଚମନ ଏବଂ ପାଞ୍ଚମତଭାବାପନ ଦଳକୁ ପାଣ୍ଡବପକ୍ଷ ବୋଲି କୁହାଯାଇଛି । ଯୁଦ୍ଧ ବୋଇଲେ ପିଣ୍ଡତତ୍ତ୍ୱରେ ହରିଦ୍ରୀ ଚକ୍ରାନ୍ତ ଏହା ଯୋଗମାର୍ଗର ଦୁଷ୍କ୍ରିୟା ଦମନ ଶକ୍ତି ଅଟେ । ସନ୍ଧିବୋଇଲେ ତମ ଏବଂ ରଜ ଗୁଣର ମିଶ୍ରିତ ପ୍ରକୃତିର ଭାବବେଶ । ଯୁଦ୍ଧକ୍ଷେତ୍ରରେ ବୋଇଲେ କ୍ଷେତ୍ର ହେଉଛି ଏହି ସ୍ଥୂଳଦେହ ବା ପିଣ୍ଡ ଏହି ସ୍ଥୂଳଶରୀର ହିଁ ଯୁଦ୍ଧକ୍ଷେତ୍ର ଅର୍ଥାତ୍ ଦୈବୀଶକ୍ତି, ଆସୁରୀଶକ୍ତି ଏବଂ ପୁରୁଷ ଶକ୍ତିର ସଂଗ୍ରାମ ସ୍ଥଳ ବା ଯୁଦ୍ଧକ୍ଷେତ୍ର ।

ଶୁଦ୍ଧଚିତ୍ତ ତମଗୁଣର ବିଭତ୍ସ ଆସୁରୀ ମତକୁ ବୁଝାଇ କହୁଛନ୍ତି । ଯୋଗୀ ଯୋଗମାର୍ଗରେ ପ୍ରଥମ ପାଦ ଦେବା ମାତ୍ରେ ପିଣ୍ଡସ୍ଥିତ ଶୁଦ୍ଧଚିତ୍ତ ଏବଂ ତମଗୁଣର ବିଭତ୍ସମତ ମଧ୍ୟରେ ସୂକ୍ଷ୍ମରେ କଥୋପକଥନ ଆରମ୍ଭ ହୋଇଥାଏ । ଶୁଦ୍ଧଚିତ୍ତ ତମ ଗୁଣର ଭାବକୁ ବୁଝାଇ କହେ : ଯୋଗୀର ଭୀଷଣ ପ୍ରତିଜ୍ଞା କଥା ଶୁଣି ପ୍ରକୃତିର ଦୁଷ୍କର୍ମ ସକଳ ବୋଧ ହୋଇ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୁଏ କିରାତନୃପତି କିରାତସେନ ହେଉଛି ତମଗୁଣର ବିରକ୍ତି କଟୁତା ପରଶ୍ରୀକାତରତାର ଶ୍ରେଷ୍ଠରାଜା । ଏହାଠାରେ ହିଂସ୍ର ରାଜସିକ କ୍ରିୟାକଳାପ ପ୍ରକାଶ ପାଏ । ଯୋଗୀ ଯୋଗପଥରେ ପ୍ରଥମ ଅବସ୍ଥାରେ ଏ ସମସ୍ତ ବିରୋଧୀଭାବର ସାମନା କରିଥାଏ । ସୈନ୍ୟଦଳ ବୋଇଲେ ମନ୍ଦସ୍ୱଭାବ, ନଷ୍ଟ ଚରିତ୍ରର ଭାବଦଳ । ଏମାନେ ରଜତମ ମିଶ୍ରିତ ଶକ୍ତିଦ୍ୱାରା ପରିଚାଳିତ । ସେନାପତି ହେଉଛି ଅହଂ ଭାବାପନ୍ନ ସ୍ୱଭାବ । ଏହି ଅହଂ ଭାବ ସବୁଠି ସମସ୍ତଙ୍କ ଉପରେ ଅହଂକାରର ଜାଲ ବିସ୍ତାର କରେ, ମାତ୍ର ସତଭାବ ବଳବତ୍ତର ହେଲେ ଦବିଯାଏ ଛପିଯାଏ ଯୋଗୀ ଯୌଗିକ ମାର୍ଗରେ ପାଦଚାଲି ଆଗେଇ ଚାଲିବାର ପ୍ରାଥମିକ ଅବସ୍ଥାରେ ଅହଂକାର ବଳବତ୍ତର ରହେ, ମାତ୍ର ଧିରେ ଧିରେ ଆସନ, ପ୍ରାଣାୟାମ ଧ୍ୟାନ, ଧାରଣାଦିରେ ସିଦ୍ଧିଲାଭ କରିବା ପରେ ସତ୍ ସ୍ୱଭାବ ବଳବତ୍ତର ହେଲେ ଅହଂଭାବ ଦବିଯାଏ ଓ ଛପିଯାଏ ।

ଶର ହେଉଛି ଶବ୍ଦଶକ୍ତି । ସ୍ଥିତପ୍ରଜ୍ଞ ଅବସ୍ଥାରେ ଶବ୍ଦ ଶକ୍ତି ରୂପକ ଶରଦ୍ୱାରା ଯୋଗୀ ଲକ୍ଷ୍ୟ ସ୍ଥଳ ଭେଦକରେ । ଯୋଗୀର ଆତ୍ମା ସେତେବେଳେ ଶର ରୂପରେ ବ୍ୟବହୃତ ହୋଇ ବ୍ରହ୍ମକୁ ମଧ୍ୟ ଭେଦ କରିପାରେ ଅର୍ଥାତ୍ ବ୍ରହ୍ମଜ୍ଞାନ ଭେଦ ଅନୁଭବ କରିପାରେ । ଶ୍ରୀକୃଷ୍ଣ ହେଉଛନ୍ତି ପରମ ଆତ୍ମା ବା ପରମବ୍ରହ୍ମ । ପଞ୍ଚବିଂଶତି ତତ୍ତ୍ୱରେ ଗଠିତ ଶକ୍ତି ବା ଜୀବକୁ ଅର୍ଜୁନ କୁହାଯାଏ । ମ୍ଳେଚ୍ଛକ୍ରିୟାକୁ କିରାତ ଆଖ୍ୟା ଦିଆଯାଇଛି । ରାଜେଶ୍ୱର ବୋଇଲେ ତମଗୁଣାଶ୍ରୟୀ ଚିତ୍ତରଭାବ । ଅସ୍ତ୍ରଶସ୍ତ୍ର ବୋଇଲେ ଛୋଟ ଛୋଟ ହିଂସା କୁଟ କପଟଭାବ, କୁଟନୀତି ସତ୍ତ୍ୱ ଓ ତମ ମିଶ୍ରିତ ଭାବ । ତିନୋଟି ଶର ଦ୍ୱାରା ତ୍ରିପୁର ବିଜୟର ଅର୍ଥ ପ୍ରଥମରେ ଯୋଗୀ ସମାଧିରୂଢ଼ ଅବସ୍ଥାରେ ତପଲୋକକୁ ଆତ୍ମାରୂପକ ଶର ଦ୍ୱାରା ଭେଦ କରିବା ଏବଂ ତୃତୀୟରେ ଯୋଗୀ ଆସୁରୀସମ୍ପନ୍ନ ଭାବକୁ ଦମନ କରି ଦୈବୀ ସମ୍ପନ୍ନ ଭାବକୁ ସାଇତିରଖି ଆତ୍ମାରୂପକୁ ଶର ଦ୍ୱାରା ବ୍ରହ୍ମଜ୍ଞାନ ପ୍ରାପ୍ତ ହେବା ।

କ୍ଷତ୍ରିୟ ଯୋଗ୍ୟ ବୋଲିବାର ତାତ୍ପର୍ଯ୍ୟ ହେଉଛି ଯୋଗ ସାଧନାର ଯୋଗୀ ଦୃଢ଼ ସଂକଳ୍ପ ହେବାର ଅବସ୍ଥାକୁ ବୁଝାଏ । ମୁଣ୍ଡରେ ମୁକୁଟ ବାନ୍ଧିବା ବୋଇଲେ, ଯୋଗୀର ସିଦ୍ଧିପ୍ରାପ୍ତ ଅବସ୍ଥା ହେବା କାରଣ ଏହି ଅବସ୍ଥାକୁ ଯୋଗ ମାର୍ଗରେ ଜ୍ଞାନମୁକୁଟ ବୋଲାଯାଏ । ଅନିବାର ବିଷ ବୋଇଲେ ବିଜେନ୍ଦ୍ରିୟ କୋଷ ଯୋଗୀ ଯୋଗ ମାର୍ଗରେ ସାଧନା କରି ଯାଉଁ ଯାଉଁ ସତ୍ୟେନ୍ଦ୍ରିୟ କୋଷର ଜାଗ୍ରତ ଅବସ୍ଥାରେ ପହଞ୍ଚିଲେ ଅନିବାର ବିଷବା ବିଜେନ୍ଦ୍ରିୟ କୋଷ

ଦମନ ହୁଏ । ଅବରଣୀୟ ମଧ୍ୟସ୍ଥ କହିଲେ ତ୍ରିକୂଟ ସଂଯୋଗ ବିବେକ ସ୍ଥଳକୁ ବୁଝାଏ, ଏଠାରେ ବିବେକ ବ୍ରହ୍ମ ଓ ଚୈତନ୍ୟ ମଧ୍ୟରେ ମଧ୍ୟସ୍ଥର କାର୍ଯ୍ୟ କରେ । ଅର୍ଥହୀନ କ୍ଷତ୍ରିୟ ହେଉଛି ନିର୍ଲୋଭ ଧନ, ଶକ୍ତି ଇନ୍ଦ୍ରିୟାଦିର ସୁନିୟନ୍ତ୍ରଣ ଏବଂ ସତ୍ତ୍ୱଗୁଣ ସମୂହ । ଶଠମିତ୍ର ହେଉଛି ଶୁଦ୍ଧଚିତ୍ତରକ୍ଷଣକାରୀର ବିରୋଧି ଶକ୍ତି । ଅସତୀ ଭାର୍ଯ୍ୟା ହେଉଛି ଦୁଷ୍କୃତ କର୍ମରତ ମାୟା । ବିବାଦୀ ଭାଇ ବୋଇଲେ ଇକାର, ଉକାର କ୍ରୀଡ଼ା ଏବଂ ଊର୍ଦ୍ଧ୍ୱ ଅଗ୍ନିକ୍ରିୟା । ମଧୁ ପିଙ୍ଗଳର ତାତ୍ପର୍ଯ୍ୟ ଖେଚରୀ ମୁଦ୍ରାର ଉତ୍ସାର୍ଣ୍ଣିରସ ମୂଢ଼ଜାତି ହେଉଛି ମ୍ଳେଚ୍ଛଭାବ । ନୀଚଲୋକ ସହିତରେ ପ୍ରୀତି କହିଲେ ଇନ୍ଦ୍ରିୟ ସହିତ କୁପ୍ରକୃତିର ସଂଯୋଗ ବା ବିଷୟ ସହିତ ଇନ୍ଦ୍ରିୟର ସଂଯୋଗ । ଯୋଗୀ ଯୌଗିକ ମାର୍ଗରେ କେଉଁ କେଉଁ ବିଷୟ ପ୍ରତି ଧ୍ୟାନଦେଇ କାହାକୁ ତ୍ୟାଗ କରିବା ଉଚିତ ଏବଂ କାହାକୁ ଗ୍ରହଣ କରିବା ଉଚିତ ତାହା ଏଠାରେ ଜଣାଇ ଦିଆଯାଇଛି ।

ଯୁଗ ବୋଇଲେ ମଣ୍ଡଳ ପିଣ୍ଡତତ୍ତ୍ୱରେ ଷଡ଼ଚକ୍ରକୁ ବୁଝିବାକୁ ହୁଏ । ତ୍ରେତୟାଯୁଗ ବୋଇଲେ ପିଣ୍ଡ ତତ୍ତ୍ୱରେ ହୃଦଚକ୍ରର (୧) ବକ୍ର ବର୍ଣ୍ଣାଢ଼ (୨) ସୂତବର୍ଣ୍ଣାଢ଼ (୩) ରତ ବର୍ଣ୍ଣାଢ଼ କୋଷ ସମୂହକୁ ବୁଝିବାକୁ ହୁଏ । ଏହି ମଣ୍ଡଳ ଭୋଗକୁ ଯୋଗୀ ରାମାଦିବୀଜ ସୂତ୍ର ରାମତାରକ ମନ୍ତ୍ରରେ ଉପଲବ୍ଧ କରେ । ଏହି କୋଷରେ ଥାଇ ସମାଧି ଅବସ୍ଥାରେ ରାମଙ୍କୁ ଦର୍ଶନ କରେ । ଯୋଗୀ ହୃଦଚକ୍ର ଭେଦ କରିବା କାଳରେ ଏହି କୋଷ ମର୍ଯ୍ୟାଦାମୟ ଜ୍ଞାନ କୋଷରେ ଚୈତନ୍ୟ ହୁଏ । ଯୋଗୀ ଜ୍ଞାନ ଆତ୍ମାବୋଲାଏ । ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ର ସେ ପୁରୁଷ ଶକ୍ତିରେ ପୂର୍ଣ୍ଣ ହୃଦୟଚକ୍ର ଭେଦିବା କାଳରେ ଯୋଗୀ ହୃଦୟଚକ୍ରରେ ପୂର୍ଣ୍ଣ ପୁରୁଷଶକ୍ତି ପୂର୍ଣ୍ଣ ଚୈତନ୍ୟର ସ୍ୱରୂପକୁ ଦର୍ଶନ କରେ । ପୁରୁଷ ଶକ୍ତିର ଦୁର୍ଦ୍ଦଣ୍ଡୀୟ ଶକ୍ତି ଅଂଶ 'ଶୁଣତାରା' ସହ ହୃଦୟଚକ୍ରରେ ଯୋଗ ହୋଇଥାଏ । ଫଳରେ ଏହାର ହରିଦ୍ରାବର୍ଣ୍ଣର ପଥ ଏକ ସରଳରେଖାରେ ଗତିକରିଥାଏ । ତାକୁ ଅଙ୍ଗଦକୋଷ କୁହାଯାଏ । ଏହା ଧୂସର ବର୍ଣ୍ଣ ବର୍କଟ ସଦୃଶ ଆକୃତି । ରାମତାରକ ମନ୍ତ୍ରସାଧକ ଯେତେବେଳେ ଯୋଗୀ ସମାଧି ଅବସ୍ଥାରେ ପହଞ୍ଚେ ସେତେବେଳେ ଏହି କ୍ରିୟା ହୃଦସ୍ଥଳରେ ଉପଲବ୍ଧ କରେ । ଦୁର୍ଜୟ ବଳ ବଳି ଶକ୍ତିର ସୂକ୍ଷ୍ମକୋଷ ସତ୍ୟେନ୍ଦ୍ରିୟ କୋଷ ରୂପକ ରାମବୀଜ ନାମ ଦ୍ୱାରା ବଧ ହୋଇଯାଏ । ତାରକା ଓ ଅଙ୍ଗଦ ଶକ୍ତି ବଳବତ୍ତର ହୋଇ ଉଠେ । ପିଣ୍ଡତତ୍ତ୍ୱରେ 'ଐରିତକୁଣ୍ଡଳିନୀ'ର ସୁଷୁମ୍ନା ଦ୍ୱାରଦେଶରେ ନନ୍ଦଚାଟ ଶ୍ରୀକୃଷ୍ଣଙ୍କର ଅବସ୍ଥାନ ସ୍ଥଳୀକୁ ଦ୍ୱାପର ଯୁଗ କୁହାଯାଏ । ସମାଧି ଅବସ୍ଥାରେ ଯୋଗୀର କୁଣ୍ଡଳିନୀ ଜାଗ୍ରତ ହୁଏ । କ୍ଲୀଂବୀଜ, ଅକ୍ଷର ତତ୍ତ୍ୱ ଓ ପୁରୁଷ ଶକ୍ତି ପୂର୍ଣ୍ଣମାତ୍ରାରେ ଜାଗ୍ରତ ହୁଏ । ଏଠାରେ ଯୋଗୀକୁ କ୍ଲୀଂବୀଜ ତତ୍ତ୍ୱ ଜ୍ଞାନ ସ୍ୱରୂପ କୃଷ୍ଣଚନ୍ଦ୍ରଙ୍କର ଦର୍ଶନ ଯୋଗୀଲାଭ କରେ । ସୁଷୁମ୍ନାକାଣ୍ଡରେ (୧) ଐରିତ୍ ଏବଂ (୨) ବୃହିତ୍ : ଦ୍ୱାପର ଯୁଗ ଭୋଗ ହୁଏ । ଏଠାରେ ସ୍ମରଣ ରଖିବା ଉଚିତ ଯେ, ଯୋଗୀ ଏକଲୟରେ ଧ୍ୟାନ ମାର୍ଗରେ ଗତି କରିବା ବେଳେ ସତ୍ୟେନ୍ଦ୍ରିୟ କୋଷ ସତ୍ୟଯୁଗ ଭୋଗ କରୁଛି । ଏହି ଭୋଗ ସମୟରେ ତ୍ରିକୂଟରେ ଧବଳବର୍ଣ୍ଣ ଅନୁଭୂତ ହୁଏ । ଚିତ୍ତ ଚୈତନ୍ୟରେ ଏହି ଧବଳବର୍ଣ୍ଣର ଆଭା ବ୍ୟାପିଯାଏ । ପୂର୍ଣ୍ଣମାତ୍ରାରେ ସତ୍ତ୍ୱଗୁଣର ବିକାଶ ହୁଏ । ତ୍ରେତୟା ଯୁଗରେ ଅର୍ଥାତ୍ ହୃଦୟ ଚକ୍ର ଭେଦ କାଳରେ 'ତ୍ରୟ ବର୍ଣ୍ଣାଢ଼' କୋଷ (ବକ୍ରବର୍ଣ୍ଣାଢ଼, ସୂତ୍ର ବର୍ଣ୍ଣାଢ଼, ରତ୍‌ବର୍ଣ୍ଣାଢ଼) ଅନୁଭବ ସମୟରେ ତ୍ରିଗୁଣ ମିଶ୍ରିତ (ସତ୍ତ୍ୱ+ରଜ+ତମ) ଭାବରେ ଅଙ୍ଗଦ ସ୍ୱଭାବ ରହେ । ଦୃଢ଼ଥାଏ, ତମନୀତିଥାଏ । ଏହାକୁ ମର୍କଟସଦୃଶ ଭାବ ବୋଲାଯାଇଥାଏ । ଅନୁମାନ ସୂତ୍ର ମର୍କଟ ଲାଞ୍ଜ ସଦୃଶ ଲମ୍ୱିଯାଇଥାଏ । ମର୍କଟ ସୁଲଭ ଦୃଢ଼ନୀତି ଓ ଭାବ ଥାଏ ଓ ଦୁର୍ଦ୍ଧର୍ଷ ଧୂମାଳ କାର୍ଯ୍ୟମାନ କରିଚାଲେ । ହୁଁ ଧ୍ୱନି ଅର୍ଥାତ୍ ବଳବାନ ଶକ୍ତିର ରାବ ଦିଏ । ଏହା ଅନ୍ନମୟ କୋଷରେ ଅନୁଭୂତ ହୁଏ । ଯୋଗୀର କୁଣ୍ଡଳିନୀ ଯେତେବେଳେ ପୂର୍ଣ୍ଣମାତ୍ରାରେ ଜାଗ୍ରତ ହୁଏ ସେତେବେଳେ ଯୋଗୀ ତାର ଐରିତକୋଷ ଓ ବୃହିତ୍ କୋଷ ନେଇ ସୂକ୍ଷ୍ମରେ ଖେଳେ । ସେତେବେଳେ ଚୈତନ୍ୟର ବର୍ଣ୍ଣ ଲାଲ ଥାଏ । ଏହି ଅବସ୍ଥାକୁ ଦ୍ୱାପରର ଜରା ବୋଲି ପିଣ୍ଡତତ୍ତ୍ୱରେ ଯୋଗ ମାର୍ଗରେ କୁହାଯାଇଛି । ହୃଦୟଚକ୍ର (ତ୍ରେତୟାଯୁଗ)ର ଅଙ୍ଗଦ କୋଷ ସୁଷୁମ୍ନାକାଣ୍ଡ (ଦ୍ୱାପରଯୁଗ)ରେ ଅଙ୍ଗଦ ସ୍ୱଭାବରେ ପରିଣତ ହୁଏ । ସେହିଁ ଜରା । ହୃଦୟ ଚକ୍ରରେ ଯୋଗୀ ଯୋଗାରୂଢ଼ ହୋଇ ପୁରୁଷ ଶକ୍ତିର ଦୁର୍ଦ୍ଦଣ୍ଡୀୟ ଶକ୍ତି ବା ମହାବଳୀ ବଳିକୁ ଜୟ କରିଥିଲା ।

ସୁଷୁମ୍ନାକାଣ୍ଡରେ ଏହାର ପ୍ରତିରୋଧ ନେବା ପାଇଁ ଯୋଗୀ ଯୌଗିକ ମାର୍ଗର ପରବର୍ତ୍ତୀ ପର୍ଯ୍ୟାୟରେ ଅଙ୍ଗଦ କୋଷ ସ୍ୱଭାବରେ ପରିଣତ ହୋଇଥାଏ । ଏହି ଅଙ୍ଗଦ ସ୍ୱଭାବ ହେତୁ ଯୋଗୀ ଯୋଗ ମାର୍ଗରେ ଧ୍ୟାନ ଆତ୍ମା ରୂପକ ଶରଦ୍ୱାରା ଶ୍ରୀକୃଷ୍ଣ ବା ପରମ ଆତ୍ମାକୁ ଭେଦ କରି ତହିଁରେ ଲୀନ ହେବାର ଦୃଢ଼ ପ୍ରତିଜ୍ଞା ପୋଷଣ କରେ । ଅଙ୍ଗଦ ସ୍ୱଭାବ ଜୀବାତ୍ମା ବା ଆତ୍ମାର ସ୍ୱରୂପ ଧାରଣ କରେ । ଯୋଗୀ ଯୋଗ ପର୍ଯ୍ୟାୟରେ ଅନ୍ୟ ଗୋଟିଏ ସ୍ତର ଭେଦ କରି ଉଠିଯାଏ ।

ପିଣ୍ଡତତ୍ତ୍ୱରେ ଧର୍ମ ହିଁ ଯୁଧିଷ୍ଠିର । ପିଣ୍ଡ ବା କ୍ଷେତ୍ରରେ ଦୈବୀଗୁଣ ଓ ଆସୁରୀଗୁଣ ମଧ୍ୟରେ ସଂଗ୍ରାମ ଚାଲିଥିବା ବେଳେ ଯୋଗୀର ଯୋଗଧର୍ମ ବା ଯୋଗ ସାଧନା ବିଚଳିତ ବିବ୍ରତ ନହୋଇ ସ୍ଥିର ଥାଏ । ବସୁଶବର ଗୋତ୍ର ବୋଇଲେ କୃଶାଁଳ କୋଷର ସ୍ନାୟୁ । ନାଭିଚକ୍ରରେ ଏହା ସୁଷୁମ୍ନା ସ୍ନାୟୁ କୁହାଯାଏ । ଯୋଗୀର ଯୋଗ ଅବସ୍ଥାରେ ଏହାର କ୍ରିୟା ଅନୁଭୂତ ହୁଏ । ଏହାର ବର୍ଣ୍ଣଧୂସର ଯୋଗୀର ଜ୍ଞାନ ଆତ୍ମା ଏହା ଅନୁଭବ କରିପାରେ । କୌଶିକ ଅରଣ୍ୟ ହେଉଛି ଗଙ୍ଗାଯମୁନା ସରସ୍ୱତୀ (ଇଡ଼ା, ପିଙ୍ଗଳା, ସୁଷୁମ୍ନା) ତ୍ରିବେଣୀଧାର ମଧ୍ୟରୁ ଯମୁନା ଧାରର ଠୁଳ ଅବସ୍ଥା । ଏଠାରେ ଭରଣ ସ୍ନାୟୁକୁ ଅରଣ୍ୟ କୁହାଯାଇଛି । ଭୀମ ବୋଇଲେ ତମଗୁଣର ନିଷ୍ଠାଭାବ । ଦ୍ରୋଣ ବୋଇଲେ ତମ ଦୃଢ଼ ଏବଂ ବିବେକର ସମ୍ମିଶ୍ରଣରେ ଜାତ ନିଷ୍ଠାଭାବ । ସୁଗ୍ରୀବ ହେଉଛି ଯୋଗୀର ଯୋଗ ପ୍ରକ୍ରିୟାରେ ସତଗୁଣରୁ ଉଦ୍ଭବ ସତସ୍ୱଭାବକୁ ବିବେକ ଦ୍ୱାରା ଚାଳନା କରିବା ପ୍ରକ୍ରିୟା ।

ଯୋଗୀ ଯୋଗ ମାର୍ଗରେ ବିଭିନ୍ନ ସ୍ତର ସୋପାନ ଏବଂ ପର୍ଯ୍ୟାୟ ମଧ୍ୟ ଦେଇ ଗତି କରିଥାଏ । ଏହି ପ୍ରକ୍ରିୟାରେ ଅଷ୍ଟାଙ୍ଗ ଯୋଗର ଗୋଟିଏ ଗୋଟିଏ ସୋପାନ ଯଥା ଆସନ, ଯମ, ନିୟମ, ପ୍ରାଣାୟାମ ଆଦି ଅତିକ୍ରମ କରିଥାଏ । ସମାଧିସ୍ତରରେ ମଧ୍ୟ ସ୍ଥୂଳ ସମାଧି, ଧୀ ସମାଧି, ସାମ୍ପ୍ରଦାୟିକ ସମାଧି, ସୂକ୍ଷ୍ମ ସମାଧି ଆଦି ସ୍ତର ପାର ହେବାକୁ ହୁଏ । ସାଧନାସ୍ତର ପ୍ରତ୍ୟେକଟି ସିଦ୍ଧି ପ୍ରାପ୍ତ ହେବା ସହିତ ଯୋଗୀର କୁଣ୍ଡଳିନୀ ଜାଗ୍ରତ ହୋଇମୂଳାଧାର ଠାରୁ ଆରମ୍ଭ କରି ଗୁହ୍ୟ ନାଭି ହୃଦୟ କଣ୍ଠ ଆଦି ଚକ୍ରଯୋଗ ଶରୀରରେ ଭେଦ କରି କ୍ରମଶଃ ଊର୍ଦ୍ଧ୍ୱଗାମୀ ହୁଏ । ଏତେ ଶରୀର ମଧ୍ୟରେ ସୂକ୍ଷ୍ମରେ କୋଷସମୂହ ଓ କୋଷକେନ୍ଦ୍ର ଗୁଡ଼ିକର ସାଧନ ହୁଏ । ତେଣେ ଧିରେ ଧିରେ ବିକେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାରା ସଙ୍କୁଚିତ ଓ ସତ୍ୟେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ଉନ୍ମୋଚିତ ହୋଇ ପ୍ରସାରିତ ହେଉଥାଏ । ଏହି ପ୍ରକ୍ରିୟା ଯୌଗିକ ମାର୍ଗରେ ଦୀର୍ଘଦିନ ଧରି ଚାଲିଥାଏ । ତେଣୁ ଯୋଗୀର ଶରୀର ମନ ଓ ସ୍ୱଭାବରେ ନାନା ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଆଚାର, ଆଚରଣ, ବଚନ, ଭୂଷଣ ଆଦିରେ ମଧ୍ୟ ତଦନୁରୂପ ପରିବର୍ତ୍ତନ ସ୍ଥୂଳତଃ ଲକ୍ଷ୍ୟ କରାଯାଏ । ଅନୁଭବୀ ଯୋଗୀ ହିଁ ଯୋଗସ୍ଥ ଅବସ୍ଥାରେ ସ୍ଥୂଳଶରୀର ବା ପିଣ୍ଡ ବା କ୍ଷେତ୍ରରେ ଏ ସକଳ ସୂକ୍ଷ୍ମ ଅନୁଭୂତି ଉପଲବ୍ଧ କରିପାରେ ।

ଯୋଗ ପ୍ରକ୍ରିୟାର ଅବବୋଧ ପାଇଁ ପିଣ୍ଡତତ୍ତ୍ୱରେ ହିଁ ସ୍ୱର୍ଗ ମର୍ତ୍ତ୍ୟ ପାତାଳର ଅବସ୍ଥାନ କଳ୍ପନା କରାଯାଏ । ଏହି ପରିକଳ୍ପନାରେ ସପ୍ତସ୍ୱର୍ଗ ସପ୍ତମର୍ତ୍ତ୍ୟ ଏବଂ ସପ୍ତପାତାଳ ମଧ୍ୟ ପରିକଳ୍ପିତ । ଯୋଗମାର୍ଗ ପାଇଁ ଶରୀରରେ ସୂକ୍ଷ୍ମ ସ୍ୱରୂପରେ ଷଡ଼ଚକ୍ରର କଳ୍ପନା କରାଯାଇଛି । ଶ୍ରୀମଦ୍‌ଭଗବତ ଗୀତା ହିଁ ସର୍ବଶ୍ରେଷ୍ଠ ଯୋଗ ଶାସ୍ତ୍ର । ଏଥିରେ ୧୮ ଗୋଟି ଅଧ୍ୟାୟ ସଂଯୋଜିତ । ପ୍ରଥମ୬ଟି ଅଧ୍ୟାୟ ଓ ଶେଷ ୬ଟି ଅଧ୍ୟାୟ ଏହିପରି ୧୮ଟି ଅଧ୍ୟାୟକୁ କଳ୍ପତ୍ରୟ ବୋଲି କୁହାଯାଏ । ପ୍ରତିଟି କଳ୍ପରେ ୬ଟି ଅଧ୍ୟାୟ ଦ୍ୱାରା ଶରୀରରେ ପରିକଳ୍ପିତ ଷଡ଼ଚକ୍ର ଭେଦଜ୍ଞାନ ଦିଆଯାଇଛି । ସମଗ୍ର ଗୀତା ହିଁ ପିଣ୍ଡତତ୍ତ୍ୱର ଅପୂର୍ବ ଆଖ୍ୟାୟିକା ଏ ସମସ୍ତ ଯୋଗଜ୍ଞାନ ପ୍ରୟୋଗରେ ଏହି ସଂଖ୍ୟାର ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଶ୍ରୀକୃଷ୍ଣଙ୍କ ଦ୍ୱାରା କିରାତସେନର ଶିରଚ୍ଛେଦର ପିଣ୍ଡ ତାତ୍ତ୍ୱିକ ମୀମାଂସା ବୁଝିବାକୁ ହେବ ।

ସତ୍ୟଯୁଗର ପୁଣ୍ଡରୀକ୍ଷ ବୋଇଲେ ପୂର୍ଣ୍ଣଚୈତନ୍ୟର ସତ୍ୟ । ଏହା ଶୁଣ୍ଡୁରୀ ଅଂଶ ଭୋଗ କରେ । ଯୋଗୀର ଏହି ଅବସ୍ଥାରେ ସତ୍ତ୍ୱଗୁଣ ବିକଶିତ ହୋଇଥିଲେ ମଧ୍ୟ ବେଳେ ବେଳେ ସତ୍‌ମିଶ୍ରିତ ହିଂସା କ୍ରୋଧ ଆଦି ବହୁଳ ଦେଖାଯାଏ । ହୃଦୟଚକ୍ରରେ ଅବସ୍ଥାରେ ସତ୍ତ୍ୱଗୁଣ ବିକଶିତ ହୋଇଥିଲେ ମଧ୍ୟ ବେଳେ ବେଳେ ସତ୍‌ମିଶ୍ରିତ

ହିଂସା କ୍ରୋଧ ଆଦି ବହୁଳ ଦେଖାଯାଏ । ହୃଦୟଚକ୍ରରେ ବା ତ୍ରେତୟାଯୁଗରେ ବକ୍ରବର୍ଣ୍ଣାଢ଼, ସୃତ ବର୍ଣ୍ଣାଢ଼ ଓ ରତ ବର୍ଣ୍ଣାଢ଼ କୋଷ ସମୂହର ଭୋଗ ଅବସ୍ଥାରେ ଯୋଗୀ ଯେତେବେଳେ ଯୋଗ ସାଧନ ପଥରେ ହୃଦୟ ଚକ୍ରଭେଦକରୁଥାଏ ସେତେବେଳେ ତା ଅନ୍ତଃକରଣରେ ମର୍ଯ୍ୟାଦାମୟ ଜ୍ଞାନ କୋଷର ଚୈତନ୍ୟ ରାମଚନ୍ଦ୍ରର ସତଗୁଣରୁ ଉତ୍ପନ୍ନ ସତସ୍ୱଭାବ ସମୂହକୁ ବିବେକ ପଥରେ ଚାଳନା କରୁଥିବା ଶକ୍ତି ସୁଗ୍ରୀବ ସହିତ ସଂଯୋଗ ମିତ୍ରତା ରକ୍ଷା କରେ । ଫଳତଃ ଧ୍ୟାନାତ୍ମାଯୋଗୀ ଜ୍ଞାନ ଚୈତନ୍ୟ ବଳରେ ପୁରୁଷଶକ୍ତିର ଦୁର୍ଦ୍ଦଣୀୟ ଶକ୍ତିକୁ ଦମନ ବଳିବଧ କରି ଦୁର୍ଜ୍ଜୟବଳ ବଳି ଶକ୍ତିର ସୂକ୍ଷ୍ମକୋଷ ସତ୍ୟେନ୍ଦ୍ରିୟ କୋଷ ଦ୍ୱାରା ଆଚ୍ଛାଦିତ ହୁଏ । କୁ ସ୍ୱଭାବ ଛପିଯାଏ । ଦବି ଯାଏ ସୁସ୍ୱଭାବର ଉନ୍ମେଷ ଓ ପ୍ରକାଶ ହୁଏ । ଏହାହିଁ ସଂକ୍ଷେପରେ ଷଡ଼ଚକ୍ର ଭେଦକାଳରେ ହୃଦୟଚକ୍ର ଭେଦାବସ୍ଥାର ପ୍ରକ୍ରିୟା ଓ ଅନୁଭୂତି ଏହି ସମୟରେ ଯୋଗୀର ଅଙ୍ଗଦକୋଷ ଜ୍ଞାନକୋଷର ଚୈତନ୍ୟର ଶରଣାଗତ ହୁଏ । ଅଙ୍ଗଦ ରାମଚନ୍ଦ୍ରଙ୍କର ଶରଣ ନେବା ।

ଦ୍ୱାପର ଯୁଗରେ ଅର୍ଥାତ୍ ଯୋଗୀର ଯୌଗିକ ମାର୍ଗରେ କୁଣ୍ଡଳିନୀ ସୁଷୁମ୍ନା ଦ୍ୱାରରେ କ୍ଲୀଂବୀଜ ଜପସିଦ୍ଧି ବେଳେ ପୁନର୍ବାର ଶରଣାଗତ ଅଙ୍ଗଦ କୋଷ ତତ୍ତ୍ୱଜ୍ଞାନ ସ୍ୱରୂପର ବିରୁଦ୍ଧାଚରଣ କରେ । ଯୋଗୀ ନିଜର ଯୋଗ ବଳରୁ ଅନ୍ତଃସ୍ଥ ସୂକ୍ଷ୍ମ ପ୍ରକ୍ରିୟା ଉପଲବ୍ଧି କରିପାରେ । ସେ ସମୟରେ ଐରିତ କୁଣ୍ଡଳିନୀ ଓ ବୃହଦ୍ କୁଣ୍ଡଳିନୀରେ କ୍ଲୀଂବୀଜ ଭୋଗ ହେଉଥାଏ । ତମଗୁଣର ବିରକ୍ତି କଟୁତା ପରସ୍ତ୍ରୀକାତରତା, ଉଦ୍ଧତ ସ୍ୱଭାବର କ୍ରିୟାକଳାପ କିରାତ ସେନ କୁ ଯୋଗୀ ସମାଧି ଅବସ୍ଥାରେ ଯୌଗିକ ପ୍ରକ୍ରିୟାରେ ପରମଆତ୍ମା ପରମବ୍ରହ୍ମ (ଶ୍ରୀ କୃଷ୍ଣ) ସହିତ ପରିଚିତ କରାଇଦିଏ । ବିଜେନ୍ଦ୍ରିୟ କୋଷର ସୂକ୍ଷ୍ମ ପ୍ରକ୍ରିୟା ସତ୍ୟେନ୍ଦ୍ରିୟ କୋଷ ଠାରେ ଆତ୍ମ ନିବେଦନ କରେ । ଶେଷରେ ଜରା ବା ମ୍ଳେଚ୍ଛ ସ୍ୱଭାବ ସମୂହ ପଞ୍ଚବିଂଶତି ତତ୍ତ୍ୱ ସମନ୍ୱିତ ପ୍ରକୃତ ବା ଜୀବ ନିଜର ଆତ୍ମାରୂପକ ଶର ଦ୍ୱାରା ପରମବ୍ରହ୍ମରେ ବିଦ୍ଧ ହୋଇଥାଏ ଓ ପରମବ୍ରହ୍ମରେ ଅନାହତ ଅନଳରେ ଜୀବର ସକଳ ଦୁଷ୍କୃତି ଧ୍ୱଂସ ହୋଇ ଭସ୍ମୀଭୂତ ହୁଏ ଯୋଗୀ ଶୁଦ୍ଧ ନିର୍ମଳ ପରମପଦ ଲାଭ କରେ ।

ପୁଣି ପରମବ୍ରହ୍ମ (ଶ୍ରୀକୃଷ୍ଣ) ସୁଦର୍ଶନଚକ୍ର ଅର୍ଥାତ୍ ସୁନ୍ଦର ସୂକ୍ଷ୍ମରୂପ ଦର୍ଶନ ଦେବା ଦ୍ୱାରା ତମଗୁଣର ସକଳ ଆସୁରୀଗୁଣ ସମୂହ କିରାତସେନ ର ବିନାଶ କରି ନିଜରଥରେ ତାହାର ମସ୍ତକକୁ ଅର୍ଥାତ୍ କ୍ରୋଧ ହିଂସାଦିଭାବ ଗୁଣକୁ ସଂଜୀବିତ କରି ରଖନ୍ତି । କାରଣ ଆସୁରୀ ଶକ୍ତିକୁ ନିଖୁଣରେ କଣ୍ଟାଦ୍ୱାରା କଣ୍ଟା କାଢ଼ିବା ପ୍ରକ୍ରିୟାରେ ଧ୍ୱଂସ କରି ବିଜେନ୍ଦ୍ରିୟ ପଥକୁ ଅବରୁଦ୍ଧ କରନ୍ତି ।

ଏହା ପରେ ଯୋଗୀ ଯୋଗ ସାଧନ କରୁ କରୁ କଣ୍ଠଚକ୍ରରେ ଶିବପାର୍ବତୀ ମଙ୍ଗଳମୟଶକ୍ତିର ବାସସ୍ଥାନରେ ଯାହାକୁ ହର ଉଦ୍ୟାନ କୁହାଯାଉଛି ସେଠାରେ ଅଙ୍ଗଦ କୋଷର ମ୍ଳେଚ୍ଛବୃତ୍ତିକୁ ଜରା ଗୋପନ ରଖନ୍ତି । ଏହିଠାରେ ଯୋଗୀ ସମାଧିସ୍ଥ ଅବସ୍ଥାରେ ନୀଳ ଓ ଲାଲ ମିଶା ଜ୍ୟୋତିଃ ଦର୍ଶନ କରନ୍ତି ।

***

ଫଲ୍‌ଗୁ ପରି ହୁଅରେ ଧନ,
ଶ୍ରୀପଦେ ଦେଇ ତୋ ଚଇତନ ।
ବାଲି ଯେସନେ ଚରଇ ପାଣି,
ଉପରେ ଶୁଷ୍କ ନହୁଏ ଜାଣି ।

ତେସନ ତୋର ଅନ୍ତର ତଳେ,
ଆମରି ଭାବ ବୁଝିବୁ ଖେଳେ ।
ସେହି ଭାବରେ ଭକତ ସାଜ,
ଅଭ୍ୟାସ ଧାରା ନିଇତି ମାଜ ।

ତୀକ୍ଷିଣ ହେବ ତୋ ଚଇତନ,
ପାଇବୁ ସେହି ଅମୂଲ୍ୟ ଧନ ।

ନୀଳଚକ୍ର
ଚରମର ସଙ୍କେତ

## 'ଚରମ'ର ସଂକେତ

**ଅପବିତ୍ରଂ ପବିତ୍ରଂ ବା ସର୍ବାବସ୍ଥାଂ ଗତୋଽପି ବା ।**
**ଯ ସ୍ମରେତ୍ ପୁଣ୍ଡରିକାକ୍ଷଂ ସ ବାହ୍ୟାଭ୍ୟନ୍ତରଃ ଶୁଚିଃ ।।'**

ଶୌଚ ବା **ଶୁଚିତା** ହିଁ ପୂଜା ଅର୍ଚ୍ଚନା ଉପାସନାଦିର ସର୍ବପ୍ରଥମ ଆବଶ୍ୟକତା । ଶୌଚ ସାଧାରଣ ଦୁଇ ପ୍ରକାରର : (୧) **ବାହ୍ୟ** ଶୌଚ ବା ବହିରଙ୍ଗ ଶୁଚିତା ଏବଂ (୨) ଅଭ୍ୟନ୍ତର ଶୌଚ ବା ଅନ୍ତରଙ୍ଗ ଶୁଚିତା । ଉଭୟ ବାହ୍ୟ ଓ **ଅଭ୍ୟନ୍ତର** ଶୌଚର ଗୁରୁତ୍ୱ ରହିଛି । ତେଣୁ ପୂଜକ ଏବଂ ଉପାସକ ଉଭୟ ବାହ୍ୟ ଶୌଚ ଏବଂ ଅଭ୍ୟନ୍ତର ଶୌଚ ପ୍ରତି ସମାନ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ । ତୁମ ମାନଙ୍କ ମଧ୍ୟରୁ ଅଧିକାଂଶ ଶୌଚ ବା ଶୁଚିତାର ଗୁରୁତ୍ୱ ବୁଝି ନ ପାରି ନିଜ ନିଜର ବ୍ୟକ୍ତିଗତ ଖିଆଲ ଖୁସି ପୂଜା ଉପାସନା କରିଚାଲିଛି । ଅନ୍ୟ କେହି ତୁମକୁ ପ୍ରଶ୍ନ କଲେ, ପୋଥି, ପୁରାଣ ଓ ଶାସ୍ତ୍ରରୁ ନାନାଦି ଉଦାହରଣ ଓ ତତ୍ତ୍ୱ ବଖାଣି ଆତ୍ମପକ୍ଷ ସମର୍ଥନ କରି ନିଜର ପାଣ୍ଡିତ୍ୟ ଓ ପ୍ରୌଢ଼ି ବଖାଣୁଛ । ଏହା ତୁମର ଅଜ୍ଞାତସାରରେ ଏକପ୍ରକାରର ଅହଂକାର, ଦର୍ପ, ଗର୍ବ ଏବଂ ଅସ୍ମିତା ତୁମ ଅନ୍ତଃକରଣରେ କ୍ରମଶଃ ଠୁଳ ହେଉଛି । ଫଳରେ ବାହ୍ୟ ଶୌଚ ତ ରକ୍ଷା କରୁନାହିଁ, ଅଭ୍ୟନ୍ତର ଶୁଚିତା ମଧ୍ୟ ନଷ୍ଟ କରି ବସୁଛ ।

ସାମାଜିକତା ଏବଂ **ଲୌକିକତା** ଦୃଷ୍ଟିରୁ ବାହ୍ୟ ଶୌଚ ନିତାନ୍ତ ଆବଶ୍ୟକ । ଏହା ଶରୀର ଓ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଅପରିହାର୍ଯ୍ୟ । ପୂଜା ଉପାସନା ପୂର୍ବରୁ ପୂଜାଗୃହ ବା ପୂଜାସ୍ଥଳ ଓ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ କରିବା ଏକାନ୍ତ କର୍ତ୍ତବ୍ୟ, ସେହିପରି ବିଗ୍ରହ/ପାଦୁକାକୁ ପରିଷ୍କାର କରି ରଖିବା, ପୂଜା ବାସନ କୁସନ ମଜାମଜି କରି ରଖିବା, ଅନ୍ୟାନ୍ୟ ଉପକରଣ ଆଦିକୁ ମାର୍ଜନା କରିବା, ଇଷ୍ଟଦେବଙ୍କ ପ୍ରତୀକ ପ୍ରତିମା, ବିଗ୍ରହ/ପାଦୁକା ଆଦି ଚନ୍ଦନ, ତିଳକ, କର୍ପୁର, ପୁଷ୍ପାଦି ଦ୍ୱାରା ଶୋଭାବର୍ଦ୍ଧକ କରି ସଜାଇବା ଇତ୍ୟାଦି ଉପଚାର ନିୟମିତ ଶ୍ରଦ୍ଧା, ପ୍ରେମ, ଭକ୍ତି, ସେବା ଓ ନିଷ୍ଠାର ସହିତ କରିବା ଉଚିତ ।

ସେହିପରି ପୂଜକ ବା ଉପାସନା ପୂଜାର୍ଚ୍ଚନାରେ ବସିବା ପୂର୍ବରୁ ସ୍ନାନାଦି ଶୌଚ କର୍ମ ସମାପନ କରିବା ମଧ୍ୟ ବାଞ୍ଛନୀୟ । ଅସହ୍ୟ, ଅତ୍ୟଧିକ ଶୀତ ହେତୁ ବା ବାର୍ଦ୍ଧକ୍ୟ/ରୁଗ୍ଣତାଦି କାରଣରୁ ସ୍ନାନ ନ କଲେ ମଧ୍ୟ ହାତ ଗୋଡ ମୁହଁ ଭଲ ଭାବରେ ଧୋଇ ପୋଛି, ଭିଜା ବସ୍ତ୍ରରେ ଶରୀରକୁ ଭଲ ଭାବରେ ପୋଛା ପୋଛି କରି ଶୌଚ ହେବାକୁ ପଡେ । ଝାଳ ଇତ୍ୟାଦି ଲାଗିଥିବା ବସ୍ତ୍ର ନ ବଦଳାଇ ପୂଜାର୍ଚ୍ଚନା କରିବା ଅନୁଚିତ । ଧୂଆ ବସ୍ତ୍ର ପିନ୍ଧି ପୂଜାରେ ବସିବା ଉଚିତ । ଦାନ୍ତ ନ ଘଷି ବା ଭଲ ଭାବରେ କୁଳି କରି ମୁହଁ ନ ଧୋଇ ପୂଜା ଉପାସନା କାମ କରିବା ଉଚିତ ନୁହେଁ ।

ଜପ, ଧ୍ୟାନ ଆଦି କରିବା ପୂର୍ବରୁ ଆଚମନ ଓ ପ୍ରାଣାୟାମ କରାଯାଏ । 'ବିଷ୍ଣୁ, ବିଷ୍ଣୁ, ବିଷ୍ଣୁ' ଉଚ୍ଚାରଣ କରି ତିନି ଥର ଆଚମନ କରିବା ବିଧି । ଏହା ଦ୍ୱାରା ବାଣୀ ରସନା ଏବଂ ମନଃ ସ୍ଥିତିକୁ ସ୍ନାନ କରାଇ ଶୌଚ କରାଯାଏ । ସେଥିପାଇଁ ତୁମକୁ ବାରମ୍ବାର ଶୁଚିତା ବିଷୟରେ ସ୍ମରଣ କରାଇ ସଚେତନ କରିଦିଆଯାଉଛି । ଶରୀର ଶୌଚ, ଆସନ ଶୌଚ, ବସନ ଶୌଚ, ସ୍ଥାନ ଶୌଚ ଇତ୍ୟାଦି ବାହ୍ୟ ଶୌଚ ବା ବହିରାଙ୍ଗ ଶୁଚିତା ଅଟେ । ପୂଜକ ବା ଉପାସକ ସାମାଜିକତା ଏବଂ ଲୌକିକତା ଦୃଷ୍ଟିରୁ ଏଥି ପ୍ରତି ସତର୍କ ସଚେତନ ଦୃଷ୍ଟି ଦେବା ଉଚିତ । ଏହା ନକଲେ ଶାରୀରିକ ଏବଂ ମାନସିକ ସ୍ଥିତି ବିଗିଡି ଯାଏ, ଫଳରେ ଶୁଦ୍ଧ ଭକ୍ତି ଭାବ ଯାତ ହୁଏ ନାହିଁ ।

ବହିରଙ୍ଗ ଶୁଚିତା ଅପେକ୍ଷା ଅନ୍ତରଙ୍ଗ ଶୁଚିତା ବା ଅଭ୍ୟନ୍ତର ଶୌଚ ଅଧିକ ଗୁରୁତ୍ୱପୂର୍ଣ୍ଣ । ଶରୀର ଏବଂ ଉପକରଣାଦି, ସ୍ଥାନ, ବାସନ ଆଦିକୁ ବହିରଙ୍ଗ କୁହାଯାଏ । ମନ, ଅନ୍ତଃକରଣ ଏବଂ ଭାବ ଭକ୍ତିକୁ ଅନ୍ତରଙ୍ଗ କୁହାଯାଏ । ଅଧ୍ୟାତ୍ମ ଦୃଷ୍ଟିରୁ ଅନ୍ତରଙ୍ଗ ଶୁଚିତା ବା ଅଭ୍ୟନ୍ତର ଶୌଚ ନିତାନ୍ତ ଆବଶ୍ୟକ । ଜପ, ଧ୍ୟାନ ଆଦି ମାନସିକ ପ୍ରକ୍ରିୟା ଅଟେ । ତେଣୁ ଧ୍ୟାନ ଧାରଣା ପାଇଁ ଅନ୍ତରଙ୍ଗ ପରିମାର୍ଜନର ଆବଶ୍ୟକତା ରହିଛି । ଏହା ଦ୍ୱାରା ମନରେ ସଂକଳ୍ପ ଯଥାର୍ଥ ଭାବରେ ଉଦୟ ହୁଏ । ତେଣୁ ମନ ଓ ଅନ୍ତଃକରଣକୁ ନିର୍ମଳ କରିବା ପାଇଁ ଅନ୍ତରଙ୍ଗ ଶୁଚିତା ନିତାନ୍ତ ଆବଶ୍ୟକ । ନଚେତ୍ ଧ୍ୟାନ, ଧାରଣା, ଜପ, ତପ ଫଳ ପ୍ରସୁ ହୁଏ ନାହିଁ ।

ତୁମ ମାନଙ୍କ ମଧ୍ୟରୁ ଅନେକେ ବହିରଙ୍ଗ ଶୁଚିତା ବା ବାହ୍ୟ ଶୌଚକୁ କଡାକଡି ଭାବରେ ପାଳନ କରୁଛ ଆମେ ଜାଣୁଛୁ । ଏହା ମଧ୍ୟ ଆମେ ଜାଣୁଛୁ ଯେ ବାହ୍ୟ ଶୌଚ ସତ୍ତ୍ୱେ ତୁମେ ଅଭ୍ୟନ୍ତର ଶୌଚ ବା ଅନ୍ତରଙ୍ଗ ଶୁଚିତା ରକ୍ଷା କରିପାରୁ ନାହିଁ । କାହିଁକି ଜାଣ ? କହୁଛି ଶୁଣ : ତମ ମନ ସିନ୍ଦୁକରେ ଗୁଡାଏ କାମ କାମନା, ବାସନା, ଆକାଂକ୍ଷା, ଅଭିଳାଷ, ହିଂସା, ଈର୍ଷା, ପରଶ୍ରୀକାତରତା, ଶତ୍ରୁତା, ପ୍ରତିଶୋଧପରାୟଣତା, କୂଟକପଟତା, ଭ୍ରଷ୍ଟାଚାର, ଅହଂବୁଦ୍ଧି, ଗର୍ବ, ଦର୍ପ, ମଦମତ୍ତତା, ଅସ୍ମିତା, ଅହଂକାର, ଛଳନା ଇତ୍ୟାଦି ଠୁଳ କରି ରଖୁଛ । ଭ୍ରାତୃତ୍ୱ ବନ୍ଧନକୁ ପୂରାପୁରି ଦୂରେଇ ଦେଇ ଶତ୍ରୁତାର ବନ୍ଧନରେ ବାନ୍ଧିହୋଇ ପଡିଛ । କେବଳ ସକାଳେ ସଞ୍ଜେ ଘଣ୍ଟେ ବା ଅଧ ଘଣ୍ଟା ପାଇଁ ବାହ୍ୟଶୁଚି ହୋଇ ଆସନରେ ବସି ଆଖିବୁଜି ରହୁଛ । ଚିତାଚୈତନ୍ୟ କାଟି ନିଜ ଦେହକୁ ଲୋକଦେଖାଣିଆ ଭାବରେ ସଜାଇ ଭେକ ଧରି ବୁଲୁଛ । ମନକୋଣରେ ସବୁ ରାକ୍ଷସ ବୁଦ୍ଧିକୁ ଠୁଳ କରି ବସୁଛ । ଏପରି ସ୍ଥୂଳ ଆଚରଣରେ ଅଭ୍ୟନ୍ତର ଶୁଚି ଆସିବ କୁଆଡୁ ? ରାକ୍ଷସୀ ବୁଦ୍ଧିସବୁକୁ ଅନ୍ତଃକରଣରୁ ଦୂରେଇ ଦିଅ । ମାନବିକ ଗୁଣ ଓ ସମ୍ବେଦନଶୀଳତାକୁ ଠୁଳ କର, ପ୍ରେମ କର, ସ୍ନେହ କର, ଶ୍ରଦ୍ଧା କର, ଅନ୍ୟର ଶ୍ରୀ ବା ସୁଖରେ କାତର ହୁଅ ନାହିଁ, ଈର୍ଷା ବା ହିଂସା ପରାୟଣ ହୁଅନାହିଁ, କୋମଳ ଭାଷା କୁହ, କୋମଳ ବ୍ୟବହାର ଦେଖାଅ, ଅନ୍ୟକୁ ସାହାଯ୍ୟ କର, ନିଃସ୍ୱାର୍ଥପର ହୁଅ, ମନ କୋଣରୁ କାମନା, ବାସନା, ଅଭିଳାଷ, ଆକାଂକ୍ଷା, ଗର୍ବ, ଦର୍ପ, ଛଳନା, କପଟତା, ଶତ୍ରୁତା, ପ୍ରତିଶୋଧ ପରାୟଣତା ଆଦିକୁ ପୋଛି ପାଛି ଝାଡି ଝୁଡି ଦୂରକୁ ଫିଙ୍ଗି ଦେଇ ନିର୍ମଳ କର, ନିର୍ମଳ ହୁଅ । ଏହାର ଫଳ ସ୍ୱରୂପ ପ୍ରକୃତିଗତ ସ୍ୱଚ୍ଛତାର ସୌମ୍ୟ ସୁଷମା, ସାତ୍ତ୍ୱିକ ସୌନ୍ଦର୍ଯ୍ୟ ତୁମ ରୂପ ଭେକରେ ପ୍ରକାଶ ପାଇବ । ଦିବ୍ୟ ସୁଗନ୍ଧରେ ତୁମର ମନ ପଦ୍ମଫୁଲ ପରି ପ୍ରସ୍ଫୁଟିତ ହେବ, ସୁବାସିତ ହେବ । ଏପରି ପବିତ୍ର ମନର ଶୋଭା ଏବଂ ଆଭାରେ ପରିବେଶ ପ୍ରଫୁଲ୍ଲ ଏବଂ ସୁରଭିତ ହେବ । ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ସଫଳ ଏବଂ ସାର୍ଥକ ହେବ ହିଁ ହେବ । ତୁମେ ନିଜେ ସକଳ ଦୁଃଖ ଯନ୍ତ୍ରଣାରୁ ତ୍ରାହି ପାଇବ । ଦିବ୍ୟ ଆନନ୍ଦ ଅନୁଭବ କରିବ । ପବିତ୍ର ନିର୍ମଳ ମନରେ ଜପ ଧ୍ୟାନ ଧାରଣା ତପସ୍ୟାଦି ଫଳବତୀ ହେବ ହିଁ ହେବ ॥

ଭଣିତା କରିଲୁ ଗଣିକା ପଣେ,
ଦଣ୍ଡ ଦେଶରେ ତ ନହେଲୁ ଜଣେ,
ତୋ ପରି ଅଛନ୍ତି ମୋ ପାଖେ ପଣେ,
ସ୍ୱର୍ଗ ଛିଡା ବୋଲି କିଏ ସେ ଗଣେ ?
ସନମାର୍ନ କିଆଁ ଲୋଡୁ ?
ଚିଆଁ ଲାଗି ଲାଗି, ନିଦ ଭାଙ୍ଗୁନାହିଁ
କୁଆରେ ଭ୍ରମରେ ପଡୁ ॥

# ସଂଘ ସଂବାଦ

ସଂଘ ଶରଣଂ ଗଚ୍ଛାମି ।। ସଂଘ ହିଁ ମୂଳ ।। ସଂଘର ଶରଣ ନେଲେ ଯାଇ ଧର୍ମର ଶରଣ ନେଇ ପାରିବ । ସଂଘ ଓ ଧର୍ମର ଶରଣରେ ନିଷ୍ଠା ଦୃଢ଼ ହେଲେ ଯାଇ ବୁଦ୍ଧଙ୍କଠାରେ ଶରଣାଗତ ହେବ । ବୁଦ୍ଧ ଆଉ କିଏ କି ? ଠାକୁର ହିଁ ବୁଦ୍ଧ । ବୁଦ୍ଧ ଶବ୍ଦର ତାତ୍ପର୍ଯ୍ୟ ହେଉଛି ଜ୍ଞାନରେ ବୁଦ୍ଧତ୍ୱ ପ୍ରାପ୍ତି । ସେ ପରା : ଭାବ ଭୋଳାନାଥ ଜ୍ଞାନ ସାଗର ।।'' ସେହି ଭୋଳାନାଥ ଜ୍ଞାନସାଗର ମୁକତିପଥକୁ ଅଜରାମର କରିଛନ୍ତି । ତେଣୁ ଭକ୍ତିର ପଥ ଏହି ସଂଘ । ପୁଣି, ସେ ସ୍ୱୟଂ ସଂଘ, ଧର୍ମ ଏବଂ ବୁଦ୍ଧ । ସେ ହିଁ ସଂଘର ପ୍ରତିଷ୍ଠାତା । ସେହିଁ ଧର୍ମ ପଥର ମୁକ୍ତିଦାତା ।

'ଚରମ'ର ଚତୁର୍ଥ ପୁଷ୍ପ : ପ୍ରଥମ ପାଖୁଡ଼ା : ଚତୁର୍ଦ୍ଦଶ ସଂଖ୍ୟା ଠାରୁ 'ନୀଳଚକ୍ର' ବିଭାଗରେ 'ସଂଘ ସମ୍ବାଦ' ଶୀର୍ଷକରେ 'ଶାଖା ପରିଚିତି' ସ୍ତମ୍ଭରେ କ୍ଷିତି ଜ୍ୟୋତିଃ ଆଶ୍ରମର ଶାଖା ଗୁଡ଼ିକ ସମ୍ବନ୍ଧରେ ପର୍ଯ୍ୟାୟ କ୍ରମରେ ପରିଚୟ ଦିଆଯାଉଛି । ଗତ ସଂଖ୍ୟାରେ ଶାଖା ନଂ.୧ (ବେଲରପା)ର ପରିଚୟ ଆପଣମାନେ ପାଇସାରିଛନ୍ତି । ଏ ସଂଖ୍ୟାରେ ପଢ଼ିବାକୁ ପାଇବେ କେତକୀ ଶାଖା ନଂ. ୨(ଦୁଇ) କଟି କଟା ସମ୍ପର୍କରେ ।।

ଶାଖା ପରିଚିତି :

କେତନୀ ଶାଖା ନଂ. : ୨ (ଦୁଇ) କଟିକଟା ।।

ଠାକୁରଙ୍କର ୩୭ତମ ଜନ୍ମୋତ୍ସବ ପାଳନ ଅବସରରେ ଅତ୍ୟୁତଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ତା ୨୩।୯।୯୧ରିଖରେ କଟିକଟାସ୍ଥିତ ଭଗବତୀ ଟେକ୍ସଟାଇଲ ମିଲ୍ (ମିଲ୍ ମାଲିକ ଗୁରୁଭାଇ ବାବାଜୀ ଚରଣ ପ୍ରଧାନ) ପ୍ରାଙ୍ଗଣରେ ଚତୁର୍ଥ ସତ୍‌ସଙ୍ଗ ଅଧିବେଶନ ଅନୁଷ୍ଠିତ ହୋଇଥିଲେ ମଧ ମାଳିକା ମତାନୁସାରେ ଠିକ୍ ତତ୍ପରବର୍ଷ ତା ୧୧।୯।୯୨ ରିଖ, ଶୁକ୍ରବାର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ତିଥିରେ ପରମ ପ୍ରେମମୟ ଠାକୁରଙ୍କର ୩୮ତମ ଜନ୍ମୋତ୍ସବ ପାଳନ ଉପଲକ୍ଷେ ଅ.ଗୁ.ବ୍ର.ସଂ.ର ଆହ୍ୱାନ କ୍ରମେ ଦଶମ ସତ୍‌ସଙ୍ଗ ଅଧିବେଶନ ଅବକାଶରେ କେତନୀ ଶାଖା ନମ୍ବର ଦୁଇ ଭାବରେ କଟିଟା ହିଁ ଘୋଷିତ ହୋଇଥିଲା । ଘୋଷଣା ଅନୁସାରେ -

ଶ୍ରୀ ଜଗନ୍ନାଥ ମହାନ୍ତି (ପରିଚାଳକ)

ଶ୍ରୀ ନାରାୟଣ ମଳିକ (କମନ୍ ଭାଇ) - ସହପରିଚାଳକ

ଏବଂ ଶଙ୍କର ଦାସ - ପୂଜକ ଭାବରେ ଏହି ଦୁଇ ନମ୍ବର ଶାଖାର ଦାୟିତ୍ୱ ଗ୍ରହଣ କରିଥିଲେ ।

ସେହିଦିନ ଠାରୁ ବହୁ ବାଧା ପ୍ରତିବନ୍ଧ, ଝଡବତାସ ମଧରେ ଆଜି ପର୍ଯ୍ୟନ୍ତ କଟିକଟା ଶାଖା ପରିଚାଳିତ ହୋଇ ଆସୁଅଛି ଏବଂ କ୍ଷେତ୍ର, ସଂଘ ଓ ପରିଷଦ୍ ସହିତ ଯଥାର୍ଥ ସମନ୍ୱୟ ଓ ସମ୍ବନ୍ଧ ରକ୍ଷା କରିଆସୁଅଛି । ଆମର ଦୁର୍ଭାଗ୍ୟ ପରିଚାଳକ ଶ୍ରୀ ଜଗନ୍ନାଥ ମହାନ୍ତି ଏବେ କଟିକଟା ଶାଖାର ଦାୟିତ୍ୱ ବୁଝା ବୁଝି କରୁନାହାନ୍ତି । ମାତ୍ର ସହପରିଚାଳକ ଶ୍ରୀନାରାୟଣ ମଳିକ ଆମ ସମସ୍ତଙ୍କ ପାଖରେ କମନ୍ ଭାଇ ଯେ ସୁପରିଚିତ ସେ ଏହି ଶାଖାର ସମସ୍ତ ଦାୟିତ୍ୱ ମୁଣ୍ଡେଇଛନ୍ତି ଠାକୁରଙ୍କର ଆଜ୍ଞାଦେଶ ପାଇ ।

କଟିକଟା ଶାଖାର ଗୁରୁଭାଇଭଉଣୀ ମାନଙ୍କର ଅକୁଣ୍ଠିତ ସାହାଯ୍ୟ ସହଯୋଗରେ ପୂର୍ବ ବର୍ଷମାନଙ୍କ ପରି ପ୍ରତିବର୍ଷ ଏହି ପବିତ୍ର ତିଥି ଇନ୍ଦ୍ରୋତ୍ସବ ପୂର୍ଣ୍ଣିମାରେ ବାବାଜୀ ଭାଇଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭଗବତୀ ଟେକ୍ସଟାଇଲ୍ ମିଲ୍ ପରିସରରେ ଶତସହସ୍ର ଗୁରୁଭାଇ ଭଉଣୀ, ଭକ୍ତ, ଶିଷ୍ୟ ଅନୁଗତଙ୍କର ଏକତ୍ର ସମାବେଶରେ ମହା ଆଡମ୍ବରରେ ପ୍ରଭୁପାଦ ଗୁରୁସ୍ୱାମୀ ଠାକୁରଙ୍କର ଜନ୍ମୋତ୍ସବ ତଥା ଶାଖାର କେତନୀ ବାର୍ଷିକୋତ୍ସବ ସର୍ବସଫଳତାର ସହିତ ପାଳିତ ହୋଇ ଆସୁଛି ।

ତା ୧୧.୯.୯୨ରିଖ, ଶୁକ୍ରବାର, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା - ଶାଖା ନଂ ୨, ଭାବରେ ଉଦ୍‌ଘୋଷିତ ।

ତା ୩୦.୯.୯୩ ରିଖ, ଗୁରୁବାର, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା - ପ୍ରଥମ ବାର୍ଷିକୋତ୍ସବ ।

ତା ୧୯.୯.୯୪ରିଖ, ସୋମବାର, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା - ଦ୍ୱିତୀୟ ବାର୍ଷିକୋତ୍ସବ ।

ତା ୯.୯.୯୫ ରିଖ, ଶନିବାର, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା - ତୃତୀୟ ବାର୍ଷିକୋତ୍ସବ ।

ତା ୨୭.୯.୯୬ରିଖ, ଶୁକ୍ରବାର, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା - ଚତୁର୍ଥ ବାର୍ଷିକୋତ୍ସବ ।

ଏହା ବ୍ୟତୀତ ପ୍ରତ୍ୟେକ ଶାଖା ପରି ଏହି ଶାଖାରେ ମଧ ପ୍ରତି ବର୍ଷ ଅକ୍ଷୟ ତୃତୀୟା ତିଥିରେ ଯଥାରୀତି ସଂଘ ଓ କେତନର ଜନ୍ମ ବାର୍ଷିକୋତ୍ସବ, ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ଉପଲକ୍ଷେ ପ୍ରଭୁଙ୍କର ଆବିର୍ଭାବ ତିଥି ଅବସର ପୂର୍ବରୁ ସପ୍ତାହ ବ୍ୟାପୀ ଭାଗବତ ପାରାୟଣ ମଧ୍ୟ ଅନୁଷ୍ଠିତ ହୋଇ ଆସୁଛି ।

କଟିକଟା ଶାଖା ଉନ୍ମୋଚନ ସମ୍ବନ୍ଧରେ ମହାପୁରୁଷ ବିରଚିତ ମାଳିକାରେ ବହୁ ତଥ୍ୟ ରହିଛି । ସୁଧୀ ପାଠକ ପାଠିକା, ଗ୍ରାହକ ଗ୍ରାହିକାଙ୍କର ଅବଗତି ନିମନ୍ତେ ନିମ୍ନରେ ସେଥିରୁ କେତୋଟି ପଦ ଉଦ୍ଧାର କରାଯାଉଛି । ଏହି ପଦାବଳୀରୁ କଟିକଟାର ଐତିହ୍ୟସୁଗାନ୍ତବାଦ ଅନୁକ୍ରମରେ ଅବବୋଧ କରାଯାଇପାରେ ।

''ସପତ ଋଷି ଅଗ୍ରଣୀ କ୍ରତୁ ମହାତପୀ ।
ସତ୍ୟରେ ସ୍ୱୟଂ ଆଶ୍ରମ ଏହିଠାରେ ସ୍ଥାପି ।।୧।।
ନିରାକାର ପରଂବ୍ରହ୍ମ ସହିତରେ ଭାବ ।
ନିରନ୍ତର ଲଗାଇଯେ କରିଥିଲେ ଠାବ ।।୨।।
ତ୍ରେତୟାରେ ଜହ୍ଲାଦଙ୍କ ତପଭୂମି ଥିଲା ।
ଦ୍ୱାପର ବେଳକୁ ବାବୁ ସରଧୁଁ ଆସିଲା ।।୩।।
କଳିର କରାଳ ବେଳେ ଜାଣିବୁଟି ଅନ୍ତେ ।
ପରଂବ୍ରହ୍ମ ବିଜେକରି ଆସିବରେ ପ୍ରାନ୍ତେ ।।୪।।
କେତନ ଧ୍ୱଜା ଉଡାଇ ସଦ୍‌ସଙ୍ଗେ ବସି ।
ଗୁପତେ ଭେଟିବୁ ରାମ ଆସ୍ଥାନେ ପ୍ରବେଶି ।।୫।।
ସନ ମସିହା ବାବୁରେ ଗୁପତ ରଖିବୁ ।
ଶତଭିଷାସାତତ୍ରିଂଶ ଊନବିଂଶ ନେବୁ ।।୬।।
ଦଶ ଆଠ ବାର ବାବୁ ଗୁଣି ମିଶା ଜାଣ ।
ବାଣ ଗୁଣି ବେନି ଷଡ ତିନି ଘେନି ଟାଣ ।।୭।।
କୁମ୍ଭ ଚନ୍ଦ୍ର ଚାରିଦଶ ପାଞ୍ଚଗୁଣ ଚାରି ।
ଭାଦ୍ରବ ସିଂହ ଦଣ୍ଡରେ ଭାବକୁ ବିଚାରୀ ।।୮।।
ଏହିଦିନ ବୃହସ୍ପତି ଚଳନରେ ଧାମ ।
ଇନ୍ଦ୍ର ପୂର୍ଣ୍ଣିମା ମନରେ ଆଣିବୁଟି ରାମ ।।୯।।
କେତନ ଧ୍ୱଜା ଉଡିବ କଟିକଟା ଠାରେ ।
ଭକତ ଜନଟି ରୁଣ୍ଡ ହୋଇବେ କଟିରେ ।।୧୦।।

କଳିପାଦ ଦେବା ଦିନୁ ରାମ କର୍ଣ୍ଣେ ଶୁଣ ।
ଚୋରି ଲୁଟ ତରାଜ ଯେ ଦସ୍ୟୁ ବୃତ୍ତି ଜାଣ ॥୧୧॥
ଦିନୁ ଦିନ କଳୁ ମୃଷ ପାପଭରା ରାମ ।
ହୋ ଆତଙ୍କ ପଡିଲା ସଭିଏଁ ଟି ଗ୍ରାମ ॥୧୨॥
ମୂରୁଖ ଜନଙ୍କୁ ତୁହି ନ କହିବୁ ଆସ ।
କହିଲେ ହେବଟି ବୁଦ୍ଧି ଜାଣିବୁରେ ନାଶ ॥୧୩॥
ଗୁପତ କଥା ଟି ତୋତେ କହିଲି ବୁଝାଇ ।
ଅଛୁତି ପାମର ତୋତେ ରହିଛି ଅନାଇ ॥୧୪॥''

ମାଳିକା ପଦାବଳୀରୁ ସ୍ପଷ୍ଟ ପ୍ରମାଣ ମିଳେ ଯେ, ସତ୍ୟ ଠାରୁ ଆରମ୍ଭ କରି କଳିର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ କଟି କଟା ମାଟି ବହୁ ସିଦ୍ଧତପା ମୁନି ଋଷି ଓ ସାଧୁ ସନ୍ଥଙ୍କର ନିବାସ ସ୍ଥଳୀ ହୋଇ ଆସିଅଛି । ସତ୍ୟଯୁଗର କଥା । ସପ୍ତର୍ଷି (କ୍ରତୁ, ପୁଲହ, ପୁଲସ୍ତ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରୀଚି) ମଧ୍ୟରୁ ସର୍ବ ପ୍ରଥମ ଋଷି କ୍ରତୁ ଏହି କଟିକଟାର ନିତ୍ବୃତ୍ତ ଅରଣ୍ୟରେ ନିଜର ଆଶ୍ରମ ସ୍ଥାପନ କରି ନିରାକାର ପରଂବ୍ରହ୍ମଙ୍କ ସହିତ ନିରନ୍ତର ଭାବ ଲଗାଇ ସ୍ୱୟଂ ବ୍ରହ୍ମତ୍ୱ ପ୍ରାପ୍ତ ହୋଇଥିଲେ । ତ୍ରେତୟା ଯୁଗରେ ଜହ୍ନୁ ଋଷିଙ୍କର ତପସ୍ୟା ସ୍ଥଳଥିଲା ଏହି କଟିକଟାରେ । ଜହ୍ନୁ ଋଷି ତପଶ୍ଚରଣରେ ପୂର୍ଣ୍ଣତା ଲାଭ କରି ସାକାର ବ୍ରହ୍ମ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ସୂକ୍ଷ୍ମ ଦର୍ଶନ କରିଥିଲେ କଟିକଟାଠାରେ । ଦ୍ୱାପର ସଂସ୍କୃତିର କଥା । ସରଧୁଁ ବୋଲି ଥିଲେ ଜଣେ ଋଷି । ସେ ଏହି ମାଟିରେ ତପସ୍ୟା ବଳରେ ନିରାକାର ବ୍ରହ୍ମଙ୍କଠାରୁ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇଥିଲେ ଏହି କଟିକଟା ତପୋବନରେ । କଳିଯୁଗରେ ଆଜକୁ ଅଢେ଼ଇ ହଜାର ବର୍ଷ କିମ୍ବା ତହିଁରୁ ଅଧିକ ବର୍ଷ ପୂର୍ବେ କଟିକଟାର ଘୋର ଜଙ୍ଗଲରେ ଜଣେ ଦସ୍ୟୁ ଆଡ୍ଡା କରି ରହୁଥିଲା ସେ ସମୟରେ କଳିର ପ୍ରଭାବରୁ ଏଠାରେ ଓ ଏହାର ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଚୋରି ଲୁଟ ତରାଜ ଏବଂ ଦସ୍ୟୁ ବୃତ୍ତି ପ୍ରବଳ ଭାବରେ ହେଉଥିଲା । ଦିନକୁ ଦିନ ଦସ୍ୟୁ ଓ ତା'ର ଦଳବଳଙ୍କର କୁକର୍ମ ହେତୁ ଏ ଅଞ୍ଚଳରେ କଳୁଷ (ପାପ)ର ଭାରା ବଢ଼ିଚାଲିଲା । ଦସ୍ୟୁଜଣକ ପଥିକ ମାନଙ୍କୁ ଲୁଟ୍ କରିସାରିଲା ପରେ କଟି (ଅଣ୍ଟା) ଠାରୁ କାଟି ଦୁଇ ଗଡ କରିଦେଉଥିଲା । ଫଳରେ କ୍ରମରେ ସେ (ବୌଦ୍ଧ ଯୁଗର ଅନ୍ୟତମ ଦସ୍ୟୁ ଅଙ୍ଗୁଳିମାଳ) ଅନ୍ୟ ଦସ୍ୟୁ ପରି କଟିକଟା ଦସ୍ୟୁ ନାମରେ କୁଖ୍ୟାତ ହୋଇଗଲା । ଦିନକୁ ଦିନ କଟିକଟା ଦସ୍ୟୁର ଅତ୍ୟାଚାରରେ ଚାରିଆଡେ ହୋ ହଲ୍ଲା ଓ ଆତଙ୍କ ଖେଳିଗଲା । ସେହି ବୌଦ୍ଧଯୁଗର ଘଟଣା । ଦିନେ ବୌଦ୍ଧଭିକ୍ଷୁ ନୀରାହାରୀ ସେହି ପଥ ଦେଇ ରତ୍ନଗିରିକୁ ଅରଣ୍ୟପଥରେ ଯାଉଥାଆନ୍ତି । କଟିକଟା ଦସ୍ୟୁର ହାବୁଡରେ ସେ ଯୋଗକୁ ପଡିଗଲେ । ମାତ୍ର ନିୟତିର ବିଧାନ ଥିଲା ବିଚିତ୍ର । ଭିକ୍ଷୁ ନୀରାହାରୀଙ୍କର ଧ୍ୟାନ ଚକ୍ଷୁ, ଜ୍ଞାନ ମୂର୍ତ୍ତି ଓ ନିର୍ଭୀକ ଆଧ୍ୟାତ୍ମିକ ଶକ୍ତି ନିକଟରେ ଦୁର୍ଦ୍ଧର୍ଷ କଟିକଟା ଦସ୍ୟୁ ଆତ୍ମସମର୍ପଣ କଲା । ଦସ୍ୟୁର ଆତିଥ୍ୟ ଗ୍ରହଣ କଲେ ନୀରାହାରୀ ମାତ୍ର ଗୋଟିଏ ଦିନ ପାଇଁ । ବୌଦ୍ଧ ଯୁଗର ଭିକ୍ଷୁ ନୀରାହାରୀଙ୍କ ସଂସ୍ପର୍ଶରେ ଆସି ସେ ସେହିଦିନ ଠାରୁ ଦସ୍ୟୁ ବୃତ୍ତି ତ୍ୟାଗ କରି ରତ୍ନଗିରିର ବୌଦ୍ଧବିହାରରେ ପରବର୍ତ୍ତୀ ସମୟରେ ସ୍ଥାନ ପାଇ ସଂଘର ଆଶ୍ରୟ ନେଲେ ।

କଳିର କରାଳ ସମୟରେ ସ୍ୱୟଂ ପରଂବ୍ରହ୍ମ ସାକାର ହୋଇ କଟିକଟାର ସିଦ୍ଧ ମାଟିରେ ବିଜେ କରିବା କଥା ମାଳିକାରେ ସ୍ପଷ୍ଟ ଉଲ୍ଲେଖ ରହିଛି । ସାକାର ବ୍ରହ୍ମଙ୍କ ଉପସ୍ଥିତିରେ କଟିକଟାଠାରେ ସନାତନ ଧର୍ମ ଧ୍ୱଜା ସନାତନୀ କେତନ ଉତ୍ତୋଳନ କରାଯିବ, ସଦ୍ ସଙ୍ଗ ଅନୁଷ୍ଠିତ ହେବ ଏବଂ ସ୍ୱୟଂ ଠାକୁରେ ସେହି ସତ୍‌ସଙ୍ଗରେ

ଉପସ୍ଥିତ ହୋଇ ମଞ୍ଚାସୀନ ହେବେ ବୋଲି ମାଳିକା ପଦରୁ ଜାଣିବାକୁ ମିଳେ । ଅଚ୍ୟୁତଙ୍କ ଭକ୍ତପ୍ରବର ରାସଦାସ ମଧ୍ୟ ସେହି ସତ୍‌ସଙ୍ଗରେ ଗୋପନ ପ୍ରବେଶ କରି ସାକାର ବ୍ରହ୍ମଙ୍କୁ ଦର୍ଶନ କରିବେ ।

ମାଳିକାର ଏହି ଉକ୍ତି ସତ୍ୟରେ ପରିଣତ ହୋଇଛି । ତା ୨୩।୯।୯୧ରିଖରେ ଅନୁଷ୍ଠିତ ସତ୍‌ସଙ୍ଗରେ ଠାକୁରେ ସ୍ୱୟଂ ଉପସ୍ଥିତ ଥିଲେ । ମାତ୍ର ସେହି ସତ୍‌ସଙ୍ଗ କେତନ ସତ୍‌ସଙ୍ଗ ନଥିଲା । ତା ୧୧।୯।୧୯୯୨ରିଖର କେତନ ସତ୍‌ସଙ୍ଗରେ ମଧ୍ୟ ଠାକୁରେ ଉପସ୍ଥିତ ହୋଇଥିଲେ । ସେହିଦିନ ରାମଦାସ ମଧ୍ୟ ପ୍ରଭୁଙ୍କ ସତ୍‌ସଙ୍ଗ ସ୍ଥଳରେ ଗୋପନରେ ଭେଟି ଦର୍ଶନ କରି ପ୍ରଣାମ ନିବେଦନ କରିଥିଲେ । ସେଦିନ ଥିଲା ଶତଭିଷା ନକ୍ଷତ୍ର । ଦଣ୍ଡ ସାତ+ତ୍ରିଂଶ=୩୭ ଓ ୧୯ ଅର୍ଥାତ୍ ଦ ୩୭।୧୯।। ଦଶ ଆଠ ବାର = ୧୦x୮+୧୨=୯୨ମସିହା । ବାଣ ଗୁଣି ବେନି =୫x୨=୧୦+ଷଡ଼ ତିନି ୧୦+୬+୩=୧୯ ଅର୍ଥାତ୍ ୧୯୯୨ ମସିହାରେ ଏହା ମାଳିକା ମତେ କଟିକଟାଠାରେ ଘଟିବ ବୋଲି ଆଜକୁ ପ୍ରାୟ ୫୫୦ ବର୍ଷ ପୂର୍ବରୁ ସିଦ୍ଧପୁରୁଷ ଅଚ୍ୟୁତାନନ୍ଦ ଲେଖି ଯାଇଥିଲେ । ଆଜି ତାହା ଅକ୍ଷରେ ଅକ୍ଷରେ ସତ୍ୟରେ ପ୍ରମାଣିତ ହୋଇଛି । କୁମ୍ଭ ମାସରେ ଚନ୍ଦ୍ରରେ, ଦଶ ପାଞ୍ଚ ଗୁଣ ଚାରି ଅର୍ଥାତ୍ ୫x୪=୨୦+୧୦x୪=୪୦=୬୦ଦଣ୍ଡ ଭାଦ୍ରବ ମାସ ସିଂହ ରାଶି ଭୋଗରେ, ଯେଉଁଦିନ ଧରାଧାମରେ ବୃହସ୍ପତି ଚଳନ ହେବ, ଇନ୍ଦ୍ରପୂର୍ଣ୍ଣିମା ତିଥି ହୋଇଥିବ, ସେହିପରି ଯୋଗରେ କଟିକଟା ଠାରେ ସନାତନୀ କେତନ ଉଡିବ ବୋଲି ଭବିଷ୍ୟତ ବାଣୀ ମାଳିକା ପଦାବଳୀରୁ ଜଣାଯାଏ । ବାସ୍ତବରେ ସିଦ୍ଧ ପୁରୁଷଙ୍କର ଭବିଷ୍ୟତ ବାଣୀ ସତ୍ୟରେ ପରିଣତ ହୋଇଛି ତା ୧୧।୯।୯୨ ରିଖରେ । ସେହିଦିନ ସେହିସ୍ଥଳରେ ସୂକ୍ଷ୍ମ ଶରୀରରେ ଥିବା ୩୨ ଜଣ ସୂକ୍ଷ୍ମ ଯୋଗୀ ପ୍ରଭୁଙ୍କର ପାଦପଦ୍ମରେ ଲୀନ ହୋଇ ମୁକ୍ତିଲାଭ କଲେ । ସେଦିନଟି ଥିଲା ୧୯୯୨ ମସିହା ସେପ୍ଟେମ୍ବର ମାସ, ଏଗାର ତାରିଖ, ଶୁକ୍ରବାର ଇନ୍ଦ୍ର ପୂର୍ଣ୍ଣିମା ତିଥି, ଯେଉଁ ଦିନ କି ବୃହସ୍ପତି ଚଳନ ହୋଇଥିଲା । ମହାପୁରୁଷଙ୍କ ବାଣୀ ସତ୍ୟ ସିଦ୍ଧ ବୋଲି ପ୍ରମାଣିତ ହେଲା, ଅକ୍ଷରେ ଅକ୍ଷରେ ।।

କଟିକଟା ଶାଖାର ସହପରିଚାଳକ କମନ୍ ଭାଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାଖାର ସାପ୍ତାହିତ ସତ୍‌ସଙ୍ଗ ବୈଠକ ପ୍ରତି ଗୁରୁବାର ସନ୍ଧ୍ୟାରେ ଯଥାରୀତି ହେଉଛି । ପ୍ରତ୍ୟହ ସଞ୍ଜେ ସକାଳେ ପୂଜକ ଶଙ୍କର ଭାଇ ଶ୍ରୀ ବିଗ୍ରହ ଶ୍ରୀ ପାଦୁକାପୂଜା ଅର୍ଚ୍ଚନାଦି ବିଧିପୂର୍ବକ ସମାପନ କରୁଅଛନ୍ତି ।

ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ମହାଭବିଷ୍ୟ ବାଣୀକୁ ସତ୍ୟରେ ପରିଣତ କରିଛନ୍ତି ସାକାର ବ୍ରହ୍ମ ପରମ ମଙ୍ଗଳମୟ ଠାକୁରେ । ଯୁଗ ଯୁଗର ମହାତପା ଋଷି ମାନଙ୍କର ସିଦ୍ଧଜ୍ୟୋତି ରେଖାରେ ଜ୍ୟୋତିର୍ମୟ ଏହି କଟିକଟା ମାଟି । ଏ ମାଟି ଲଲାଟରେ ଲଗାଇ ଏହି କଳିକାଳର ଅନ୍ତିମ ପର୍ଯ୍ୟାୟରେ ବହୁ ଭକ୍ତ ମହା ଆନନ୍ଦ ଲାଭ କରୁଅଛନ୍ତି ।

**ଓଁ ପରମବ୍ରହ୍ମଣେ ନମ !!!**

❋❋❋

# ଆଶ୍ରମ ସନ୍ଦେଶ

ତା୯।୧୧।୯୬ରିଖ (ଶନିବାର) : ଆଡି ରାତି ଘ. ୧୦.୪୫ମି. ସମୟରେ ଠାକୁରେ କାର୍ ଯୋଗେ ଦକ୍ଷିଣ ଭାରତ ପରିକ୍ରମାରେ ଆଶ୍ରମରୁ ଯାଇ କଟକରେ ନନ୍ଦଭାଇ (ଶ୍ରୀ ହରିହରନନ୍ଦ)ଙ୍କ ବାସଭବନରେ ରାତ୍ରିଯାପନ କରିଥିଲେ ।

ତା୧୦।୧୧।୯୬ରିଖ (ରବିବାର): ଆଜି ସକାଳ ଘ.୯.୨୦ମି. ସମୟରେ ଠାକୁରେ କଟକରୁ ଦକ୍ଷିଣଭାରତ ପରିକ୍ରମାରେ କାର୍‌ଯୋଗେ ଯାତ୍ରା କଲେ । ସାଙ୍ଗରେ ଯାଇଥିଲେ ଅନୁଭାଇ, ମାଧବ ଭାଇ, ଯାଦବ ଭାଇ ଓ ଶିପୁରା ବାବୁଲି ଭାଇ ।

ପ୍ରକାଶ ଥାଉକି : ମାଳିକା ମତାନୁସାରେ ଠାକୁରେ ଉତ୍ତର ଭାରତ ପରିକ୍ରମା ପରେ ଦକ୍ଷିଣଭାରତ ପରିକ୍ରମାରେ ଯାଇ ଆନ୍ଧ୍ର ପ୍ରଦେଶର ଅନୁଆରୋମର ନାରାୟଣୀ ମନ୍ଦିର, ପଣ୍ଡିଚେରିର ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ଯୋଗାଶ୍ରମ ଅରୋଭିଲ ତିରୁପତି, କନ୍ୟାକୁମାରୀ, ସ୍ୱାମୀ ବିବେକାନନ୍ଦ ଯୋଗାଶ୍ରମ ରାମେଶ୍ୱର ଇତ୍ୟାଦି ଧର୍ମପୀଠ ଓ ତୀର୍ଥସ୍ଥାନ ମାନ ସଭକ୍ତ ପରିଦର୍ଶନ କରି ତା ୨୫।୧୧।୯୬ରିଖ ସୋମବାର, ପବିତ୍ର ରାସ ପୂର୍ଣ୍ଣିମା ଦିନ ପୁରୀ ଦେଇ ରାତ୍ର ଘ୧୨ଣ୍ଟା ସମୟରେ ଭୁବନେଶ୍ୱର ଗୁରୁଭାଇ ତ୍ରିପାଠୀ ଭାଇଙ୍କ ବାସଭବନରେ ପହଞ୍ଚିଲେ ।

ତା୧୯।୧୧।୯୬ରିଖ(ମଙ୍ଗଳବାର) : ରୋଧପୁର ଶାଖାର ବାର୍ଷିକ ଉତ୍ସବ ନିରାଡ଼ମ୍ବର ଭାବରେ ଯଥାବିଧି ପାଳିତ ହୋଇଯାଇଛି ।

ତା୨୫।୧୧।୯୬ରିଖ (ସୋମବାର): ପବିତ୍ର ରାସପୂର୍ଣ୍ଣିମା ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସରରେ କ୍ଷେତ୍ର ପରିଚାଳନା କମିଟି ତରଫରୁ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଆଜି ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ଆଶ୍ରମ ପରିସରରେ ଭାବଗମ୍ଭୀର ପରିବେଶ ମଧ୍ୟରେ ହଜାର ହଜାର ଗୁରୁଭାଇ ଭଉଣୀ ଆଶ୍ରମଗତ ଅଗଣିତ ଭକ୍ତ ଅନୁଗତଙ୍କ ମନୋଜ୍ଞ ସମାବେଶରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ୪୨ତମ ଆବିର୍ଭାବ ଉତ୍ସବ ମହାଡ଼ମ୍ବରରେ ମନୋରମ ଭାବରେ ପାଳନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସତ୍‌ସଙ୍ଗ ଅନୁଷ୍ଠାନରେ ଠାକୁରଙ୍କର ତତ୍ତ୍ୱ ଦର୍ଶନ ଏବଂ ଲୀଳା ପ୍ରସଙ୍ଗ ସହିତ ଶରତରାସର ଆଲୋଚନା ସର୍ବ ସାଫଲ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଶେଷରେ ସମବେତ ସମସ୍ତଙ୍କୁ ଆନନ୍ଦବଜାରରେ ଅନ୍ନ ପ୍ରସାଦ ବିତରଣ କରାଯାଇଛି ।

ତା୩।୧୨।୯୬ରିଖ (ମଙ୍ଗଳବାର) : ଆଜି ପବିତ୍ର ପ୍ରଥମାଷ୍ଟମୀ ତିଥୀ ରାତିର ବିଳମ୍ବିତ ପ୍ରହରରେ ପ୍ରାୟ ଗୋଟାଏ ବେଳେ ଠାକୁରେ ସ୍ୱର୍ଣ୍ଣକ୍ଷେତ୍ରକୁ ପ୍ରତ୍ୟାବର୍ତ୍ତନ କରିଅଛନ୍ତି ।

ତା୬।୧୨।୯୬ରିଖ (ଶୁକ୍ରବାର) : ସତ୍‌ସଙ୍ଗ ରୌପ୍ୟଜୟନ୍ତୀର ବାର୍ଷିକ ଉତ୍ସବ ଜଗତପୁର (କଟକ) ପ୍ରସ୍ତାବିତ ଶାଖାରେ ସମବେତ ଗୁରୁଭାଇଭଉଣୀଙ୍କ ସମାବେଶରେ ସରଳ ନିରାଡ଼ମ୍ବର ଭାବରେ ହୋମଯଜ୍ଞାଦି ଅନୁଷ୍ଠାନ ସହିତ ପାଳିତ ହୋଇଅଛି ।

ତା୭।୧୨।୯୬ରିଖ (ଶନିବାର) : କୃଷ୍ଣାଦ୍ୱାଦଶୀ ତିଥି : ପୂର୍ବନିର୍ଦ୍ଧାରିତ ସୂତ୍ର ଅନୁଯାୟୀ ଆଜି ଦିବା ୧.୪୦ମି ସମୟରେ ଗୁରୁଭାଇ ଉପେନ୍ଦ୍ର ନାଥ ଯେନା ଶ୍ରୀଶ୍ରୀଶ୍ରୀ ଗୁରୁସ୍ୱାମୀଙ୍କୁ ସୁବର୍ଣ୍ଣ ନିର୍ମିତ କଳସ ନିବେଦନ ।

ତା୧୫।୧୨।୯୬ରିଖ (ସୋମବାର): ଚାୟାଁପାଳର ଗୁରୁଭାଇ ଧନେଶ୍ୱର ଯେନାଙ୍କ ପରିବାରବର୍ଗଙ୍କର ସହଯୋଗରେ ତାଙ୍କରି ବାସଭବନରେ ବାର୍ଷିକ ଗୀତାଯଜ୍ଞାନୁଷ୍ଠାନ ସର୍ବସାଫଲ୍ୟରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ସମବେତ ସମସ୍ତଙ୍କୁ ମଧ୍ୟାହ୍ନରେ ଆନନ୍ଦବଜାରରେ ଅନ୍ନ ପ୍ରସାଦ ବିତରଣ ହୋଇଛି ।

ତା୨୦।୧୨।୯୬ରିଖ (ଶୁକ୍ରବାର): ମୋକ୍ଷଦା (ଶୁକ୍ଳା) ଏକାଦଶୀ କେନ୍ଦୁଝର ଜିଲ୍ଲାର କେନ୍ଦୁଝରଗଡ଼ ଉପକଣ୍ଠସ୍ଥ ରାହାଙ୍କି ଶାଖାର ବାର୍ଷିକ କେତନ ସତ୍‌ସଙ୍ଗ ଉତ୍ସବ ପାଳିତ ହୋଇଅଛି ।

ତା୨୨।୧୨।୯୬ରିଖ (ରବିବାର): ଅନଙ୍ଗ (ଶୁକ୍ଳା) ତ୍ରୟୋଦଶୀ କେନ୍ଦୁଝର କେନ୍ଦ୍ରୀୟ ଶାଖାର ବାର୍ଷିକ କେତନ ସତ୍‌ସଙ୍ଗ ମହାସମାରୋହରେ ଉଦ୍‌ଯାପିତ ହୋଇଅଛି ।

ତା୩୧।୧୨।୯୬ରିଖ (ମଙ୍ଗଳବାର) : କୃଷ୍ଣାଷଷ୍ଠୀ : ଅତ୍ୟୁତଗୁପ୍ତବ୍ରହ୍ମ ସଂଘ ଆନୁକୂଲ୍ୟରେ କ୍ଷିତିଜ୍ୟୋତିଃ ଆଶ୍ରମର ୩ ନମ୍ବର ଶାଖା ପ୍ରହରାଜପୁରର କେତନ ବାର୍ଷିକ ଉତ୍ସବ ଏବଂ ଏତଦୁପଲକ୍ଷେ ସତ୍‌ସଙ୍ଗ ଅନୁଷ୍ଠାନାଦି ଯଥାରୀତି ବିଧିବଦ୍ଧ ଭାବରେ ପାଳିତ ଓ ଉଦ୍‌ଯାପିତ ହୋଇ ଯାଇଛି ।

ତା୧।୧।୯୭ରିଖ (ବୁଧବାର) : ଇଂରାଜୀ ମତେ ନୂତନ ବର୍ଷ : ଆଜି ପ୍ରଭାତରୁ ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତିଃ ଆଶ୍ରମ ପରିସର ଅଗଣିତ ଭକ୍ତ ଅନୁଗତ ଶିଷ୍ୟ ଗୁରୁଭାଇ ଭଉଣୀଙ୍କ ସମାବେଶରେ ଭରପୂର ହୋଇଯାଇଛି । ସମସ୍ତେ ଠାକୁରଙ୍କୁ ଦର୍ଶନ କରି ପବିତ୍ର ପଦ୍ମପାଦପୀଠରେ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରିଅଛନ୍ତି । ଅନେକେ ଠାକୁରଙ୍କୁ ନବବର୍ଷର ଶୁଭେଚ୍ଛାପତ୍ର ନୂତନ ଡାଇରୀ ଆଦି ଉପହାର ଦେଇଅଛନ୍ତି । ଠାକୁରେ ସମସ୍ତ ଦର୍ଶନ ପ୍ରାର୍ଥୀଙ୍କୁ ଦର୍ଶନଦେଇ ନବବର୍ଷରେ ଆଶୀର୍ବାଦ ଦେଇଅଛନ୍ତି । ଆଜି ସଂଧ୍ୟା ପର୍ଯ୍ୟନ୍ତ ଆଶ୍ରମ ପରିସରରେ ଭକ୍ତଙ୍କର ଗହଳି ଲାଗିଛି ।

(୨) ଆଜି ହାଟପଡାର ଗୁରୁଭାଇ ନିରଂଜନ ଭୂୟାଁ କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ ଏବଂ ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାସଗୃହରେ ଅଷ୍ଟମ ପ୍ରହର ବ୍ୟାପୀ ନାମ ସଂକୀର୍ତ୍ତନ ସର୍ବଶୁଭରେ ଅନୁଷ୍ଠିତ ହୋଇଛି । ସମବେତ ସମସ୍ତ ଦିବ୍ୟାତ୍ମାମାନଙ୍କୁ ପରିବାର ତରଫରୁ ଆନନ୍ଦବଜାରରେ ପ୍ରସାଦ ବିତରଣ କରାଯାଇଅଛି ।

❋❋❋

ଆମର ଲକ୍ଷ୍ୟ : ଚରମପ୍ରାପ୍ତି